
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୧୯ ଡିସେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 19 DECEMBER 2022
Vol.No. 33 ■ No. 330 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଶ୍ରଦ୍ଧାଞ୍ଜଳି ଖୋଲିଲେ ଅର୍ଚ୍ଚନାଙ୍କ ଗୁମର !

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଗତକାଲି ଦିନ ପ୍ରାୟ ସାଢେ ୧୦ଟା ବେଳେ ପ୍ରବର୍ତନ ନିର୍ଦ୍ଦେଶାଳୟରେ ହାଜର ହୋଇଥିଲେ ଶ୍ରଦ୍ଧାଞ୍ଜଳି ବେହେରା । ଅର୍ଚ୍ଚନାଙ୍କ ସେକ୍ସଟର୍ସନ ମାମଲାରେ ଶ୍ରଦ୍ଧାଞ୍ଜଳି ଅନ୍ୟତମ କାର୍ପଟଦାର । ପ୍ରାୟ ୩ଥର ନୋଟିସକୁ ଏଡାଇବା ପରେ ଶେଷରେ ଇଡି କାର୍ଯ୍ୟାଳୟକୁ ଆସିବାକୁ ବାଧ ହୋଇଥିଲେ ଶ୍ରଦ୍ଧାଞ୍ଜଳି ବେହେରା । କୁହାଯାଉଛି ଅର୍ଚ୍ଚନାଙ୍କୁ ରିମାଣ୍ଡରେ ଆଣି ପାଇଥିବା ତଥ୍ୟ ଆଧାରରେ ଶ୍ରଦ୍ଧାଞ୍ଜଳିଙ୍କୁ ପ୍ରଶ୍ନ କରିଥିଲେ ଇଡିର ଅଧିକାରୀ । ହେଲେ ସେ ତଦନ୍ତରେ ସହ ଯୋଗ କରିନଥିଲେ । କିନ୍ତୁ ଅର୍ଚ୍ଚନାଙ୍କ ସହ ମୁହାଁମୁହିଁ ବସାଇ ଜେରା କରିବା ପରେ ଖୋଲିଥିଲେ ସବୁ ଗୁମର ।






ଅର୍ଚ୍ଚନା ଯେବେଠାରୁ ବ୍ଲାକମେଲିଂ ଖେଳ ଆରମ୍ଭ କରିଛନ୍ତି ସେବେଠାରୁ ତାଙ୍କ ସହ ଥିଲେ ଶ୍ରଦ୍ଧାଞ୍ଜଳି । ଶେଷଥର ପାଇଁ ଏମାନେ ଫିଲ୍ମ ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକମେଲ କରିଥିଲେ । ଯାହାପରେ ଗିରଫ ହେଲା ଅର୍ଚ୍ଚନା । ଏପରିକି ଶ୍ରଦ୍ଧାଞ୍ଜଳି ଖଣ୍ଡଗିରି ଥାନାରେ ମଧ ଅର୍ଚ୍ଚନାଙ୍କ ବିରୋଧରେ ଏତଲା ଦେଇଥିଲେ । ତେଣୁ ଦୁହିଁଙ୍କୁ ଏକାଠି ବସାଇ ଜେରା କରିଛନ୍ତି ଇଡି ଅଧିକାରୀ । ଖଣ୍ଡଗିରି ଥାନାରେ ଅର୍ଚ୍ଚନାଙ୍କ ବିରୋଧରେ ଏତଲା ଦେଇ ନିଜକୁ ପୀଡିତା ବୋଲି ଦର୍ଶାଇଥିଲେ ଶ୍ରଦ୍ଧାଞ୍ଜଳି । ହେଲେ ଇଡି ତାଲିକାରେ ସେ ଅନ୍ୟତମ ଅଭିଯୁକ୍ତ । ବାରମ୍ବାର ଇଡି ସମନକୁ ଏଡାଇବା ପରେ ଶେଷରେ ହାଜର ହୋଇଥିଲେ ଶ୍ରଦ୍ଧାଞ୍ଜଳି ବେହେରା । ଆଉ ତାଙ୍କୁ ଖୁବଶୀଘ୍ର ଗିରଫ କରାଯାଇପାରେ ବୋଲି ସୂଚନା ମିଳିଛି । ସେପଟେ ଖଣ୍ଡଗିରି ଥାନାରୁ ଏକ ବନ୍ଦ ଲଫାପାରେ ଅର୍ଚ୍ଚନାଙ୍କ ଡାଏରୀ ଇଡି ଆଣିଥିବା ଜଣାପଡିଛି । ଅନ୍ୟପକ୍ଷରେ ଇଡିର ବରିଷ୍ଠ ଅଧିକାରୀମାନେ ମଧ ରାଜ୍ୟ ଫୋରେନସିକ ଲାବୋରେଟୋରୀରୁ ଅର୍ଚ୍ଚନା ଓ ଜଗବନ୍ଧୁଙ୍କ ଲାପଟପ, ପେନଡ୍ରାଇଭ, ହାର୍ଡଡିକ୍ସ ଓ ମୋବାଇଲ ଫୋନର ସବିଶେଷ ତଥ୍ୟ ସଂଗ୍ରହ କରିଛନ୍ତି । ଯାହାକୁ ଧରି ତଦନ୍ତ ଆଗକୁ ବଢୁଛି । ତେଣୁ କେଉଁ ଇଙ୍ଗ ଚେହେରା ଆଗକୁ ସାମ୍ନାକୁ ଆସିବ ତାକୁ ନେଇ ଉତ୍କଣ୍ଠା ବଢୁଛି ।

## ଭାରତୀୟ ନୌସେନାର ବଢିଲା ଶକ୍ତି : ସାମିଲ ହେଲା ଆଇଏନଏସ ମୋର୍ମୁଗାଓ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଶ୍ୱ ଦେଖିଲା ଭାରତର ଶକ୍ତି । ସମୁଦ୍ର ପଥକୁ ସୁରକ୍ଷିତ କରିବା ପାଇଁ ସ୍ୱଦେଶୀ ଜ୍ଞାନକୌଶଳରେ ଏମିତି ଏକ ଯୁଦ୍ଧପୋତ ତିଆରି ହୋଇଛି । ଯାହା ରାସାୟନିକ, ଆଣବିକ ଓ ଜୈବିକ ଯୁଦ୍ଧାସ୍ତ୍ର ମାଡ କରିପାରିବ । ଭାରତୀୟ ନୌସେନାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଶକ୍ତି ସଂପନ୍ନ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଆଇଏନଏସ ମୋର୍ମୁଗାଓ ସାମିଲ ହେବା ପରେ ଶତ୍ରୁ ଛାତିରେ ଛନକା ପଶିଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମୁମ୍ବାଇରେ ନୌସେନାର ଡକୟାର୍ଡରେ ଏହି ବିଧ୍ୱଂସକାରୀ ଯୁଦ୍ଧ ଜାହାଜକୁ ନୌସେନାରେ ସାମିଲ କରିଛନ୍ତି । ଚୀନ ସହ ସୀମାରେ ଉତ୍ତେଜନା ଓ ଭାରତ ମହାସାଗରରେ ଡ୍ରାଗନର ଉପସ୍ଥିତି ଭିତରେ ଆଇଏନଏସ ମୋରମୁଗାଓ ସାମିଲ ହେବା



ଗୁରୁତ୍ୱପୂର୍ଣ୍ଣ । ଚାଲବାଜ ଚୀନକୁ ଡୁବେଇ ମାରିବା ପାଇଁ ଭାରତୀୟ ନୌସେନାକୁ ଏବେ ବ୍ରହ୍ମାସ୍ତ୍ର ମିଳିଯାଇଛି । ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ପି-୧୫ବି ଷ୍ଟିଲ୍ଥ ଗାଇଡେଡ୍ ମିଶାଇ ବିଧ୍ୱଂସକାରୀ ଯୁଦ୍ଧଜାହାଜ ହେଉଛି ଆଇଏନ୍ଏସ୍ ମୋର୍ମୁଗାଓ । ଗୋଆର ଐତିହାସିକ ବନ୍ଦର ମୋର୍ମୁଗାଓ ନାଁ ଅନୁସାରେ ଏହି ଯୁଦ୍ଧ ଜାହାଜର ନାମକରଣ କରାଯାଇଛି । ଅତ୍ୟାଧୁନିକ ସେନସର ଓ ରାଡାର କ୍ଷମତା ସଂପନ୍ନ ଯୁଦ୍ଧ ଜାହାଜ ଭାରତୀୟ ନୌସେନାକୁ ମିଳିଛି । ଆଇଏନଏସ ମୋର୍ମୁଗାଓକୁ ଭାରତ ନିର୍ମିତ ସବୁଠାରୁ ଘାତକ ଯୁଦ୍ଧ ଜାହାଜ ବୋଲି କୁହାଯାଉଛି । ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଯୁଦ୍ଧ ଜାହାଜର ୭୫ ପ୍ରତିଶତ ଅଂଶ ଭାରତରେ ନିର୍ମିତ ହୋଇଛି, ବଡ କଥା ହେଉଛି ଏହା ଆତ୍ମନିର୍ଭର ଭାରତ ଯୋଜନାରେ ତିଆରି କରାଯାଇଛି ।

### ଭାରତ ଯୋଡ଼ୋ ଯାତ୍ରାରେ ସାମିଲ ହେବେ କମଲ ହାସନ

ନୂଆଦିଲ୍ଲୀ, ୧୮/୧୨ : ଲୋକପ୍ରିୟ ହେଉଛି ଭାରତ ଯୋଡ଼ୋ ଯାତ୍ରା । ସମାଜର ବିଭିନ୍ନ ବର୍ଗର ଲୋକେ ଏହି ଯାତ୍ରାରେ ସାମିଲ ହେଥିବା ବେଳେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନେ ଏହି ଯାତ୍ରାରେ ଯୋଗ ଦେଉଛନ୍ତି । କଳା, ସାହିତ୍ୟ, ଅର୍ଥନୀତି, ସିନେମା ଏମିତି ବିଭିନ୍ନ କ୍ଷେତ୍ରରେ ଖ୍ୟାତିସମ୍ପନ୍ନ ବ୍ୟକ୍ତିମାନେ ରାହୁଲ ଗାନ୍ଧିଙ୍କ ସହ ପଦଯାତ୍ରାରେ ଚାଲୁଛନ୍ତି । ଗତ ସପ୍ତାହରେ ପୂର୍ବତନ ଆର୍‌ବିଆଇ ଗଭର୍ଣ୍ଣର ରଘୁରାମ ରାଜନ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ସହ ଭାରତ ଯୋଡ଼ୋ ଯାତ୍ରାରେ ଯୋଗଦେଇଥିଲେ । ସେହିପରି ଅଭିନେତା ତଥା ରାଜନେତା କମଲ ହାସନ ଭାରତ ଯୋଡ଼ୋ ଯାତ୍ରାରେ ଯୋଗ ଦେବାକୁ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ଡିସେମ୍ବର ୨୪ରେ ସେ ପୂର୍ବତନ କଂଗ୍ରେସ ସଭାପତି ରାହୁଲ ଗାନ୍ଦିଙ୍କ ଭାରତ ଯୋଡୋ ଯାତ୍ରାରେ ଯୋଗଦେବେ । କମଲଙ୍କ ଦଳ ମକ୍କାଲ ନିଧି ମୟମଙ୍କ ଅନୁଯାୟୀ, ସୁପରଷ୍ଟାର କମଲ ହାସନଙ୍କୁ ରାହୁଲ ଏହି ଯାତ୍ରାରେ ଯୋଗଦେବାକୁ ନିମନ୍ତ୍ରଣ କରିଛନ୍ତି । ଭାରତ ଯୋଡା ଯାତ୍ରା ଡିସେମ୍ବର ୨୪ରେ ଦିଲ୍ଲୀରେ ପ୍ରବେଶ କରିବ । ପ୍ରାୟ ଆଠ ଦିନର ବିରତି ପରେ ଏହା ଆସନ୍ତା ମାସରେ ଜମ୍ମୁ କଶ୍ମୀରରେ ପ୍ରବେଶ କରିବା ପୂର୍ବରୁ ଭାଜପା ନେତୃତ୍ୱାଧୀନ ଉ ରପ୍ରଦେଶ, ହରିୟାଣା ଏବଂ ପଞ୍ଜାବକୁ ଯିବ । ନିକଟରେ ଏହି ଯାତ୍ରା ୧୦୦ ଦିନ ପୂରଣ କରିଛି । କଂଗ୍ରେସ ଏକ ସଫଳତା ବୋଲି କହିଛି । କନ୍ୟାକୁମାରୀଠାରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ତାମିଲନାଡୁ, କେରଳ, କର୍ନାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର କରି ଆଠଟି ରାଜ୍ୟକୁ ଛୁଇଁସାରିଲାଣି ।

## ଚାଇନା ପ୍ରଡକ୍ଟକୁ ବୟକଟ ପାଇଁ ନାରା ଦେଲେ କେଜ୍ରିୱାଲ

ନୂଆଦିଲ୍ଲୀ, ୧୮/୧୨ : ଅରୁଣାଚଳ ପ୍ରଦେଶର ଏଲ୍ଏସି (ପ୍ରକୃତ ନିୟନ୍ତ୍ରଣ ରେଖା) ନିକଟସ୍ଥ ତୱାଙ୍ଗ ସେକ୍ଟରରେ ଭାରତ ଏବଂ ଚାଇନା ସେନା ମୁହାଁମୁହିଁକୁ ନେଇ ପୁଣି ଥରେ ବୟକଟ ନାରା ଦେଇଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ । ସେ ଚାଇନା ଉତ୍ପାଦକୁ ବୟକଟ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଚାଇନାର ଉତ୍ପାଦ ବଦଳରେ ଆମେ ଦୁଇଗୁଣା ଅଧିକ ଦାମ ପଡ଼ିଲେ ମଧ ଦେଶୀ ଉତ୍ପାଦ କିଣିବା । ଆମ ସେନା ଦେଶର ଗର୍ବ ବୋଲି ଦିଲ୍ଲୀ ସେ କହିଥିଲେ । ମୁଁ ଯବାନଙ୍କର ସାହସକୁ ନମସ୍କାର କରୁଛି । ଆହତ ଯବାନଙ୍କ ଉଦ୍ଦେଶ୍ୟରେ ସେ କହିଛନ୍ତି ଯେ,



ମୁଁ ସେମାନଙ୍କର ଆରୋଗ୍ୟ ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି । ପୂର୍ବରୁ କେଜ୍ରିୱାଲ ଚୀନ ସହିତ ବାଣିଜ୍ୟ ବନ୍ଦ କରିବାକୁ ଦାବି କରିଛନ୍ତି । କେଜ୍ରିୱାଲ କହିଥିଲେ ଯେ, ଆମେ କାହିଁକି ଚାଇନା ସହିତ ଆମର ବାଣିଜ୍ୟ ବନ୍ଦ କରୁନାହୁଁ ଚାଇନାରୁ ଆମଦାନୀ ହେଉଥିବା ଅଧିକାଂଶ ସାମଗ୍ରୀ ଭାରତରେ ନିର୍ମାଣ କରାଯାଉଛି । ଆମଦାନୀ ବନ୍ଦ କରିଦେଲେ ଚୀନ୍ ଏକ ଶିକ୍ଷା ପାଇବ ଏବଂ ଭାରତ ରୋଜଗାର ପାଇବ । ତୱାଙ୍ଗ ସେକ୍ଟରର ଲାଇନ୍ ଅଫ୍ ଆକ୍ଟୁଆଲ୍ କଣ୍ଟ୍ରୋଲ୍ ନିକଟରେ ଡିସେମ୍ବର ୯ରେ ଭାରତ ଏବଂ ଚୀନ୍‌ର ସୈନିକଙ୍କ ମଧ୍ୟରେ ସଂଘର୍ଷ ଘଟିଥିଲା ଯେଉଁଥିରେ ▶▶ପୃଷ୍ଠା ୭

### କଂଗ୍ରେସରେ ମିଶିଲେ ସଙ୍ଗୀତକାର ଗୁଡ଼ଲି ରଥ ଏବଂ ଗାୟିକା ପମି ମିଶ୍ର

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଶିଷ୍ଟ ଓଡ଼ିଆ ସଙ୍ଗୀତକାର ଗୁଡ଼ଲି ରଥ ଏବଂ ଗାୟିକା ପମି ମିଶ୍ର ଆଜି କଂଗ୍ରେସ ଦଳରେ ଯୋଗ ଦେଇଛନ୍ତି । କଂଗ୍ରେସ ଭବନ ଠାରେ ରାଜ୍ୟ ପ୍ରଭାରୀ ତଥା ସାଂସଦ ଏ. ଚେଲ୍ଲା କୁମାର ଓ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗ ଦେଲେ । ଏହି ଅବସରରେ ସେ କହିଛନ୍ତି ଯେ ତାଙ୍କ ବାପା ମଧ କଂଗ୍ରେସ ବିଧାୟକ ଥିଲେ । ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ଯାତ୍ରାରୁ ଅନୁପ୍ରାଣିତ ହୋଇ ସେ କଂଗ୍ରେସର ହାତ ଧରିଲେ ବୋଲି ଗୁଡ଼ଲି ରଥ ପ୍ରତିକ୍ରିୟା ରଖିଛନ୍ତି ।

### ବାରଙ୍ଗ ଥାନା ଏଏସ୍ଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବାରଙ୍ଗ ଥାନା ଏଏସ୍ଆଇଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ନନ୍ଦନକାନନର ପଦାସାହି ଘରୁ ଏଏସଆଇ ଅଶୋକ ପ୍ରଧାନଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଏ ସମ୍ପର୍କରେ ସୂଚନା ମିଳିବା ପରେ ପୋଲିସ୍ ଘଟଣାସ୍ଥଳରେ ପହଂଚି ଛାନ୍‌ଭିନ୍ କରିଛି । ମୃତଦେହକୁ ନେଇ ତଦନ୍ତ ଆରମ୍ଭ ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ମୃତକ ଏଏସଆଇ ବାରଙ୍ଗ ଥାନାରେ କାର୍ଯ୍ୟରତ ଥିଲେ । ପ୍ରାଥମିକ ତଦନ୍ତରୁ ଏଏସ୍ଆଇଙ୍କର ଆତ୍ମହତ୍ୟାଜନିତ ମୃତ୍ୟୁ ହୋଇଥିବା ନେଇ ସନ୍ଦେହ କରାଯାଉଛି । ପୁଲିସ ମୃତଦେହ ଜବତ କରି ଏସସିବି ମେଡିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ନେଇଥିବା ଜଣା ପଡିଛି ।

## ରାଜଧାନୀରେ ମଶା ମାରିବାକୁ ବିଏମ୍‌ସି ଅପଣାଇଲା କୋଲକାତା ମଡେଲ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଯୁଆଡେ ଦେଖିବ ସିଆଡେ ମଶା ଭଣଭଣ । ଘର ହେଉ ଅବା ନାଳନର୍ଦ୍ଦମା ସବୁଠି ମଶା ହାଉଯାଉ ହେଉଛନ୍ତି । ଦିନ ହେଉ ଅବା ରାତି ମଶାରି ନ ଟାଙ୍ଗିଲେ ନିସ୍ତାର ନାହିଁ । ମଶାଙ୍କ ପ୍ରାଦୁର୍ଭାବ ନେଇ ଅତିଷ୍ଠ ହୋଇପଡିଲେଣି ଟ୍ୱିନ୍ ସିଟି ବାସିନ୍ଦା । ତେବେ ଡେରିରେ ହେଉ ପଛେ ଚେତିଛି ବିଏମସି । ସରଳ ଉପାୟ ଛାଡି ଏବେ ବ୍ୟୟ ବହୁଳ ଉପଚାର ଆରମ୍ଭ କରିଛି । କୋଲକାତା ମଡେଲରେ ରାଜଧାନୀ ଭୁବନେଶ୍ୱରରେ ଆରମ୍ଭ ହୋଇଛି ମଶା ଦମନ ପ୍ରକ୍ରିୟା । ଡ୍ରୋନ୍ ପଦ୍ଧତିରେ ମଶାଙ୍କ ଉତ୍ପତିସ୍ଥଳ ଚିହ୍ନଟ ସହ ଡ୍ରୋନରେ ମଶା ବଂଶ ନାଶ ପାଇଁ କୀଟନାଶକ ସ୍ପ୍ରେ କରାଯାଉଛି । ୭ ଦିନ ମଧରେ ରାଜଧାନୀରେ ମଶାଙ୍କ ପ୍ରାଦୃର୍ଭାବ କମାଇବା ଲକ୍ଷ୍ୟରେ ରହିଛି ବିଏମସି । ପ୍ରଥମେ ଟ୍ରାଏଲ ନିଳାଦ୍ରୀ ବିହାର ଅଞ୍ଚଳରୁ



ଆରମ୍ଭ ହୋଇଛି । ଦୈନିକ ୧୦ଟି ସ୍ଥାନରେ ପ୍ରାୟ ୧୦୦ ଲିଟର କୀଟନାଶକ ସ୍ପ୍ରେ ପାଇଁ ଯୋଜନା ହୋଇଛି । ସେପଟେ ସୋମବାରଠାରୁ ୱାର୍ଡ ୱାରୀ ୩୦ ଜଣ ସଫେଇ କର୍ମକାରୀ ଏକା ସମୟରେ ନାଳ ନର୍ଦ୍ଦମାରେ ମଶା ତେଲ ପକାଇବା ନେଇ ଯୋଜନା ପ୍ରସ୍ତୁତ ହୋଇଛି । ରାଜଧାନୀରେ ବୁଲି ବୁଲି ମଶା ଧୁଆଁ ଦେବା ପାଇଁ ପୂର୍ବରୁ ୨ଟି ଗାଡି ଥିବା ବେଳେ ଏବେ ଏହି ସଂଖ୍ୟା ୯କୁ ବୃଦ୍ଧି କରାଯାଇଛି । ଏନେଇ ବିଏମସି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି । ଏପଟେ ବିଏମସିର ମଶା ମରା ଉପଚାରକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଲୋକେ । ମଶା ବଂଶ ନାଶ ପାଇଁ ଏବେ ନାଳନର୍ଦ୍ଦମାରେ କୀଟନାଶକ ପକାଯାଉଛି, ହେଲେ ବର୍ଷା ପରେ ପରେ ମଶା ଜନ୍ମ ସମୟରେ କୀଟନାଶକ ଛିଞ୍ଚନ ହେଲାନି, ଏବେ ଉଡାନ୍ତ ଅବସ୍ଥାରେ ମଶା ବଂଶ କିପରି ନାଶ ହେବ ବୋଲି ପ୍ରଶ୍ନ କରିଛନ୍ତି ଲୋକେ । ତେବେ ଡ୍ରୋନ ଯୋଗେ ମଶାମରା ଅଭିଯାନ କେବଳ ବିଶ୍ୱକପ ହକି ପାଇଁ ନା ସବୁ ଦିନିଆ, ଏନେଇ ରାଜଧାନୀବାସୀଙ୍କ ମନରେ ପ୍ରଶ୍ନ ।

## ଅଣାୟତ୍ତ ହେଉଛି ପୁରୀର ଡାଇରିଆ ପରିସ୍ଥିତି

ପୁରୀ, ୧୮/୧୨ (ନି.ପ୍ର): ସହର ଭିତରେ ନାଳନର୍ଦ୍ଦମା ନା' ନାଳନର୍ଦ୍ଦମା ଭିତରେ ସହର । ପୁରୀର ଏସବୁ ଚିତ୍ର ଦେଖିଲେ, ଏଭଳି କିଛି ପ୍ରଶ୍ନ ଆସିବା ସ୍ୱାଭାବିକ । ଆଉ ଏସବୁ ଭିତରେ ପୁଣି ଅଭିଯୋଗ ଆସିଛି ଡାଇରିଆ ଜନିତ ମୃତ୍ୟୁ ଅଭିଯୋଗ । ଝାଡାବାନ୍ତିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ଆସିଥିବା ବେଳେ ଆକ୍ରାନ୍ତଙ୍କ ବଢ଼ିବାରେ ଲାଗିଛି । ପୁରୀର ବାସେଳିସାହି ଓ ଆଖପାଖ ଅଂଚଳରେ ଦୂଷିତ ପାଣି ପିଇ ଘରେ ଘରେ ଝାଡାବାନ୍ତି ବ୍ୟାପୁଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଦୃଷ୍ଟିରେ ରଖି ତତ୍ପରତା ପ୍ରକାଶ ପାଇଛି । ବାସେଳିସାହି ମୌଜାର ୯୬୨



ଜଣଙ୍କ ଘରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଯାଞ୍ଚ କରାଯାଇଛି । ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ବୁଲି, ତଥ୍ୟ ସଂଗ୍ରହ କରୁଛନ୍ତି । ଏସବୁ ଭିତରେ ୧୦୦ରୁ ଅଧିକ ଲୋକ ଅସୁସ୍ଥ ଥିବା ବେଳେ ୪୦ରୁ ଅଧିକ ଲୋକ ଡାଇରିଆରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି । ଡାଇରିଆ ରୋଗୀଙ୍କ ସଂଖ୍ୟାକୁ ଦେଖି ଜଳ ନମୂନା ସଂଗ୍ରହ କରାଯାଇଥିଲା । ତେବେ ରିପୋର୍ଟ ନେଗେଟିଭ୍ ଆସିଛି, ଯାହା ସାମାନ୍ୟ ଆଶ୍ୱସ୍ତ କରିଛି । ତେବେ ଦେଖିବାର କଥା, ପୁରୀର ଏହି ସ୍ଥିତି ନିୟନ୍ତ୍ରଣକୁ ଆସୁଛି କେବେ ?

## ବାରମ୍ବାର ପରାଜୟ ପରେ ୨୦୨୪ରେ ଜୋରଦାର ଲଢ଼େଇ ପାଇଁ କଂଗ୍ରେସର ରଣନୀତି

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଜେଡି ଓ ବିଜେପିର ୨୦୨୪ ପ୍ଲାନକୁ ଟକ୍କର ଦେବ କଂଗ୍ରେସର ହାତ ସେ ହାତ ଯୋଡ ଯାତ୍ରା । ରାଜ୍ୟରେ ଦଳ ପ୍ରତି ସମର୍ଥନ କମୁଥିବାବେଳେ ନୂଆ ରଣନୀତି ନେଇ ଲୋକଙ୍କ ପାଖକୁ ଯିବ କଂଗ୍ରେସ । ନୂଆ ବର୍ଷରେ ନୂଆ ରଣନୀତି ସହ ଜାନୁଆରୀ ୨୬ରୁ ଆରମ୍ଭ ହେବ ହାତ ସେ ହାତ ଯୋଡ ଯାତ୍ରା । ଯାତ୍ରା ସମୟରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଙ୍କ ପାଖକୁ ନେବ କଂଗ୍ରେସ । ରାଜ୍ୟ ପ୍ରଭାରୀ ଚେଲ୍ଲା କୁମାରଙ୍କ ଉପସ୍ଥିତିରେ ଦଳର ବରିଷ୍ଠ ନେତା, ବିଧାୟକ ଓ ଜିଲ୍ଲା ସଭାପତି ଙ୍କ ଉପସ୍ଥିତିରେ ଏହି ନିଷ୍ପତି ନିଆଯାଇଛି । କଂଗ୍ରେସର ବରିଷ୍ଠ ନେତା ନରସିଂହ ମିଶ୍ର ମାନିଛନ୍ତି କୌଣସି ନା କୌଣସି କାରଣରୁ କଂଗ୍ରେସ ଉପରୁ ଲୋକଙ୍କ ଆସ୍ଥା ତୁଟିଯାଉଛି । ଏଥିପାଇଁ ଆଲୋଚନାର ଆବଶ୍ୟକତା ରହିଛି । ଦଳ ସଚେତନ ନ ହେଲେ ଆଗକୁ କୌଣସି ପ୍ରଭାବ ପଡିବ ନାହିଁ ବୋଲି କହିଛନ୍ତି ନରସିଂହ । ତେବେ ସେ ଦୃଢୋକ୍ତି ପ୍ରକାଶ କରିଛନ୍ତି, କଂଗ୍ରେସକୁ ସୁଦୃଢ କରାଯିବ । ଗାଁକୁ ଗାଁ ବୁଲି ଲୋକଙ୍କୁ ଭେଟିବେ କର୍ମୀ । ରାହୁଲଙ୍କ ବାର୍ତା ଲୋକଙ୍କ ପାଖରେ ପଂହଚାଯିବ । ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ଷମତାରୁ ଦୂରେଇ ରହିବା ପରେ କଂଗ୍ରେସ ପ୍ରତି ଜନସମର୍ଥନ କମିବାରେ ଲାଗିଛି । ଧାମନଗର ଓ ପଦ୍ମପୁର ଆସନରେ ଦଳ ଅମାନତ ହରାଇଛି । ଏପରିକି ପଦ୍ମପୁରରେ ଭୋଟ ବିକ୍ରି ଅଭିଯୋଗ କଂଗ୍ରେସ ଉପରେ ଆସିଛି । ଏଭଳିସ୍ଥଳେ କଂଗ୍ରେସ ପୁଣି ଲୋକଙ୍କ କେତେ ଆସ୍ଥାଭାଜନ ହେବ ସେ ନେଇ ଆଶଙ୍କା ପ୍ରକାଶ ପାଇଛି । ଦେଶରେ ରାହୁଲ ଭାରତ ଯୋଡ ଯାତ୍ରା କରୁଛନ୍ତି । ଏପଟେ ରାଜ୍ୟରେ ମଧ ଏହି ଯାତ୍ରା କରାଯାଇଛି । କିନ୍ତୁ ଆଭ୍ୟନ୍ତରୀଣ କନ୍ଦଳ ଥମିବାର ନାଁ ନେଉନାହିଁ । ତେଣୁ ସବୁ ନେତା ଏକଜୁଟ ହୋଇ ମିଶନ ୨୪ ପାଇଁ କାମ କରିବାର ସମୟ ଆସିଛି ।

## ବିହାର ମଦ ମୃତ୍ୟୁ ମାମଲାରେ ତଦନ୍ତ କରିବ ମାନବାଧିକାର କମିଶନ

ପାଟନା, ୧୮/୧୨ : ବିହାରର ସାରନ ଜିଲ୍ଲାରେ ବିଷାକ୍ତ ମଦ ମୃତ୍ୟୁଜନିତ ଘଟଣାରେ ମୃତ୍ୟୁସଂଖ୍ୟା ୨୦୦ରେ ପହଞ୍ଚିଛି । ଗୁରୁତର ଅସୁସ୍ଥ ଲୋକଙ୍କ ଚିକିତ୍ସା କରାଯାଇଥିଲା ବେଳେ ସେମାନଙ୍କ ମଧ୍ୟରୁ ଆଉ କିଛି ଲୋକଙ୍କ ଇତିମଧ୍ୟରେ ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇ ବିହାର ରାଜନୀତି ସରଗରମ ହୋଇଛି । ବର୍ତ୍ତମାନ ସୁଦ୍ଧା ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୧୨୬ ଜଣ ଚୋରା ମଦ ବେପାରୀଙ୍କୁ ଧରାଯାଇଥିଲା ବେଳେ ମୋଟ ୪୦୦୦ ଲିଟର ଦେଶୀମଦ ଜବତ କରାଯାଇଥିବା କୁହାଯାଇଛି । ତେବେ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଥିବାରୁ ଜାତୀୟ ମାନବ ଅଧିକାର ଆୟୋଗ ପ୍ରତ୍ୟେକ୍ଷ ଭାବେ ଏହାର ତଦନ୍ତ ଲାଗି ଏକ ଦଳକୁ ଘଟଣାସ୍ଥଳକୁ ପଠାଇବାକୁ ନିଷ୍ପତ୍ତି ନେଇଛି । ଅସୁସ୍ଥମାନଙ୍କୁ କେଉଁଠାରେ ଏବଂ କେଉଁ ପ୍ରକାରର ଚିକିତ୍ସା ଯୋଗାଇ ଦିଆଯାଉଛି ତାହା ଜାଣିବାକୁ ଆୟୋଗ ଚାହୁଁଛନ୍ତି । ଆୟୋଗ କହିଛନ୍ତି ଯେ ଅଧିକାଂଶ ପୀଡିତ ଲୋକ ଗରିବ ପରିବାରର ଅଟନ୍ତି । ସେମାନଙ୍କ ପାଇଁ ଘରୋଇ ଡାକ୍ତରଖାନାରେ ବ୍ୟୟବହୁଳ ଚିକିତ୍ସା ସମ୍ଭବ ନୁହେଁ । ଆୟୋଗ କହିଛନ୍ତି, ପୀଡ଼ିତଙ୍କୁ ରାଜ୍ୟ ସରକାର ଯଥା ସମ୍ଭବ ଚିକିତ୍ସା ଯୋଗାଇଦେବା ଉଚିତ୍ । ଏକ ବିଜ୍ଞପ୍ତିରେ ଆୟୋଗ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଦ୍ୱାରା ଦିଆଯାଇଥିବା ରିଲିଫ୍ ଏବଂ ଥଇଥାନ ବିଷୟରେ ଜାଣିବାକୁ ଆୟୋଗ ଚାହାଁନ୍ତି ଏବଂ ସାରା ରାଜ୍ୟରେ ଥିବା ବେଆଇନ ମଦ ଭାଟି ହଟାଇବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଜାଣିବାକୁ ଚାହାନ୍ତି । ଏହା ପୂର୍ବରୁ ମାନବାଧିକାର ଆୟୋଗ ବିହାରର ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କ ଠାରୁ ବିସ୍ତୃତ ରିପୋର୍ଟ ତଲବ କରିଛନ୍ତି ।

## ବିଶୃଙ୍ଖଳାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ : ଚେଲା କୁମାର

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଶୃଙ୍ଖଳା ଓ ବିଶୃଙ୍ଖଳାକାରୀଙ୍କୁ କୌଣସି ପରିସ୍ଥିତିରେ ଆଉ ବରଦାସ୍ତ କରାଯିବ ନାହିଁ । ସେମାନଙ୍କ ବିରୋଧରେ ଅତି କୋଠୋରୁ କୋଠୋରୁ କାର୍ଯ୍ୟାନୁଷ୍ଠାନ ନିଆଯିବ । ଦଳ ବଡ଼ ବ୍ୟକ୍ତି ବଡ଼ ନୁହେଁ । ଆଜି



ଯେଉଁମାନେ ନିଜକୁ ବହୁ ବଡ଼ ବଡ଼ ନେତାବୋଲି କହୁଛନ୍ତି ସେ ସମସ୍ତେ କଂଗ୍ରେସ ଦଳ ଯୋଗୁଁ ଆଜି ସମାଜରେ ଏହି ସ୍ଥିତିରେ ପଂହଚିଛନ୍ତି । କଂଗ୍ରେସ ଦଳ ଯୋଗୁଁ ବିଧାୟକ, ସାଂସଦ, ମନ୍ତ୍ରୀ ଇତ୍ୟାଦି ହୋଇଛନ୍ତି । ସମାଜରେ ସେମାନଙ୍କର ▶▶ପୃଷ୍ଠା ୭

## ଆଦର୍ଶ ପଡାରେ ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ଶିବିର

ବଲାଙ୍ଗିର, ୧୮/୧୨ (ନି.ପ୍ର): ଆଜି ଆଦର୍ଶ ପଡା ସମାଜ ଗୃହ ଠାରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କନ୍ଧପାଲି (ରାଜେନ୍ଦ୍ର ଯୁବକ ସଂଘ ଦ୍ୱାରା ସଂଯୋଜିତ) ତରଫରୁ ଏକ ଅଣ ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି । ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ମାଗଣାରେ ଔଷଧ, ରକ୍ତ ପରୀକ୍ଷା ଓ ଡାକ୍ତର ପରାମର୍ଶ ଇତ୍ୟାଦି ସେବା ଯୋଗାଇ ଦିଆଯାଇଥିଲା । ଏଥିରେ ୧୭୦ ରୁ ଉର୍ଦ୍ଧ ସ୍ଥାନୀୟ ଲୋକ ସ୍ୱାସ୍ଥ୍ୟସେବା ଲାଭ କରିଥିଲେ । ଏହି ସ୍ୱାସ୍ଥ୍ୟ ଶିବିରକୁ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଫିସରୁ ଅତିରିକ୍ତ ଯୋଜନା ପରିଚାଳକ ରାମାନୁଜ ପଣ୍ଡା ଓ ୟୁ ଡି ଏମ ଅନିଲ କୁମାର ମହାକୁର ଆସି ତଦାରଖ କରିଥିଲେ।

ଉକ୍ତ ଶିବିରରେ ଡାକ୍ତର ନନ୍ଦକିଶୋର ପାଢ଼ୀଙ୍କ ସମେତ ଡାକ୍ତର ଶ୍ରେୟସ୍ ପାଣିଗ୍ରାହୀ ଦାନ୍ତ ଓ ମୁଖ ରୋଗ ବିଶେଷଜ୍ଞ, ଷ୍ଟାଫ ନର୍ସ ରାଧାକାନ୍ତ ନାଏକ, ସନ୍ତୋଷିନି କରନ୍, ଫର୍ମାସିଷ୍ଟ ମୁକେଶ ରଣା, ଏଲ୍ ଟି ପ୍ରମୋଦ କୁମାର ଥାନପତି, ସୁମନ ଭାଟି, ସଗିର ମହମ୍ମଦ, ମାନସ ହୋତା, ସ୍ୱରଜିତ ଶତପଥୀ, ସ୍ଥାନୀୟ ଆଶା ଦିଦି, ଏ ଏନ ଏମ ଦିଦି ପ୍ରମୁଖ ସହଯୋଗ କରିଥିଲେ । ଜାଗ୍ରତ ପାଣିଗ୍ରାହୀ ଏହି ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା ଓ ତଦାରଖ କରିଥିଲେ।

## ଫାଶୀବାଦୀ ବିଜେପିକୁ ହଟେଇବା ପାଇଁ ବାମପନ୍ଥୀ ଗଣତାନ୍ତ୍ରିକ ଶକ୍ତିକୁ ମଜବୁତ୍ କରିବା ପାଇଁ ସିପିଆଇର ଆହ୍ୱାନ

ଜୟପୁର, ୧୮/୧୨ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କୋରାପୁଟ ଜିଲ୍ଲାର ପରିବର୍ଦ୍ଧିତ ପରିଷଦ ବୈଠକ ରାମକୃଷ୍ଣ ଦାସଙ୍କ ସଭାପତିତ୍ୱରେ ସ୍ଥାନୀୟ ଶ୍ରମିକ କର୍ମଚାରୀ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପରିଷଦ ବୈଠକରେ ସିପିଆଇ ଜାତୀୟ ପରିଷଦ ସଭ୍ୟ ତଥା ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଆଶୀଷ କାନୁନଗୋ ପୁନର୍ବାର ସିପିଆଇରେ ଯୋଗଦେଇଥିବା ଶୁଶାନ୍ତ ଅଧିକାରୀଙ୍କୁ ଫୁଲ ମାଳ ଦେଇ ପାର୍ଟିକୁ ସ୍ୱାଗତ କରିଥିଲେ । ରାଜ୍ୟ କାର୍ଯ୍ୟକାରି କମିଟି ସଭ୍ୟ ପ୍ରମୋଦ କୁମାର ମହାନ୍ତି ସ୍ୱାଗତ କରିବା ସହ ଜିଲ୍ଲା ସମ୍ପାଦକ ସଭ୍ୟ ପଦ ରସିଦ ଗ୍ରହଣ କରିଥିଲେ । ଶୁଶାନ୍ତ ଅଧିକାରୀ ନିଜ ରାଜନୈତିକ ଅନୁଭବ ପ୍ରକାଶ କରି ପାର୍ଟି ତାଙ୍କୁ ଗ୍ରହଣ କରିଥିବାରୁ ଆଭାର ପ୍ରକଟ କରିଥିଲେ । ବିଜୟୱାଡା ଠାରେ ଅନୁଷ୍ଠିତ ହୋଇଥିବା ସିପିଆଇର ମହା ଅଧିବେଶନରେ ପାର୍ଟି ର ରାଜନୈତିକ ଓ ସାଂଗଠନିକ ପ୍ରସ୍ତାବ ଉପରେ ଆଲୋଚନା କରି ଆଶୀଷ କାନୁନଗୋ କହିଥିଲେ ଯେ, ଦେଶରେ ମୋଦୀ ସରକାର ଶତକଡା ୩୭ ଭାଗ ଭୋଟ ପାଇ ସରକାର ଗଢି ଦେଶର ସମସ୍ତ ସମ୍ପଦକୁ ଘରୋଇ କମ୍ପାନୀ ମାନଙ୍କୁ ବିକ୍ରି କରି ଦେଶର ଅର୍ଥନୀତିକୁ ଧ୍ୱଂସାଭିମୁଖୀ କରିସାରିଲାଣି । ବେକାରୀ, ଦାରିଦ୍ର୍ୟ, ଦରଦାମ୍ ବୃଦ୍ଧି ପାଇବାରେ ଲାଗିଛି । ଅନ୍ୟ ଦିଗରେ ଆର୍ ଏସ୍ ଏସ୍ ନିର୍ଦ୍ଦେଶନାରେ ଚାଲୁଥିବା କେନ୍ଦ୍ର ସରକାର ଦେଶର ସମ୍ବିଧାନରୁ ଧର୍ମନିରପେକ୍ଷତାକୁ ହଟାଇ ହିନ୍ଦୁ ରାଷ୍ଟ୍ର ପ୍ରତିଷ୍ଠା ପାଇଁ ଉଦ୍ୟମ ଚଳାଇଛନ୍ତି । ଦେଶ ପୁନର୍ବାର ଭାଗ ଭାଗ ହେବାର ବିପଦ ସୃଷ୍ଟି ହେଲାଣି । ବିଜେପିକୁ ଦେଶର ଜନଗଣଙ୍କର ମୁଖ୍ୟ ଶତ୍ରୁ ଭାବେ କମ୍ୟୁନିଷ୍ଟ ପାର୍ଟିର ଜାତୀୟ ମହାସମ୍ମିଳନୀ ଘୋଷଣା କରି ସାରିଛି । ଏହା ବିରୁଦ୍ଧରେ ସମସ୍ତ ବାମପନ୍ଥୀ ଗଣତାନ୍ତ୍ରିକ ଓ ଧର୍ମନିରପେକ୍ଷ ଶକ୍ତି ମାନଙ୍କୁ ନେଇ ଏକ ବିକଳ୍ପ ଗଠନ ପାଇଁ ଆହ୍ୱାନ ଦିଆଯାଇଛି । ଭାରତୀୟ କମ୍ୟୁନିଷ୍ଟ ପାର୍ଟିକୁ ମଜବୁତ୍ କରିବା ପାଇଁ ସଭ୍ୟ ସଂଗ୍ରହ ବୃଦ୍ଧି ସହ ଜନସାଧାରଣଙ୍କ ବଂଚିବାର ସକଳ ସମସ୍ୟା ନେଇ ଆନ୍ଦୋଳନ ବ୍ୟାପକ କରିବା ପାଇଁ କାର୍ଯ୍ୟକ୍ରମ ନିଆଯାଇଛି । ଆସନ୍ତା ଜାନୁଆରୀ ମାସ ତମାମ ସଭ୍ୟ ସଂଗ୍ରହ କରାଯିବା ସହ ସମସ୍ତ ଶାଖା ଓ ଜୋନ୍ ସମ୍ମିଳନୀ ମାନ କରିବା ପାଇଁ କାର୍ଯ୍ୟକ୍ରମ ନିଆଯାଇଛି । ସ୍ଥାନୀୟ ସମସ୍ୟା ମଧ୍ୟରେ ସେବା କାଗଜ କଳକୁ ପୁନଃ କାର୍ଯ୍ୟକ୍ଷମ କରାଇବା ଓ ଶ୍ରମିକ ମାନଙ୍କ ସମସ୍ୟା ସମାଧାନ ପାଇଁ ପାର୍ଟି ସବୁ ସ୍ତରରେ ଆନ୍ଦୋଳନ କରିବା ସହ ଆସନ୍ତା ଫେବୃୟାରୀ - ୨୧ରେ ଭୁବନେଶ୍ୱର ଠାରେ ଗଣ ସମାବେଶକୁ ସଫଳ କରିବା ପାଇଁ ସ୍ଥିର ହୋଇଛି । ଏହି ସମାବେଶ ସଫଳ କରିବା ଓ ପାର୍ଟି ପାଣ୍ଠି ଆଦାୟ ପାଇଁ ଡାକରା ଦିଆଯାଇଛି । ସିପିଆଇ କେନ୍ଦ୍ରରୁ ବିଜେପି ସରକାର ହଟେଇବା ପାଇଁ ଆହ୍ୱାନ ଦେବା ସହ ରାଜ୍ୟର ଜନବିରୋଧୀ ନବୀନ ପଟ୍ଟନାୟକଙ୍କ ସରକାର ବିରୁଦ୍ଧରେ ଓଡ଼ିଶା ବଂଚାଅ ଆନ୍ଦୋଳନକୁ ମଧ୍ୟ ବଳଶାଳୀ କରିବ । ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ପାର୍ଟିର ସାଂଗଠନିକ ରିପୋର୍ଟ ପ୍ରଦାନ କରି ଆଲୋଚନା ପାଇଁ ପ୍ରସ୍ତାବ ଦେଇଥିଲେ । ଆଜିର ପରିବର୍ଦ୍ଧିତ ପରିଷଦ ବୈଠକରେ ଜିଲ୍ଲାର ସହ ସମ୍ପାଦକ କୁମର ଜାନୀ, ମହିଳା କର୍ମୀ ସୁକାନ୍ତି ଗୌଡ, ଘନ ଗୌଡ , ବଳରାମ ନାୟକ, ବୈଦ୍ୟନାଥ ହରିଜନ,ସୁନିତା ନାଗ୍, ସତ୍ୟବ୍ରତ ନନ୍ଦ ବାରା ଜାନୀ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଖଲିଆପାଲି ସ୍କୁଲରେ ୫୦ତମ ପ୍ରତିଷ୍ଠା ଦିବସ ପାଳିତ

ବଲାଙ୍ଗିର, ୧୮/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ(ଡୁଡୁକା) ଅନ୍ତର୍ଗତ ଖଲିଆପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୫୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ପଶାୟତଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ସାଲେଭଟା ଗ୍ରାମପଂଚାୟାତର ସରପଂଚ ତଥା ଆଗଲପୁର ବ୍ଲକ ସରପଂଚ ସଂଘର ସଭାପତି ବିଜୟ କୁମାର ବେହେରା ଯୋଗଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ଆଇନଜୀବି ତଥା ସମାଜସେବୀ ବିଜୟା କୁମାର ଦାସ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଏସ୍.ଟି. ଏସ୍. ସି କର୍ମଚାରୀ ସଂଘର ସଭାପତି ପ୍ରେମରାଜ ନିଆଲ ଏବଂ ବିଶିଷ୍ଟ ହାସ୍ୟ ଅଭିନେତା ବିନ୍ଦୁ ଯୋଗଦେଇଥିଲେ । ଶିକ୍ଷକ ଜ୍ୟୋତିର୍ମୟ ମିଶ୍ର ଅତିଥି ପରିଚୟ ଦେବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ୧୯୬୧ ମସିହାରେ ସ୍ଥାପିତା ହୋଇଥିବା ଏହି ଖଲିଆପାଲି ବିଦ୍ୟାଳୟର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ସମାରୋହ ପାଳନ ନିମନ୍ତେ ଶୁଭ ଖମ୍ବ ସ୍ଥାପିତ ହୋଇଯାଇଛି । ଉପସ୍ଥିତ ଅତିଥି, ପୂରାତନ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଗ୍ରାମବାସୀ ବୃନ୍ଦ ଉକ୍ତ ସୁବର୍ଣ୍ଣ ଜୟନ୍ତୀ ପାଳନରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ମତାମତ ଦେଇଛନ୍ତି ।

ୱାର୍ଡସଭ୍ୟ ବିଘ୍ନେଶ୍ୱର କୁମ୍ଭାର, ଦେବଦତ ଭୋଇ, ସାଲେଭଟାର ପୂର୍ବତନ ୱାର୍ଡ ସଭ୍ୟ ବିପ୍ର ଷାଣ୍ଡ, ଶିକ୍ଷକ ଧିରେନ୍ଦ୍ର କୁମାର ସାହୁ, ସନ୍ତୋଷ କୁମାର ପାଇକଚନ୍ଦନ, ସଂଗୀତା ସାହୁ, ପୂରାତନ ଛାତ୍ରୀ ଜୟ କୁମାରୀ ତାଣ୍ଡି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବଡ଼ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୧୮/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାର ଗଣପର୍ବ 'ବଡ ଯାତ୍ରା' ଆସନ୍ତା ମାର୍ଚ୍ଚ ମାସ ୪ ତାରିଖ ଠାରୁ ମାଲକାନଗିରିରେ ୪ ଦିନ ଧରି ଅନୁଷ୍ଠିତ ହେବ ବୋଲି ଆଜି ମାଲକାନଗିରି ତହସିଲଦାରଙ୍କ କାର୍ଯ୍ୟାଳୟରେ ଏକ ବୈଠକରେ ବଡ ଯାତ୍ରାରେ ମୁଖ୍ୟ ପୂଜକ ସୂଚନା ଦେଇଛନ୍ତି।

ନିଷ୍ପତି ଅନୁଯାୟୀ, ଫେବ୍ରୁଆରୀ ୭ ତାରିଖ ଦିନ ପ୍ରଥମେ ମାଲକାନଗିରିରେ ଏକ ମାସ ଧରି ଅନୁଷ୍ଠିତ ହେଉଥିବା କାନମରାଜୁ, ବାଲରାଜୁ ଓ ପୋତରାଜୁଙ୍କୁ ଏହି ମହାନ ବଡ ଯାତ୍ରା ପୂଜା କରାଯିବ । ଆସନ୍ତା ଫେବୃଆରୀ ୭ ତାରିଖ ଦିନ ପ୍ରଥମେ ପୂଜାରୀ ମାନେ ମାଲକାନଗିରି ଠାରୁ ମାନ୍ୟମକୋଣ୍ଡା ଗମନ କରିବେ ଏବଂ ଆଗାମୀ ଫେବ୍ରୁଆରୀ ୨୭ ତାରିଖ ଦିନ ମାନ୍ୟମ କୋଣ୍ଡା ଓ ଆନ୍ଧ୍ରପ୍ରଦେଶର ପୋଲେରୁରେ ସ୍ନାନ ସାରି କାଲିମେଳା ଦେଇ ମାର୍ଚ୍ଚ ୪ ତାରିଖ ଦିନ କନ୍ୟାମାଝୀ ବନ୍ଧରେ ଯାତ୍ରା ଆରମ୍ଭ ହେବା ସହ ୫ ତାରିଖରେ ମାଣ୍ଡିଆ ଭଟା, ୬ ତାରିଖରେ ମାଉଳି ମା ଓ ୭ରେ ଯାତ୍ରା ଶେଷ ହେବ । ତେବେ ୪ ଦିନ ଧରି ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ ଭକ୍ତଙ୍କ ସମାଗମ ହେବାର ଆଶଙ୍କା ଥିବାରୁ ଭକ୍ତ ମାନେ କିପରି ସୁରୁଖୁରୁରେ ଦର୍ଶନ କରିପାରିବେ ସେଥି ନିମନ୍ତେ ସମସ୍ତ ପ୍ରକାର ବନ୍ଦୋବସ୍ତ କରାଯିବା ନେଇ ଆଜି ମୁଖ୍ୟ ପୂଜାରୀ ବିନୟ ଶତପଥୀ ଓ ରାଜୁ ପୂଜାରୀଙ୍କ ସହ ଆଲୋଚନା କରାଯାଇଥିଲା ।

## କେନ୍ଦୁଝରରେ ଗୋଠଛଡା ଦନ୍ତା ହାତୀର ଆକ୍ରମଣରେ ଜଣେ ମୃତ

କେନ୍ଦୁଝର, ୧୮/୧୨ (ନି.ପ୍ର): କେନ୍ଦୁଝର ରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ଏବେ କେନ୍ଦୁଝର ଜିଲ୍ଲାର ବିଭିନ୍ନ ଅଂଚଳରେ ବଣୁଆ ହାତୀଙ୍କର ଉପଦ୍ରବ ବଢି ବଢି ଚାଲିଛି । ଯେଉଁଥିପାଇଁ ଅନେକ ସମୟରେ ମଣିଷ ଓ ହାତୀଙ୍କ ମଧ୍ୟରେ ଲଢେଇ ଜାରି ରହିଛି । ଏଥିରେ କେତେବେଳେ ହାତୀ ତ କେତେବେଳେ ମଣିଷଙ୍କର ଦୁଃଖଦ ମୃତ୍ୟୁ ହେଉଚି । ଇତି ମଧ୍ୟରେ କେନ୍ଦୁଝରରେ ଅନୁରୂପ ଏକ ଘଟଣା ଦେଖିବାକୁ ମିଳିଛି । କେନ୍ଦୁଝର ଜିଲ୍ଲାର ସଦର ରେଞ୍ଜ ଅନ୍ତର୍ଗତ ବାରିଖଣ୍ଡା ଗ୍ରାମ ନିକଟସ୍ଥ ଜଙ୍ଗଲ କୁ ଏକ ଗୋଠ ଛଡା ଦନ୍ତା ହାତୀ ଚାଲି ଆସିଥିଲା । ଆଜି ସକାଳୁ ହଜାର ହଜାର ସଂଖ୍ୟକ ଲୋକ , ଯୁବକ ଦନ୍ତା ହାତୀକୁ ଦେଖିବାକୁ ରୁଣ୍ଡ ହୋଇଥିଲେ । ରୁଣ୍ଡ ହୋଇଥିବା ଲୋକମାନେ ହାତୀକୁ କେହି କାହାର ଗ୍ରାମକୁ ନପୁରାଇ ଦେବାକୁ ତା ଚାରିପଟେ ଜଗି ରହିଥିଲେ । ବନ କର୍ମଚାରୀ ଙ୍କ ସହ ପୋଲିସ କର୍ମଚାରୀ ସେଠାରେ ଉପସ୍ଥାତ ରହି ହାତୀ ତ୍ୟକ୍ତ ନକରିବାକୁ କିମ୍ବା ଟେକା ପଥର ନମାରିବାକୁ ଲୋକମାନଙ୍କୁ ଡାକବାଜି ଯନ୍ତ୍ର ଦ୍ୱାରା ବାରମ୍ବାର ସଚେତନ କରିଥିଲେ । ତାହା ସତ୍ୱେ ଅପରାହ୍ନ ପ୍ରାୟ ସାଢେ ଚାରିଟା ସମୟରେ ହଠାତ୍ କିଛି ଲୋକ ଜଙ୍ଗଲ ମଧ୍ୟକୁ ପଶି ଯାଇଥିଲେ ଏବଂ ଦନ୍ତା ହାତୀକୁ ପଛପଟୁ ଟେକା ପଥର ମାଡ କରିଥିଲେ । ଫଳରେ ହାତୀ ଦୌଡିବାକୁ ଆରମ୍ଭ କରିଥିଲା । ସେ ସମୟରେ ନୀଳାମ୍ବର ନାମକ ଜମେ ବ୍ୟକ୍ତି ହାତୀର ସମ୍ମୁଖରେ ପଡିଗଲେ । ଦନ୍ତା ହାତୀଟି ତାଙ୍କୁ ଟେକି କଚାଡି ଦେବା ସହ ପାଦରେ ଦଳି ଦେଇଥିଲା । ଛାତିକୁ ମଧ୍ୟ ଦାନ୍ତରେ ଭୁଷି ଦେବା ସହ ଅଣ୍ଡକୋଷକୁ ପାଦରେ ମାଡି ଦେଇଥିଲା । ବନ ବିଭାଗ ଗୁରୁତର ଅବସ୍ଥାରେ ନୀଳାମ୍ବରକୁ ଘଟଣା ସ୍ଥଳରୁ ଉଦ୍ଧାକ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନୀଳାମ୍ବରଙ୍କର ମୃତ୍ୟୁ ହୋଇଯାଇଛି । ମୃତ ନିଳାମ୍ବର ବେହେରାଙ୍କ ଘର ଯାମୁନାଳିଆ ଗରାମରେ ବୋଲି ଜଣା ପଡିଛି । ସେ ହାତୀ ପାଖକୁ କାହିଁକି ଓ କିପରି ଆସିଥିଲେ ତାହା ଜଣା ପଡିନାହିଁ ।

## ପଦାରେ ପଡ଼ିଲା ଅବକାରୀ ବିଭାଗର ଗୁମର

ଜୟପୁର, ୧୮/୧୨ (ନି.ପ୍ର): ପଦାରେ ପଡିଲା ଅବକାରୀ ବିଭାଗ ଓ ପୋଲିସର ଷଡଯନ୍ତ୍ର । ସିସିଟିଭି ଖୋଲି ଦେଲା ଏମାନଙ୍କ ଗୁମର । ଟାର୍ଗେଟ ପୂରଣ ପାଇଁ କିପରି ନିରୀହ ଲୋକକୁ ମଦ ବେପାରୀ ସଜେଇଥିଲା ପୋଲିସ ଓ ଅବକାରୀ ବିଭାଗ ଏହାର ସାଂଘାତିକ ସତ ସାମ୍ନାକୁ ଆସିଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ଅଂଚଳରୁ । କୁଝାରୀ ପଂଚାୟତ ଅନ୍ତର୍ଗତ ଲଦିଯୋଡି ଗାଁର ରଜନୀକାନ୍ତ ବିଷୋୟୀଙ୍କ ଘର ଭିତରକୁ ମଦ ଭର୍ତ୍ତି ରବର ଟ୍ୟୁବ ଫିଙ୍ଗି ମିଥ୍ୟା କେସରେ ତାଙ୍କୁ ଗିରଫ କରିଥିଲା ପୋଲିସ ଓ ଅବକାରୀ ବିଭାଗର ମିଳିତ ଟିମ । ଆଉ ସିସିଟିଭିରେ ପୁରା ଘଟଣା ଧରା ପଡିବା ପରେ ରଜନୀକାନ୍ତଙ୍କୁ କ୍ଷମା ମାଗିବା ସହ ଛାଡି ଦେଇଛି ।

ଅବକାରୀ ବିଭାଗ ରଚୁଛି ଷଡଯନ୍ତ୍ର । ସାହାଯ୍ୟ କରୁଛି ପୋଲିସ । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି କଥାଟା କିନ୍ତୁ ସତ । ଟାର୍ଗେଟ ପୂରଣ କରି ବାହାବାଃ ନେବା ଦେଖନ୍ତୁ କେମିତି ଭୟଙ୍କର ଷଡଯନ୍ତ୍ର ରଚି ଜଣେ ନିରୀହ ବ୍ୟକ୍ତିକୁ ଗିରଫ କରୁଛି ପୋଲିସ ଓ ଅବକାରୀ ବିଭାଗର ମିଳିତ ଟିମ । ଏମାନଙ୍କ ଷଡଯନ୍ତ୍ରର ଗୁମର ଖୋଲି ଦେଇଛି ସିସିଟିଭି । ଦେଖନ୍ତୁ ଏହି ଭିଡିଓ । ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁଝାରୀ ପଂଚାୟତର ଲେଦିଯୋଡି ଗାଁର ରଜନୀକାନ୍ତ ବିଷୋୟୀଙ୍କ ଘରର । ଗାଁରେ ଚାଲିଛି ଚୋରା ଦେଶୀ ମଦ କାରବାର ରୋକିବାକୁ ପୋଲିସ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ । ଆଉ ଏଥିରେ ନିରୀହ ଲୋକଙ୍କୁ ଫସାଇ ଟାର୍ଗେଟ ପୂରଣ କରିବାକୁ ଚେଷ୍ଟା କରୁଛି ଏହି ଟିମ୍ । ଅବକାରୀ ବିଭାଗର ଏଏସଆଇ ଚନ୍ଦ୍ରଶେଖର ରେଡ୍ଡୀ ନିଜେ ମଦ ଭର୍ତ୍ତି ରବର ଟ୍ୟୁବ ରଜନୀକାନ୍ତ ବିଷୋୟୀଙ୍କ ଘର ଭିତରକୁ ଫିଙ୍ଗୁଛନ୍ତି । ଆଉ ଏଥିରେ ସହାୟତା କରୁଛନ୍ତି ତାଙ୍କ ଟିମ ସଦସ୍ୟ । କିଛି ସମୟ ପରେ ରଜନୀକାନ୍ତଙ୍କୁ ଚୋରା ମଦ କାରବାର ଅଭିଯୋଗରେ ଗିରଫ ବି କରାଗଲା । ହେଲେ ଷଡଯନ୍ତ୍ର ରଚିଥିବା ବାବୁ ମାନେ ଜାଣିନଥିଲେ ଯେ ତାଙ୍କର ଏ ସବୁ କାରନାମା ସିସିଟିଭିରେ କଏଦ ହେଉଛି । ଏହାକୁ ନେଇ ତୁମ୍ବି ତୋଫାନ ହେବା ପରେ ଶେଷରେ ଅବକାରୀ ଅଧିକାରୀ ରଜନୀକାନ୍ତଙ୍କୁ କ୍ଷମା ମାଗିବା ସହ ଛାଡି ଦେଇଛି ।

ଚୋରା ଦେଶୀ ମଦ କାରବାର ରୋକିବାକୁ କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଲିଛି ମିଳିତ ଚଢାଉ । ଏଥିପାଇଁ ସାଟେଲାଇଟ ଟିମ ମଧ ଗଠନ କରାଯାଇଛି । ହେଲେ ଚଢ଼ାଉ ସମୟରେ ଅନେକ ମଦ ମାଫିଆ ଟିମକୁ ଚକମା ଦେଇ ଖସି ଯାଉଛନ୍ତି । ତେଣୁ ଔଷଧ ବିକଳରେ ତାଟିଆ କାମୁଡିବା ନାଁରେ ଏବେ ନିରୀହ ଲୋକଙ୍କୁ ଫସାଇ ଟାର୍ଗେଟ ପୂରଣ କରିବାକୁ ଅବକାରୀ ବିଭାଗ ଅପଚେଷ୍ଟା କରୁଛି । ଆଉ ଏପରି ଷଡଯନ୍ତ୍ର ମାନବାଧିକାରର ଉଲଂଘନ । ଏପରି କ୍ଷେତ୍ରରେ ପୋଲିସ ଓ ଅବକାରୀ ବିଭାଗର ବିଶ୍ୱସିନୀୟତା ମଧ କମୁଛି । ତେଣୁ ଘଟଣାର ତଦନ୍ତ କରିବା ସହ ଏହି ଘଟଣାରେ ସଂପୃକ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଅଭିଯୋଗକାରୀଙ୍କ ଓକିଲ ଏବଂ ସ୍ଥାନୀୟ ସମାଜସେବୀ । ଘଟଣାକୁ ନେଇ ରାଜ୍ୟ ସରକାର ଓ ରାଜ୍ୟ ମାନବାଧିକାର କମିଶନରଙ୍କ ନିକଟରେ ଫେରାଦ ହେବେ ବୋଲି ଚେତାବନୀ ବି ଦେଇଛନ୍ତି । ନିରୀହ ଲୋକଙ୍କୁ ମଦବେପାରି ସଜେଇ ଜେଲ ପଠାଇବା ଅବକାରୀ ବିଭାଗ ର ଷଡଯନ୍ତ୍ର ଏବେ ସାମ୍ନା କୁ ଆସିଛି । ସିସିଟିଭି ଭିଡିଓ ଲାଗି ରଜନୀ କୁ ଛାଡିଦେଲେ ଅବକାରୀ କର୍ମଚାରୀ । ଅବକାରୀ ବିଭାଗ ର କର୍ମଚାରୀ ଙ୍କ ବିରୋଧ ରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେଉଛି ତାହାକୁ ହୀ ଅପେକ୍ଷା ।

## ପାଞ୍ଚଟି ଶ୍ରେଣୀକୁ ଜଣେ ଶିକ୍ଷକ: ଶିକ୍ଷାଦାନ ଓ ପରୀକ୍ଷା ପରିଚାଳନାରେ ସମସ୍ୟା

ସାଲେପୁର , ୧୮/୧୨ (ନି.ପ୍ର): ନିଶ୍ଚିନ୍ତକୋଇଲି ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ବାଲିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ ବିପର୍ଯ୍ୟସ୍ତ ପାଲଟିଛି । ବିଗତ ୬ ବର୍ଷ ହେବ ଏହି ବିଦ୍ୟାଳୟରେ ୨ଟି ଶିକ୍ଷକ ପଦବୀ ଖାଲି ରହିଥିଲା ବେଳେ ଗତ ଅକ୍ଟୋବର ମାସରେ ପ୍ରଧାନ ଶିକ୍ଷକ ଅବସର ନେବା ପରେ ବର୍ତ୍ତମାନ ମାତ୍ର ଜଣେ ଶିକ୍ଷକରେ ବିଦ୍ୟାଳୟ ଚାଲିଛି । ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଛାତ୍ର ଛାତ୍ରୀମାନଙ୍କୁ ଜଗି ରହିବା ସମ୍ଭବପର ହେଉନଥିଲା ବେଳେ ଶିକ୍ଷାଦାନ କରିବା ତାଙ୍କ ପାଇଁ କାଠିକର ପାଠ ହୋଇପଡିଛି । ଗତ ୧୩ ତାରିଖଠାରୁ ପରୀକ୍ଷା ଆରମ୍ଭ ହୋଇଥିଲା ବେଳେ ଜଣେ ଶିକ୍ଷକ ୫ଟି ଶ୍ରେଣୀରେ ପରୀକ୍ଷା ପରିଚାଳନା କରିବା ଏବଂ ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବା ସମ୍ଭବପର ହେଉନାହିଁ । ଏହି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ଚନ୍ଦ୍ର ଜେନା ସ୍ଥାନୀୟ ସିଆରସିସିଙ୍କଠାରୁ ଆରମ୍ଭ କରି ଗୋଷ୍ଠୀ ଶିକ୍ଷାଅଧିକାରୀଙ୍କ ପର୍ଯ୍ୟନ୍ତ ୫ଥର କହିବା ପରେ ମଧ କୌଣସି ପଦକ୍ଷେପ ନିଆଯାଉନଥିବା ସେ ପ୍ରକାଶ କରିଛନ୍ତି । ଜଣେ ଶିକ୍ଷକ ବିଦ୍ୟାଳୟର ସମସ୍ତ କାଗଜପତ୍ର ପ୍ରସ୍ତୁତ କରିବା, ଶିକ୍ଷାଦାନ କରିବା, ମଧ୍ୟାହ୍ନ ଭୋଜନ ପରିଚାଳନା କରିବା ଓ ବର୍ତ୍ତମାନ ପରୀକ୍ଷା ପରୀଚାଳନା କରିବା ତାଙ୍କ ପକ୍ଷେ ସମ୍ଭବପର ହେଉନାହିଁ ବୋଲି ସେ ପ୍ରକାଶ କରିବା ସହିତ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଥିବା ସେ କହିଛନ୍ତି । ବାଲିଆପଦା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରେ ୧୯ ଜଣ, ଦ୍ୱିତୀୟ ଶ୍ରେଣୀରେ ୧୮ ଜଣ, ତୃତୀୟ ଶ୍ରେଣୀରେ ୧୭ ଜଣ, ଚତୁର୍ଥ ଶ୍ରେଣୀରେ ୧୧ ଜଣ, ପଞ୍ଚମ ଶ୍ରେଣୀରେ ୨୩ ଜଣ ମୋଟ ୮୮ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ସରକାରୀ ନିୟମାନୁଯାୟୀ ଅତିକମ୍ରେ ଏହି ବିଦ୍ୟାଳୟରେ ତିନି ଜଣ ଶିକ୍ଷକ ନିଯୁକ୍ତି ହେବା କଥା । ହେଲେ ଦୀର୍ଘ ଦିନ ହେବ ଦୁଇ ଜଣ ଶିକ୍ଷକ ଏଠାରେ କାର୍ଯ୍ୟ କରୁଥିଲା ବେଳେ ପ୍ରଧାନଶିକ୍ଷକ ସୁନାକର ସେଠୀ ୩୧.୧୦.୨୦୨୨ ରିଖରେ ଅବସର ନେଇଥିଲେ ମଧ ତାଙ୍କ ସ୍ଥାନରେ ଅନ୍ୟ ଶିକ୍ଷକ ନିଯୁକ୍ତି ଦିଆଯାଇ ନାହିଁ । ଏହାଛଡା ବିଦ୍ୟାଳୟରେ ଶ୍ରେଣୀ ଗୃହ ୩ଟି ରହିବା ସହିତ ପରିସ୍ରାଗାର ଓ ପାନୀୟ ଜଳର ଏକ ପ୍ରକାର ସୁବିଧା ମଧ ରହିଛି । କେବଳ ଆଉ ଦୁଇ ଜଣ ଶିକ୍ଷକ ନିଯୁକ୍ତି ଦିଆଗଲେ ଶିକ୍ଷାଦାନରେ ସମସ୍ୟା ଉପୁଜିବ ନାହିଁ ବୋଲି ବର୍ତ୍ତମାନର ଶିକ୍ଷକ ଜୟରାମ ସେଠୀ ପ୍ରକାଶ କରିଛନ୍ତି । ଉକ୍ତ ଘଟଣା ସଂପର୍କରେ ମଣ୍ଡଳ ଶିକ୍ଷାଅଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଏହି ବିଦ୍ୟାଳୟକୁ ଶିକ୍ଷକ ଯୋଗାଇ ଦିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ଚୋରା ଲୁହା ସ୍କ୍ରାପ, ଆଙ୍ଗେଲ କବାଡ଼ି ବ୍ୟବସାୟର ମୁଖ୍ୟ ଆସାମୀ କଳିଙ୍ଗ ନଗରରୁ ଗିରଫ

ଭୁବନ, ୧୮/୧୨ (ନି.ପ୍ର): ଭୁବନ ଥାନା ଅନ୍ତର୍ଗତ ନୟା ନୀଳକଣ୍ଠପୁରରୁ ଗତ ତା୨୯.୦୯.୨୦୨୨ ରିଖରେ ଭୁବନ ପୋଲିସ ଲୁହା ପାଇପ, ସ୍କ୍ରାପ, ଆଙ୍ଗେଲ ବୋଝେଇ ଏକ ଟ୍ରକ(ଓଆର୍ ୦୪ଏଫ୍-୨୦୩୯) ଜବତ କରି ଥାନାକୁ ଆଣିଥିଲା । ଏହି ଘଟଣାର ପ୍ରାଥମିକ ତଦନ୍ତ ପରେ ଭୁବନ ଥାନାରେ କେଶ ନଂ- ୪୩୦ ତା୨୨.୧୦.୨୦୨୨ ଦଫା- ୧୨୦ ବି, ୩୭୯/୪୧୧/୪୬୫/୪୨୦/୩୪ ଆଇପିସି ଏବଂ ଧାରା ୧୯୬ ମୋଟର ଭେଇକିଲ ଆକ୍ଟରେ ମାମଲା ରୁଜୁ କରାଯାଇଥିଲା । ଏହି ମାମଲାରେ ସଂପୃକ୍ତ ଭୁବନ ଥାନା ଅନ୍ତର୍ଗତ ମୃଦଙ୍ଗା ଗ୍ରାମର ପ୍ରକାଶ କୁମାର ସ୍ୱାଇଁ ନାମକ ଜନୈକ ଅପରାଧୀ ପଳାୟନ କରି କୋର୍ଟରେ ଆତ୍ମସମର୍ପଣ କରିଥିଲା । ମାମଲାର ତଦନ୍ତରୁ ଜଣାପଡ଼ିଥିଲା ଯେ, ଉକ୍ତ ଚୋରା ଲୁହା ସ୍କ୍ରାପ, ଆଙ୍ଗେଲ ଓ ପାଇପ୍ ସବୁ କଳିଙ୍ଗନଗର ଅଂଚଳରୁ ଚୋରାରେ ଆଣି ନକଲି କାଗଜପତ୍ର ପ୍ରସ୍ତୁତ କରିଥିଲେ । ଯାଜପୁର ଜିଲ୍ଲା କଳିଙ୍ଗନଗର ହେଉଛି ଚୋରା ଲୁହା ସ୍କ୍ରାପ, ଆଙ୍ଗେଲ କବାଡ଼ି କାରବାରର ମୁଖ୍ୟ ପେଣ୍ଠସ୍ଥଳୀ । ଭୁବନ ଥାନା ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ ଏହି ଚୋରା ଲୁହାଲତା କବାଡ଼ି କାରବାରର ମୁଖ୍ୟ ଆସାମୀକୁ ଧରିବା ପାଇଁ ଦୀର୍ଘ ୩ ମାସ ହେଲା ଜାଲ ବିଛାଇଥିଲେ । ଗତକାଲି ଭୁବନ ଥାନା ତରଫରୁ କଳିଙ୍ଗନଗର ଅଂଚଳରେ ଚଢ଼ାଉ କରାଯାଇ ବେଆଇନ ସ୍କ୍ରାପ୍ ବେପାରର ମୁଖ୍ୟ କାର୍ପଟଦାର କଳିଙ୍ଗନଗର ଥାନା ଅନ୍ତର୍ଗତ ସାରଙ୍ଗପୁର ଗ୍ରାମ ପଂଚାୟତର ଖୁରୁଂଟି ଗ୍ରାମର ସୁଦର୍ଶନ ମଲ୍ଲିକଙ୍କ ପୁଅ ଦିବ୍ୟକାନ୍ତ ମଲ୍ଲିକ(୨୦)କୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତକୁ ଆଜି କୋର୍ଟ ଚାଲାଣ କରାଯାଇଥିଲା ଓ ଜାମିନ ନାମଂଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଖୁବ୍ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି ସୌଭାଗ୍ୟ କୁମାର ସ୍ୱାଇଁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ବଲାଙ୍ଗୀର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କଂଟାବାଞ୍ଜି ଶାଖାର ଅର୍ଥ ନୈତିକ ସଚେତନତା ଶିବିର

ବଲାଙ୍ଗୀର, ୧୮/୧୨ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ତୁରେକେଲା ସମବାୟ ସମିତି ଲିଃ ତୁରେକେଲା ଶାଖା ପରିସରରେ ନାବାର୍ଡ ସହାୟତାରେ ଆର୍ଥିକ ସ୍ୱାକ୍ଷରତା ସଚେତନତା ଶିବିର ଶନିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହା ନାବାର୍ଡ ସହାୟାତରେ ଅନୁଷ୍ଠିତ ହୋଇଥିଲା । ବଲାଙ୍ଗିର ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ କଂଟାବାଂଜି ଶାଖା ଅଧିନରେ ଥିବା ତୁରେକେଲା, ଧାମନଡଙ୍ଗା, ଚଟୁଅନକା, ଘୁନେଶ, ଢୋଲମାନ୍ଦଲ, ମହଖଣ୍ଡ, କୁଇବାହାଲ, ଖଗସା, ମହୁଲପାଟି ସେବା ସମବାୟ ସମିତି ଲିଃ ଅଧିନରେ ଥିବା ଚାଷୀ ଏବଂ ସ୍ୱୟ ସହାୟକ ଗୋଷ୍ଠୀଗୁଡିକ ନେଇଥିବା ବିଭିନ୍ନ ଋଣ ଯଥା ସମୟରେ କିପରି ପଇଠ କରିବେ । ହିତାଧିକାରୀମାନେ ଏକ ଲକ୍ଷରୁ କମ ପରିମାଣର ନେଇଥିବା ଚାଷ କିମ୍ବା ସ୍ୱାବଲମ୍ବୀ ଋଣରେ କୌଣସି ସୁଧ ପଇଠ କରିବାକୁ ପଡିନଥାଏବୋଲି ଉପସ୍ଥିତ ଚାଷୀ ଏବଂ ହିତାଧିକାରୀମାନଙ୍କୁ ସଚେତନତା କରାଯାଇଛି । ଏହି ସଚେତନତା ଶିବିରରେ ବଲାଙ୍ଗିର କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ହରିଶ୍ଚନ୍ଦ୍ର ଦାସ, ଅତିରିକ୍ତ ଋଣ ସଂଗ୍ରହକାରୀ ମହାପ୍ରବନ୍ଧକ ସାମନ୍ତ ସାହୁ, ଏକାଉଣ୍ଟ ମ୍ୟାନେଜର ସୁଧିର କୁମାର ନନ୍ଦ, କଂଟାବାଂଜି ଶାଖା ପରିଚାଳକ ଯୋଗେଶ୍ୱର ମାଝି, ସୁପର ଭାଇଜର ଦକ୍ଷରାଜ ମାଝି, ତୁରେକେଲା ପ୍ୟାକ୍ସ ସଭାପତି କିଶୋର ବେହେରା ମଂଚାସୀନ ଥିବା ବେଳେ ସେକ୍ରେଟାରୀ ନେତ୍ରାନନ୍ଦ ଦାସ, ତପିଚରଣ ନାଗ, ସପ୍ନେଶ୍ୱର ବାରିକ, ସନ୍ତୋଷ ପୁଟା, କିର୍ତିରାମ ମାଝି, ନେତ୍ରାନନ୍ଦ ପୁଟେଲ, ବାଂଛାନିଧି ମାଝି, ପିତବାସ ନାଗ ଉପସ୍ଥିତ ରହି ଚାଷୀମାନଙ୍କଠାରୁ ଋଣ ସଂଗ୍ରହ କରିଥିଲେ । ଏହି ଶିବିରରେ ମୋଟ ଟ. ୧,୪୩,୦୦୦ଙ୍କା ଋଣ ସଂଗ୍ରହ ହୋଇଥିଲା । ପରିଶେଷରେ ସେକ୍ରେଟାରୀ ସନ୍ତୋଷ ପୁଟା ଧନ୍ୟବାଦ ଦେଇଥିଲେ ।

## ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ପରିସରରେ ଦୁଇଦିନିଆ ଓୟୁଜେର ୫୧ ତମ ପ୍ରତିଷ୍ଠା ଦିବସ ପାଳନ

ମାଲକାନଗିରି, ୧୮/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲା ସାମ୍ବାଦିକ ସଂଘ ପରିସରରେ ଦୁଇଦିନିଆ ଓୟୁଜେର ୫୧ ତମ ପ୍ରତିଷ୍ଠା ଦିବସ ଆଜି ଉଦଘାଟିତ ହୋଇଯାଇଛି । ଜିଲ୍ଲା ୟୁନିୟନର ସଭାପତି ଦେବପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ଜୟପୁର ବିଧାୟକ ତାରାପ୍ରସାଦ ବାହୀନିପତି ପୂର୍ବାହ୍ନରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କିରିଥିବାବେଳେ ସଂଧ୍ୟା ଅଧିବେସନରେ ମୁଖ୍ୟଅତିଥି ଭାବେ ସ୍ୱତନ୍ତ୍ର ବିକାଶ ପରିଷଦର ଅଧକ୍ଷ ଆଡ଼ମା ରାବା , ପୂର୍ବତନ ବିଧାୟକ ମାନସ ମାଡକାମୀ, ଓୟୁଜେର ସଭାପତି ତଥା ଜାତୀୟ ପ୍ରେସ୍ କାଉନସେଲିଂର ସଦସ୍ୟ ପ୍ରସନ୍ନ ମହାନ୍ତି, ଓୟୁଜେର ଉପସଭାପତି ରାଜେଶ ପଟ୍ଟନାୟକ, ଉପସଭାପତି କିସାନ ରାଉତ, ଓୟୁଜେର ସାଧାରଣ ସମ୍ପାଦକ ଅଶୋକ ନନ୍ଦ, ବିଜେଡ଼ିର ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ଓୟୁଜେର ଯୁଗ୍ମ ସମ୍ପାଦକ ପ୍ରସନ୍ନ ପାଇକରାୟ, ଏମୟୁଜେର ସାଧାରଣ ସମ୍ପାଦକ ପ୍ରେମେନ୍ଦ୍ର ପରିଛା ପ୍ରମୁଖ ଯୋଗଦେଇ ସିମାନ୍ତ ଜିଲ୍ଲାରେ ସାମ୍ବାଦିକଙ୍କ ସୁରକ୍ଷା ସାମ୍ବାଦିକ ସୁରକ୍ଷା ବିଲ୍ ସାମ୍ବାଦିକଙ୍କ ସମସ୍ତ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିରେ ଓଡ଼ିଶାର ସମସ୍ତ ଜିଲ୍ଲାର ସାମ୍ବାଦିକମାନେ ଯୋଗଦେବା ସହ ପଡୋଶୀ ରାଜ୍ୟ ଛତିଶଗଡ଼, ଆନ୍ଧ୍ର, ତେଲେଙ୍ଗାନାର ବହୁ ସାମ୍ବାଦିକ ମାନେ ଯୋଗଦେଇଛନ୍ତି ! ଆଜି ମଧ୍ୟାହ୍ନରେ ସତୀଗୁଡା ପର୍ଯ୍ୟଟନ ସ୍ଥଳୀରେ ଏକ ବଣ ଭୋଜିର ଆୟୋଜନ ହୋଇଥିଲା ।

## ଗୁରଜୁଙ୍ଗ ସରକାରୀ ହାଇସ୍କୁଲରେ ତୃତୀୟ କ୍ରୀଡା ବାର୍ଷିକ

ଭବାନୀପାଟଣା, ୧୮/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମିଲକି ପ୍ରଗଣାର ଗୁରଜୁଙ୍ଗ ସରକାରୀ ହାଇସ୍କୁଲରେ ତୃତୀୟ କ୍ରୀଡା ବାର୍ଷିକ ଉଦଯାପିତ ହୋଇଯାଇଛି । ସ୍କୁଲ ପରିସରରେ ଗତ ୧୫ତାରିଖରୁ ବିଭିନ୍ନ ପ୍ରକାର ଖେଳକୁଦ ଯଥା ଲଙ୍ଗ ଜମ୍ପ, ହାଇ ଜମ୍ପ କ୍ରିକେଟ , ପୁଚି ଖେଳ, ଚୌକି ବସା , ମ୍ୟୁଜିକ ଚାଏର , ଦୌଡ଼ି ଖେଳ ଇତ୍ୟାଦି ବିଭିନ୍ନ ଶ୍ରେଣୀର କ୍ରୀଡା ଆୟୋଜନ ହୋଇଥିଲା । ଏହି ବାର୍ଷିକ ଖେଳ ପ୍ରତିଯୋଗିତାରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରି କୃତିତ୍ୱ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି । ଶେଷ ଦିନରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଆଜିକାର ଉଦଯାପନୀ ଦିବସରେ ସୁଶୀଲ କୁମାର ସାହୁ, ପୂର୍ବତନ ସମିତି ସଭ୍ୟ ତଥା ବିଜେଡି ବ୍ଲକ ଯୁବ ମୋର୍ଚ୍ଚା ସଭାପତି, ସ୍ଥାନୀୟ ନାଏବ ସରପଞ୍ଚ, ସ୍କୁଲ ପରିଚାଳନା କମିଟି ର ସଭ୍ୟ ସଭ୍ୟା, ଅଭିଭାବକ ତଥା ଅଞ୍ଚଳ ର ବିଭିନ୍ନ ବୁଦ୍ଧିଜୀବୀ ଯୁବକ ଯୁବତୀ ସାଧାରଣ ଜନତା ଉପସ୍ଥିତ ରହି ଛାତ୍ରଛାତ୍ରୀ ଙ୍କୁ ଉସାହିତ କରିଥିଲେ ।

# ସଫଳା ଏକାଦଶୀ



ଅଜୟ କୁମାର ବେହେରା

ପୌଷମାସ କୃଷ୍ଣ ପକ୍ଷ ଏକାଦଶୀକୁ ସଫଳା ଏକାଦଶୀ ବୋଲି କୁହାଯାଏ । ଏହି ଏକାଦଶୀ କରିବା ଦ୍ୱାରା ଶ୍ରୀକୃଷ୍ଣ ପ୍ରସନ୍ନ ହୋଇଥାନ୍ତି । ସଫଳା ଏକାଦଶୀରେ ଭଗବାନ ଶ୍ରୀହରିଙ୍କ ବିଭିନ୍ନ ନାମ ମନ୍ତ୍ର ଉଚ୍ଚାରଣ ଭଗବାନ ଲକ୍ଷ୍ମୀନାରାୟଣଙ୍କୁ ପୂଜାର୍ଚ୍ଚନା କରାଯାଏ । ସଫଳା ଏକାଦଶୀ ନିଷ୍ଠାର ସହ ପାଳନ କଲେ ହଜାର ବର୍ଷର ତପସ୍ୟାର ଫଳ ମିଳିଥାଏ ବୋଲି ଅନେକ କୁହନ୍ତି ।

ଏକଦା ଚମ୍ପାବତୀ ନଗରର ରାଜା ମହିଷ୍ମତଙ୍କ ପାଞ୍ଚୋଟି ପୁତ୍ର ଥିଲେ । ତାଙ୍କର ଜ୍ୟେଷ୍ଠ ପୁତ୍ର ଲୁମ୍ଭକ ସର୍ବଦା ସୁକର୍ମରେ ବ୍ୟସ୍ତ ରହୁଥିବା ଦେଖି ରାଜା ତାଙ୍କୁ ନଗରରୁ ବାହାର କରିଦେଲେ । ସେ ବଣଜଙ୍ଗଲରେ ବୁଲିବା ସହ ଚୋରି କରିବାକୁ ଲାଗିଲା । ଥରେ ଚୋରି କରୁଥିବା ସମୟରେ ନଗର ସିପାହୀଙ୍କ ହାତରେ ଧରାପଡ଼ିଗଲା । ଯେତେବେଳେ ସିପାହୀମାନେ ଜାଣିଲେ ଯେ ରାଜା ମହିଷ୍ମତଙ୍କ ଜ୍ୟେଷ୍ଠ ପୁତ୍ର ଲୁମ୍ଭକ ସେହି ସମୟରେ ତାଙ୍କୁ ଛାଡ଼ିଦେଲେ । ଲୁମ୍ଭକ ବଣକୁ ଫେରି ଗୋଟିଏ ପିପ୍ପଳ ବୃକ୍ଷତଳେ ଆଶ୍ରୟ ନେବା ସହ ଫଳମୂଳ ଖାଇ ବଞ୍ଚିବାକୁ ଲାଗିଲା । ଏକଦା ଅଜାଣତରେ ସେ ପୌଷମାସ କୃଷ୍ଣ ପକ୍ଷ ଏକାଦଶୀ ବ୍ରତ କଲା । ଦଶମୀରେ ବୃକ୍ଷର ଫଳ ଖାଇବା ସହ ବସ୍ତ୍ରହୀନ ହୋଇ ହୋଇ ରାତିଯାକ ଶୀତର ଜାଡ଼ରେ କଷ୍ଟ ଭୋଗିବାକୁ ଲାଗିଲା । ସୂର୍ଯ୍ୟୋଦୟ ହେଲା ଏକାଦଶୀ ଆରମ୍ଭ ହୋଇଗଲା କିନ୍ତୁ ସେ ପର୍ଯ୍ୟନ୍ତ ସେ ସେହିପରି ଅବସ୍ଥାରେ ଅଚେତ ଅବସ୍ଥାରେ ପଡ଼ିରହିଥାଏ । ହଠାତ୍ ଦ୍ୱିପହର ସମୟରେ ତାର ଚେତା ଫେରିବା ପରେ ସେ ବନକୁ ଗଲା ଓ ବହୁ ଫଳ ସଂଗ୍ରହ କରି ବିଶ୍ରାମ ସ୍ଥଳରେ ପହଞ୍ଚିଲା ସେହି ସମୟରେ ସୂର୍ଯ୍ୟାସ୍ତ ହୋଇଯାଇଥିଲା । ସେହି ସମୟରେ ପିପ୍ପଳ ବୃକ୍ଷ ନିକଟକୁ ଯାଇ କହିଲା ଏହି ଫଳରେ ଲକ୍ଷ୍ମପତି ଭଗବାନ ବିଷ୍ଣୁ ସନ୍ତୁଷ୍ଟ ହୁଅନ୍ତୁ । ଏପରି କହି ଲୁମ୍ଭକ ରାତିଯାକ ନ ଶୋଇ ରହିଲା । ଏହି ପ୍ରକାରେ ଅନାୟାସରେ ସେ ସଫଳା ଏକାଦଶୀ ବ୍ରତ ପାଳନ କଲା । ସେହି ସମୟରେ ରାଜକୁମାର ଲୁମ୍ଭକ ! ସଫଳା ଏକାଦଶୀ ବ୍ରତର ପ୍ରଭାବରେ ତୁମେ ରାଜ୍ୟ ଏବଂ ପୁତ୍ର ପ୍ରାପ୍ତ କର ବୋଲି ଦିବ୍ୟବାଣୀ ଶୁଣିଲା । ଏହି ଦିବ୍ୟବାଣୀରେ ସେ ଧନ୍ୟ ହୋଇଗଲା । ସେବେଠାରୁ ସେ ଭଗବାନ ବିଷ୍ଣୁଙ୍କ ଭଜନ ଗାଇବାକୁ ଲାଗିଲଶ । ସେ ପନ୍ଦର ବର୍ଷ ପର୍ଯ୍ୟନ୍ତ ସଫଳତାପୂର୍ବକ ରାଜ୍ୟଶାସନ କରିବା ସହ ମନୋଜ ନାମକ ପୁତ୍ର ପ୍ରାପ୍ତ କଲା । ମନୋଜ ଯେବେ ଯୁବ ହୋଇଗଲା ସେ ରାଜ୍ୟକୁ ମନୋଜକୁ ସମର୍ପଣ କରି ଭଗବାନ ବିଷ୍ଣୁଙ୍କ ଭକ୍ତିରେ ସାମିଲ ହୋଇଗଲା । ଏହି ଏକାଦଶୀ ବ୍ରତ ପ୍ରଭାବରେ ସେ ବିଷ୍ଣୁଲୋକ ପ୍ରାପ୍ତ ହେଲା । ସଫଳା ଏକାଦଶୀର ବ୍ରତ ଅତି ମଙ୍ଗଳକାରୀ ଏବଂ ପୁଣ୍ୟଦାୟୀ ହୋଇଥାଏ । ଏହି ଏକାଦଶୀ କରିବା ଦ୍ୱାରା ଭକ୍ତକୁ ପୁଣ୍ୟ ମିଳିଥାଏ । ସଫଳା ଏକାଦଶୀ ଆଧାତ୍ମିକ ଚେତନାରେ ଏକ ସ୍ମରଣୀୟ ତିଥି । ଶାସ୍ତ୍ରରେ ଉଲ୍ଲେଖଥିବା ଏଗାରଟି ଏକାଦଶୀ ମଧ୍ୟରେ ସଫଳା ଏକାଦଶୀରେ ବିଷ୍ଣୁଙ୍କ ଉପାସନା ଦ୍ୱାରା ଅଶେଷ ପୂଣ୍ୟଫଳ ମିଳିଥାଏ। ଏହି ଦିନ ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସ୍ୱତନ୍ତ୍ର ରୀତିନୀତି ଓ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥାଏ।

'ବରେଣ୍ୟ ବାଣୀ'
ପିସି ସରକାର ଲେନ୍,
ଅରୁଣୋଦୟ ମାର୍କେଟ,
କଟକ,
ମୋ: ୯୪୩୭୦୩୧୨୫୩

## ଏହି ପରିବାରେ ଅଛି ଅନେକ ସୁଗୁଣ



ପ୍ରତ୍ୟେକ ଭାରତୀୟ ରୋଷେଇ ଘରେ କଖାରୁ ରହିବା ଏକ ସାଧାରଣ କଥା। ଡାଲ୍ମା, ଭଜା, ଘାଣ୍ଟରୁ ନେଇ ଆହୁରି ଅନେକ ତରକାରୀ କରିବା ପାଇଁ ଗୃହିଣୀମାନେ କଖାରୁକୁ ଖୋଜିଥାନ୍ତି। କଖାରୁ ହେଉଛି ଏକ ଏପରି ପରିବା ଯାହା ଉଭୟ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଉପକାରୀ। କେବଳ ଭାରତ ନୁହେଁ, ଆମେରିକା, ଚୀନ, କାନ୍ନଡା ଏବଂ ମେକ୍ସିକୋ ଆଦିରେ ମଧ କଖାରୁର ଚାହିଦା ରହିଛି। କଖାରୁ ଖାଇବାର ସବୁଠାରୁ ବଡ଼ ଲାଭ ହେଉଛି ଏହା ଓଜନ ହ୍ରାସ ଘଟାଇଥାଏ। କଖାରୁରେ ସୋଡିୟମ୍, କୋଲେଷ୍ଟ୍ରଲ୍ ଏବଂ ଫ୍ୟାଟ୍ ଆଦି ଭାଗ କମ୍ ରହିଛି।

କଖାରୁରେ କ୍ୟାଲୋରି ପରିମାଣ ଖୁବ୍ କମ୍ ରହିଛି। ୧୦୦ ଗ୍ରାମ୍ କଖାରୁରେ ମାତ୍ର ୨୬ କ୍ୟାଲୋରି ରହିଛି। ସେହିପରି ୧୦୦ ଗ୍ରାମ୍ କଖାରୁରେ ମାତ୍ର ୦.୫ ଗ୍ରାମ୍ ଫାଇବର ରହିଛି। ପ୍ରତ୍ୟେକ କପ୍ କଖାରୁରେ ୩ ଗ୍ରାମ୍ ଫାଇବର ଏବଂ ୪୯ କ୍ୟାଲୋରି ରହିଛି।

କଖାରୁ ଖାଇବା ଦ୍ୱାରା ହଜମ ମଧ ଉତ୍ତମ ହୋଇଥାଏ। ଯଦି ଆପଣଙ୍କୁ ଭୋକ ଲାଗୁନାହିଁ ତେବେ କଖାରୁ ନିଶ୍ଚୟ ଖାଆନ୍ତୁ। କଖାରୁ ଶରୀରରେ ଇମ୍ୟୁନିଟି ଶକ୍ତି ବଢ଼ାଇଥାଏ। କଖାରୁରେ ପଟାସିୟମ ପରିମାଣ ଭଲ ରହିଥାଏ। ଏହାଛଡ଼ା କଥାରୁରେ ଭରପୂର ପରିମାଣର ଭିଟାମିନ 'ସି' ରହିଛି।

ନିଜର ଓଜନ କମାଇବାକୁ ଚାହୁଁଥିଲେ ଦୈନିକ ତରକାରୀ କିମ୍ବା ଡାଲ୍ମା ନହେଲେ ବି ଆପଣ କଖାରୁ ସୁପ୍, ଖଟାମିଠା କଖାରୁ ଆଦି କରି ଖାଇପାରନ୍ତି। ଦୈନିକ କଖାରୁର କିଛି ନା କିଛି ଗୋଟେ ଖାଇବାକୁ ଚେଷ୍ଟା କରନ୍ତୁ। ଏହା ଉଭୟ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ।

## କେଉଁ ବାରରେ ନୂଆ ଲୁଗା ପିନ୍ଧିବା ଅଶୁଭ

ଓଡ଼ିଆ ପରମ୍ପରାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ଆଉ ସବୁ ପର୍ବରେ ପ୍ରାୟ ସମସ୍ତେ ନୂଆ ଲୁଗା ପିନ୍ଧନ୍ତି। ବିଶେଷ କରି ଘରର ମହିଳାମାନେ ସବୁ ପୂଜା ପାର୍ବଣରେ ନୂଆ ଲୁଗା ପିନ୍ଧିଥାନ୍ତି। ହେଲେ ଆପଣ ଜାଣନ୍ତି, ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ ସପ୍ତାହରେ ସବୁ ବାରରେ ନୂଆ ବସ୍ତ୍ର ପିନ୍ଧିବା ଉଚିତ୍ ନୁହେଁ। କିଛି ବାର ଏମିତି ଅଛି ଯେଉଁଥିରେ ନୂଆ ପିନ୍ଧିବା ଅଶୁଭ। ତେବେ ଆସନ୍ତୁ ଏ ସମ୍ପର୍କରେ ଟିକେ ଅଧିକ ଜାଣିବା।





**ସୋମବାର:** ଯଦି ମହିଳାମାନେ ସୋମବାର ଦିନ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ତାଙ୍କର ଉନ୍ନତି ହେବ, କ୍ୟାରିୟରରେ ସଫଳତା ପାଇବେ।

**ମଙ୍ଗଳବାର:** ଏହି ଦିନ ମହିଳାମାନେ ନୂଆ ବସ୍ତ୍ର ପିନ୍ଧିଲେ ସେମାନଙ୍କର ଆୟୁଷ କମିଯାଏ। କିନ୍ତୁ ଲାଲ୍ ରଙ୍ଗର ବସ୍ତ୍ର ପରିଧାନ କଲେ ଶୁଭ ଫଳ ପ୍ରାପ୍ତି ହୋଇଥାଏ।

**ବୁଧବାର:** ଏହିଦିନ ଯଦି ମହିଳାମାନେ ନୂଆ ବସ୍ତ୍ର ପିନ୍ଧନ୍ତି ତେବେ ସେମାନଙ୍କୁ ସୌଭାଗ୍ୟ ଫଳ ପ୍ରାପ୍ତି ହୋଇଥାଏ ଏବଂ ସମାଜରେ ତାଙ୍କର ମାନ ସମ୍ମାନ ଓ ପ୍ରତିଷ୍ଠା ମଧ ବଢ଼ିଥାଏ।

**ଗୁରୁବାର:** ସେହିଭଳି ଗୁରୁବାର ଦିନ ନୂଆ ବସ୍ତ୍ର ପିନ୍ଧି ମହିଳାମାନେ ମାଆ ଲକ୍ଷ୍ମୀଙ୍କୁ ପୂଜା କଲେ ମାଆ ଲକ୍ଷ୍ମୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ତାଙ୍କ ଘରେ କେବେ ହେଲେ ଧନ ଅଭାବ ଦେଖା ଦିଏନାହିଁ।

**ଶୁକ୍ରବାର:** ଶୁକ୍ରବାର ଦିନ ନୂତନ ବସ୍ତ୍ର ପିନ୍ଧିବା ଦ୍ୱାରା ମହିଳାମାନଙ୍କୁ ତାଙ୍କ କର୍ମ କ୍ଷେତ୍ରରେ ବହୁ ପ୍ରଶଂସା ମିଳିବା ସହ ପଦୋନ୍ନତି ମଧ ପ୍ରାପ୍ତ ହୋଇଥାଏ।

**ଶନିବାର:** ଯଦି ମହିଳାମାନେ ଶନିବାର ଦିନ ନୂଆ ବସ୍ତ୍ର ପରିଧାନ କରନ୍ତି ତେବେ ତାଙ୍କ ଶରୀର ଅସୁସ୍ଥ ହେବା ସହ ଦୁର୍ଭାଗ୍ୟର ଶିକାର ହୋଇଥାନ୍ତି।

**ରବିବାର:** ମହିଳାମାନେ ରବିବାର ଦିନ ନୂଆ ବସ୍ତ୍ର ପିନ୍ଧିବା ଦ୍ୱାରା ଅର୍ଥ ହାନି ହେବା ସହ ଦାରିଦ୍ର୍ୟତା ମାଡ଼ି ଆସିଥାଏ। ଏହା ବ୍ୟତୀତ ସେହି ନୂଆ ବସ୍ତ୍ରଟି ଶୀଘ୍ର ନଷ୍ଟ ହୋଇଯାଇଥାଏ।

## ମୁହଁରୁ କେମିତି ହଟିବ ଡି-ଟ୍ୟାନ ଦାଗ: ଆପଣାନ୍ତୁ ଏହି ଉପାୟ

ସାଧାରଣତଃ ଖରାରେ ବୁଲିବା ଦ୍ୱାରା ହାତ, ଗୋଡ଼ ଓ ମୁହଁରେ କଳା ଦାଗ ଆସିଥାଏ ଯାହାକୁ ଆମେ ଡି-ଟ୍ୟାନ କହିଥାଉ। ଏହି ଦାଗ ବା ଡି-ଟ୍ୟାନ୍ ହାତ ଓ ଗୋଡ଼ରୁ ଦୂର କରିବା ପାଇଁ ଦୁଇ ଚାମଚ ବେସନ ସହ ମହୁ ଏକ ଚାମଚ ଓ ଏକ ଚାମଚ କଞ୍ଚାକ୍ଷୀରକୁ ଭଲ ଭାବେ ମିଶାଇ ଦାଗ ସ୍ଥାନରେ ୧୫ ମିନିଟ୍ ସମୟ ଲଗାଇ ପେଷ୍ଟଟି ସମ୍ପୂର୍ଣ୍ଣ ଭାବେ ଶୁଖିଲା ପରେ ଏହାକୁ ପାଣିରେ ଧୋଇବେ। ଏହାସହ ମୁହଁରେ ଡି-ଟ୍ୟାନ ପାଇଁ ଏକ ଚାମଚ୍ କଫି ପାଉଡର ସହ ଫେସ୍ ସିରମ୍ ଗୋଟେ ଚାମଚ କିମ୍ବା ଗୋଟେ ଭିଟାମିନ୍-ଇ କ୍ୟାପସୁଲକୁ ଭାଙ୍ଗି ତା' ଜେଲ୍‌କୁ ମିଶାଇ ୨୦ ମିନିଟ୍ ସମୟ ପର୍ଯ୍ୟନ୍ତ ମୁହଁରେ ଲଗାଇବେ ଏବଂ ଏହା ଶୁଖିବା ପରେ ଅଳ୍ପ ପାଣିରେ ମୁହଁକୁ ମସାଜ୍ କରି ଭଲ ଭାବେ ଧୋଇବେ। କିମ୍ବା ଗୋଟେ ଚାମଚ ମୁଲତାନି ସହ ୫ରୁ ୬ ବୁନ୍ଦା ଗୋଲାପଜଳକୁ ମିଶାଇ ମୁହଁରେ ଲଗାଇଲେ ଏହା ଡି-ଟ୍ୟାନ ସମସ୍ୟାକୁ ଦୂର କରିଥାଏ। ଏହିସବୁ ପକ୍ରିୟା ସପ୍ତାହକୁ ଦୁଇଥର କରିବା ଦ୍ୱାରା ଏହା ଡି-ଟ୍ୟାନ୍ ସମସ୍ୟାକୁ ସମ୍ପୂର୍ଣ୍ଣ ଭାବେ ଦୂର କରିଥାଏ। ଏହାସହ ପ୍ରତ୍ୟେକ ଦିନ ଘରୁ ବାହାରିବା ପୂର୍ବରୁ ବା ଘର ରହିଲେ ମଧ ମୁହଁକୁ ଭଲ ଭାବେ ପାଣିରେ ଧୋଇ ହାଲୁକା ଭାବେ ପୋଛି ବଜାରରେ ମିଳୁଥିବା କୌଣସି ବି ସନ୍‌କ୍ରିମକୁ ମୁହଁରେ ଲଗାଇବା ଅତ୍ୟନ୍ତ ଜରୁରୀ।



## ସୁସ୍ଥ ରହିବା ପାଇଁ ଚାହୁଁଥିଲେ ପ୍ରତିଦିନ ଖାଆନ୍ତୁ ଏହି ୪ଟି ଜିନିଷ



ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ରହିବା ନିହାତି ଆବଶ୍ୟକ । ଯଦି ଆପଣଙ୍କ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଅଧିକ ରହିଛି ତେବେ ଆପଣ କୌଣସି ପ୍ରକାରର ରୋଗରେ ଶୀଘ୍ର ଆକ୍ରାନ୍ତ ହେବାର ଆଶଙ୍କା କମ ହୋଇଥାଏ । କାରଣ ଏହି ଶକ୍ତି ଆପଣଙ୍କୁ ବିଭିନ୍ନ ପ୍ରକାରର ରୋଗରୁ ଲଢ଼ିବା ପାଇଁ ସାହାଯ୍ୟ କରିଥାଏ । ଯଦି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ ନାହିଁ ତେବେ ଭୋକ ନ ଲାଗିବା, ପେଟ ଭାରି ଲାଗିବା, ଛାତି ପୋଡ଼ିବା ଇତ୍ୟାଦି ସମସ୍ୟା ଦେଖା ଦେଇଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଠିକ୍ କରିବା ପାଇଁ ହେଲେ ଏହି ୪ଟି ଜିନିଷ ଖାଇବା ନିହାତି ଆବଶ୍ୟକ । ଆସନ୍ତୁ ଜାଣିବା ସେ ବିଷୟରେ...



୧.କିୱି ପାଟିକୁ ଯେତିକି ସୁଆଦିଆ ଲାଗେ ଶରୀର ପାଇଁ ମଧ ସେତିକି ଲାଭଦାୟକ ହୋଇଥାଏ । ଏଥିରେ ଭିଟାମିନ ସିର ପରିମାଣ ଅଧିକ ରହିଥାଏ, ଯାହା ଶରୀରକୁ ସୁସ୍ଥ ରଖିଥାଏ । ପ୍ରତିଦିନ ଗୋଟେ କିୱି ଖାଇବା ଦ୍ୱାରା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ ।

୨.ଗୁଡ଼ ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରିଥାନ୍ତି । ପେଟର ସମସ୍ୟା ଦୂର କରିବା ପାଇଁ ଗୁଡ଼ କୌଣସି ଔଷଧଠାରୁ କମ ନୁହେଁ । ପ୍ରତିଦିନ ଗୋଟେ ଖଣ୍ଡ ଗୁଡ଼ ଖାଇଲେ ଶରୀରକୁ ଲାଭ ମିଳିବା ସହ ପେଟଜନିତ ସମସ୍ୟା ଦୂର ହୋଇଥାଏ ।

୩.ଭିଟାମିନ୍ ସିରେ ଭରପୂର ଥିବା ଅଁଳାକୁ ପ୍ରତିଦିନ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଶରୀରରୁ ଅନେକ ପ୍ରକାରର ବିଷାକ୍ତ ପଦାର୍ଥକୁ କାଢ଼ିବା ପାଇଁ ଅଁଳା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ପ୍ରତିଦିନ ହେଉଥିବା କାଶରୁ ମୁକ୍ତି ପାଇବା ପାଇଁ ଅଁଳା ଖାଇବା ଅତ୍ୟନ୍ତ ଭଲ ।

୪.ସେଓରେ ଅନେକ ପ୍ରକାରର ପୋଷକ ତତ୍ତ୍ୱ ରହିଥାଏ, ଯାହା ଶରୀରକୁ ଅନେକ ରୋଗରୁ ରକ୍ଷା କରିଥାଏ । ପ୍ରତିଦିନ ସେଓ ଖାଇବା ଶରୀର ପାଇଁ ଲାଭଦାୟକ ହୋଇଥିବା ବେଳେ ମଧ୍ୟାହ୍ନ ସମୟରେ ସେଓ ଫଳ ଖାଇବା ଶରୀର ପାଇଁ ଭଲ ।

## ୪ଟି ଭୁଲପାଇଁ ହୋଇପାରେ କିଡନୀ ସମସ୍ୟାର କାରଣ

କିଡନୀ ମଣିଷ ଶରୀରରେ ରକ୍ତକୁ ସଫା କରିବା ଏବଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରିଥାଏ । ଏହା ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ହୋଇଥାଏ । ପ୍ରତି ମଣିଷର ଶରୀରରେ ଦୁଇଟି କିଡନୀ ଥିବା ବେଳେ ଆଜିକାଲିର ବ୍ୟସ୍ତବହୁଳ ଜୀବନ ପାଇଁ ଲୋକମାନେ ନିଜ ଶରୀର ପ୍ରତି ଧ୍ୟାନ ଦେଇ ପାରୁ ନାହାନ୍ତି। କିଛି ନ ଭାବି ସେମାନେ କିଛି ବି ଖାଉଥିବାରୁ ସେମାନଙ୍କ ଶରୀରରେ ବିଭିନ୍ନ ପ୍ରକାରର ରୋଗ ଦେଖା ଦେଉଛି । ଦିନ ସାରା ମଣିଷ କରୁଥିବା ଛୋଟ ଛୋଟ ଭୁଲ ପାଇଁ ଶରୀରର ଗୁରୁତ୍ୱପୁର୍ଣ୍ଣ ଅଙ୍ଗ ପ୍ରଭାବିତ ହେଉଛି । ଆସନ୍ତୁ ଜାଣିବା ସେ ବିଷୟରେ......

♦ ପାଣି ପିଇବା ଶରୀର ପାଇଁ ଲାଭଦାୟକ ହୋଇଥଏ । କିନ୍ତୁ ଦରକାରଠାରୁ ଅଧିକ କିମ୍ବା କମ ପାଣି ପିଇବା ଦ୍ୱାରା ଏହା ଶରୀର ଉପରେ ଖରାପ ପ୍ରଭାବ ପକାଇଥାଏ । ଦିନକୁ ୮-୧୦ଗ୍ଲାସ ପାଣି ପିଇବା ଦରକାର । ଏହାଠାରୁ ଅଧିକ ପାଣି ପିଇଲେ କିଡନୀକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହାଦ୍ୱାରା କିଡନୀ ଖୁବ୍ ଶୀଘ୍ର ଖରାପ ହେବାର ଆଶଙ୍କା ରହିଥାଏ ।

♦ ଅଧିକ ମାତ୍ରାରେ ପେନ୍ କିଲର ଖାଇବା ଦ୍ୱାରା ଏହା କିଡନୀ ଉପରେ ଖରାପ ପ୍ରଭାବ ପଡ଼ିଥାଏ । ଶରୀରରେ ପେନ୍ କିଲରର ମାତ୍ରା ଅଧିକ ହେବା ଦ୍ୱାରା କିଡନୀରେ ଥିବା କୋଷିକାଗୁଡ଼ିକ ନଷ୍ଟ ହୋଇଯାଇଥାଏ ।

♦ ଖାଇବା ପ୍ରସ୍ତୁତ ହେବା ପରେ ଯେଉଁ ଲୋକମାନେ ତା' ଉପରେ ଲୁଣ ପକାଇ ଖାଇଥାନ୍ତି, ସେମାନଙ୍କୁ କିଡନୀ ସହ ଜଡ଼ିତ ସମସ୍ୟା ହେବାର ଆଶଙ୍କା ଅଧିକ ରହିଥାଏ । ଏହା ଦ୍ୱାରା ଶରୀରରୁ ସୋଡିୟମ ସହଜରେ ବାହାରି ନ ପାରି କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ ।



## ସୁନ୍ଦର ଓ ଘନ ଆଇବ୍ରୋ ଚାହୁଁଛନ୍ତି, ଫଲୋ କରନ୍ତୁ ୫ ଟିପ୍ସ...

ସୁନ୍ଦର ଦେଖାଯିବା ଲାଗି ମହିଳା ଓ ଯୁବତୀ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କିନ୍ତୁ ପୁରୁଖା ଲୋକଙ୍କ କହିବା ମୁତାବକ, ଝିଅଟି ଲମ୍ବା ଥିବା ସହ ନାକ ସିଧା ହୋଇଥିଲେ କେହି ବାରି ପାରିବେନି। କିନ୍ତୁ କଥା ଯେତେବେଳେ ମୁହଁର ସୁନ୍ଦରତା ଉପରେ ଆସେ, ସେତେବେଳେ ନାକ, ଆଖି, ସୁନ୍ଦର ଓଠ ସହ ସୁନ୍ଦର ଆଇବ୍ରୋ ମଧ ଖୁବ୍ ଗୁରୁତ୍ୱ ରଖିଥାଏ। ଆଜିକାଲି ମୋଟା ଆଇବ୍ରୋ ଟ୍ରେଣ୍ଡ ଅଛି। ତେଣୁ ପତଳା ଆଇବ୍ରୋ ଥିବା ମହିଳା ଯେତେ ମେକଅପ୍ ନେଲେ ମଧ ଆଟ୍ରାକ୍ଟିଭ ଲାଗିନଥାନ୍ତି। ଏଥିଲାଗି ମହିଳାମାନେ ଆର୍ଟିଫିସିଆଲ ରୂପରେ ଏହାକୁ ମୋଟା କରିବାକୁ ଚେଷ୍ଟା କରିଥାନ୍ତି। କିନ୍ତୁ ଆପଣ ଘରୋଇ ଉପାୟରେ ବହୁ କମ୍ ଖର୍ଚ୍ଚରେ ମଧ ପାଇପାରିବେ ସୁନ୍ଦର ମୋଟା ଆଇବ୍ରୋ। ଆସନ୍ତୁ ଜାଣିବା ଏହି ବିଷୟରେ

**ଲେମ୍ବୁ ଓ ନଡ଼ିଆ**

ଆପଣ ଲେମ୍ବୁ ଓ ନଡ଼ିଆ ତେଲର ସହାୟତରେ ଘନ ଓ ଆକର୍ଷଣୀୟ ଆଇବ୍ରୋ ପାଇପାରିବେ। ଏଥିଲାଗି ଆପଣ ଏକ ଚାମଚ ନଡ଼ିଆ ତେଲରେ ୨ ଚାମଚ ଲେମ୍ବୁ ଚୋପାର ପାଉଡ଼ର ପକାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଏହାକୁ ସବୁଦିନ ଶୋଇବା ପୂର୍ବରୁ ଆଇବ୍ରୋରେ ଲଗାଇ ଦିଅନ୍ତୁ। ସକାଳେ ଉଠିବା ପରେ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ଆଇବ୍ରୋ ବେଶ ଘନ ଓ ମୋଟା ହେବ।



**ଅଲିଭ ଅଏଲ ଓ ଜୈତୁନ ତେଲ**

ଆପଣ ମୋଟା, ଗହଳ ଆଇବ୍ରୋ ଚାହୁଁଥିଲେ ଏପରି ଶସ୍ତା ଓ ସହଜ ପ୍ରଣାଳୀ ଆପଣାନ୍ତୁ। ଘରେ ଥିବା ଜୈତୁନ ତେଲକୁ ରାତିରେ ଲଗାଇ ହାଲକା ଭାବେ କିଛି ସମୟ ଆଇବ୍ରୋକୁ ମସାଜ କରନ୍ତୁ। ସକାଳେ ଉଠିବା ପରେ ଉଷୁମ ପାଣିରେ ମୁହଁକୁ ଧୋଇ ଦିଅନ୍ତୁ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## କାର୍ଯ୍ୟକାରୀ କରାଯିବା ଉଚିତ....

ଏକ ବହୁ ଭାଷାଭାଷୀ ଦେଶ ଭାବରେ ଭାରତ ସମଗ୍ର ବିଶ୍ୱରେ ପରିଚିତ । ପୁଣି ଭାଷା ଭିତ୍ତିରେ ଦେଶରେ ପ୍ରଦେଶ ବା ରାଜ୍ୟମାନେ ମଧ ଗଠିତ ହୋଇଛନ୍ତି । ଭାଷାଭିତ୍ତିକ ରାଜ୍ୟଗୁଡ଼ିକର ଗଠନ ହେଉଛି ଏକ ଅନ୍ୟତମ ଅବଧାରଣା, ତାହା ଭାରତକୁ ଏଯାବତ୍ ଏକ କରି ରଖି ଆସିଛି । ଧର୍ମନିରପେକ୍ଷତା ଭଳି ଏହା ନିଶ୍ଚିତ କରାଇ ଆସିଛି ଯେ ଭାଷା ଏକ ବାରି ହୋଇ ପଡୁଥିବା ଭଳି ଲକ୍ଷଣ ହୋଇଥିବା ବେଳେ ସେମାନଙ୍କର ସାଂସ୍କୃତିକ ଏକତା ସହିତ ଏହି ସାଧାରଣତନ୍ତ୍ରର ଏକ ପ୍ରାଥମିକ ଏକକ ହେଉଛନ୍ତି ନାଗରିକଗଣ, ଯେଉଁମାନଙ୍କୁ ଅନ୍ୟମାନଙ୍କ ପ୍ରାଧାନ୍ୟ ବିସ୍ତାରରୁ ସାମ୍ବିଧାନିକ ବିଧି ବ୍ୟବସ୍ଥା ଦ୍ୱାରା ପୃଥକ୍ ଏବଂ ସୁରକ୍ଷିତ ରଖାଯାଇଥାଏ । ଦେଶରେ ତିଷ୍ଠି ରହିବା ନିମନ୍ତେ ପ୍ରତ୍ୟେକଟି ଭାଷାକୁ ସମାନ ଅଧିକାର ଏବଂ ସମାନ ସୁଯୋଗ ପ୍ରଦାନ କରାଯାଇଛି । ଏହା ମଧ ସମସ୍ତ ପ୍ରକାର ସତ୍ତାବାଦୀ ପ୍ରବୃତ୍ତି ବିରୋଧରେ ଏକ ପ୍ରକାରର ନିଶ୍ଚିତତା । ସଙ୍ଗେ ସଙ୍ଗେ ଅନ୍ୟ ଭାଷାଭାଷୀମାନଙ୍କ ସହିତ ଭାବ ବିନିମୟ ଦ୍ୱାରା ଭାଷାର ବୃଦ୍ଧି ଘଟି ଚାଲିଥାଏ । ଏବଂ ସମସ୍ତ ପ୍ରକାରର ମୌଳିକ ମାନବୀୟ ଲକ୍ଷଣ ଭଳି ଏଥିରେ ମଧ ପରିବର୍ତ୍ତନ ଘଟିଥାଏ । ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରତ୍ୟେକ ଭାଷା ଅନ୍ୟ ଏକ ସମୟରେ ଅନ୍ୟାନ୍ୟ ଅନେକଙ୍କ ଅବଦାନର ଉତ୍ପାଦ ଭାବରେ ବିବେଚିତ ହୋଇଥାଏ । ଭାଷାଗୁଡ଼ିକ ଅନ୍ୟାନ୍ୟ ଭାଷାର ନିଜ ସହିତ ଏକତ୍ରିକରଣ ଦ୍ୱାରା ଅଗ୍ରଗତି କରିଥାନ୍ତି । ସଂକ୍ଷେପରେ କହିଲେ, ଭାଷାର ଏକ ଦ୍ୱନ୍ଦ୍ୱାତ୍ମକ ସ୍ୱଭାବ ରହିଛି- ଗୋଟିଏ ପକ୍ଷରେ ଏହା ଲୋକମାନଙ୍କର ସଂସ୍କୃତି, ଜ୍ଞାନ ଏବଂ ସେମାନେ ହାସଲ କରିଥିବା ପ୍ରଗତିର ଭଣ୍ଡାର ଘରଗୁଡ଼ିକ ହୋଇଥାଏ ଆଉ ସେଥିପାଇଁ ଏହା ସେମାନଙ୍କର ଏକ ଅତ୍ୟାବଶ୍ୟଖ ଏବଂ ଅବିଚ୍ଛେଦ୍ୟ ବୈଶିଷ୍ଟ ହୋଇଥିବା ବେଳେ ଅପର ପକ୍ଷରେ, ଏହା ଏକ ବହୁ-ସ୍ତରୀୟ ସମଧର୍ମୀ ସଂରଚନାକୁ ଧରି ରଖିଥାଏ ଯାହା ଅନ୍ୟମାନଙ୍କ ସହିତ ନିବିଡ଼ ଭାବରେ ଭାବ ବିନିମୟ କରିଥାଏ । ଏ ଦୁଇଟି, ଯେଉଁଗୁଡ଼ିକ ସେମାନଙ୍କର ସ୍ୱଭାବ ଦୃଷ୍ଟିରୁ ଭିନ୍ନ ଭିନ୍ନ ଦେଖା ଯାଇଥାନ୍ତି, କିନ୍ତୁ ମୌଳିକ ଭାବରେ ପରସ୍ପରର ପରିପୂରକ ହୋଇଥାନ୍ତି, ସେମାନଙ୍କୁ କେବଳ ଏକ ଗଣତାନ୍ତ୍ରିକ ହିଁ ଏକ କରି ପାରିଥାଏ । ସ୍ୱାଧୀନ ଓ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତ ଏହି ସମ୍ପୂର୍ଣ୍ଣ ଜଟିଳ ପ୍ରକ୍ରିୟାକୁ ସଫଳ ଭାବରେ କାର୍ଯ୍ୟ କାରୀ କରିଥିବାର ଏକ ପ୍ରକୃଷ୍ଟ ଉଦାହରଣ । ତେବେ ଏହା ସତ୍ତ୍ୱେ ଭାଷାକୁ ନେଇ ସମ୍ପ୍ରତି ଦୁଇଗୋଟି ରାଜ୍ୟ ମଧ୍ୟରେ ଦେଖା ଦେଇଛି ବିବାଦ । କର୍ଣ୍ଣାଟକରେ ରହିଛି ୮୬୫ ପାଖାପାଖି ଗାଁ ଯେଉଁଗୁଡ଼ିକର ଅଧିବାସୀମାନେ ମରାଠୀ ଭାଷା କହୁଥିବା ଯୋଗୁଁ ମହାରାଷ୍ଟ୍ର ଏଗୁଡ଼ିକୁ ତାର ବୋଲି ଦାବି କରୁଛି । ସେଥିପାଇଁ ସେଠାରେ ଦେଖା ଦେଇଛି ହିଂସାକାଣ୍ଡ । ପରନ୍ତୁ, କର୍ଣ୍ଣାଟକ କୌଣସି ପରିସ୍ଥିତିରେ ମଧ ଏଗୁଡ଼ିକୁ ନିଜ ରାଜ୍ୟରୁ ବିଚ୍ଛିନ୍ନ କରିବାକୁ ପ୍ରସ୍ତୁତ ନୁହେଁ; ଏବଂ ଏହା ମଧ ଏକ ଉଚିତ କଥା । ପରିସ୍ଥିତିକୁ ସମ୍ଭାଳିବାକୁ ଯାଇ କେନ୍ଦ୍ର ଗୃହମନ୍ତ୍ରୀ ଉଭୟ କର୍ଣ୍ଣାଟକ ଓ ମହାରାଷ୍ଟ୍ରର ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ପ୍ରଦାନ କରିଛନ୍ତି ଯେ ସେମାନେ ଏହି ପ୍ରସଙ୍ଗକୁ ନେଇ ରାସ୍ତାକୁ ଓହ୍ଲାଇବା ଅପେକ୍ଷା ସମସ୍ୟାର ସମାଧାନ ନିମନ୍ତେ ସମ୍ବିଧାନର ଆଶ୍ରୟ ନେବା ଉଚିତ । କହିବା ବାହୁଲ୍ୟ, କେନ୍ଦ୍ର ଗୃହମନ୍ତ୍ରୀଙ୍କ ପରାମର୍ଶକୁ ଉପରୋକ୍ତ ଆଲୋଚନା ପୃଷ୍ଠଭୂମିରେ ପର୍ଯ୍ୟାଲୋଚନା କରାଯିବା ଉଚିତ । ଗୃହମନ୍ତ୍ରୀଙ୍କ ପରାମର୍ଶର ବାସ୍ତବତା ଦିଗରୁ ଏକ କମିଟି ଗଠନ କରାଯିବ, ଯେଉଁଥିରେ ସମ୍ପୃକ୍ତ ଦୁଇରାଜ୍ୟରୁ ପ୍ରତ୍ୟେକରୁ ତିନିଜଣ ଲେଖାଏଁ ମନ୍ତ୍ରୀ ରହିବେ ସମସ୍ୟା ସମାଧାନର ଉପାୟ ବାହାର କରିବା ନିମନ୍ତେ । ପୁନଶ୍ଚ, କେନ୍ଦ୍ର ଗୃହମନ୍ତ୍ରୀ ଶ୍ରୀଯୁକ୍ତ ଅମିତ୍ ଶାହା ବିରୋଧୀ ଦଳମାନଙ୍କ ସମେତ ସବୁ ରାଜନୀତିକ ଦଳଙ୍କୁ ଏହି ବିବାଦର ରାଜନୀତିକରଣ ନ କରିବାକୁ ନିବେଦନ କରିଛନ୍ତି । ଭାରତୀୟ ସମ୍ବିଧାନ ଭାଷାଗତ ଏବଂ ଧାର୍ମିକ ସଂଖ୍ୟାଲଘୁମାନଙ୍କୁ ଯେଉଁସବୁ ବିଶେଷାଧିକାର ପ୍ରଦାନ କରିଛି, ସେସବୁ ବିନା କାରଣରେ ଯେ କରିଛି, ସେପରି ଭାବିବା ଉଚିତ ନୁହେଁ । ଏଭଳି ବ୍ୟବସ୍ଥା ପଛରେ ରହିଥିବା ନୀତିଟି ହେଉଛି ଏକ ସଭ୍ୟ ଶିକ୍ଷିତ ସମାଜ ସଂଖ୍ୟା ଦୃଷ୍ଟିରୁ ଗୌଣ ହୋଇଥିବା ଏହାର ଅନ୍ୟ ବର୍ଗମାନଙ୍କର ଖିଆଲ ରଖିବ । ସମୟ ଉପଗତ ହୋଇଛି, ଏହା ସୁନିଶ୍ଚିତ କରାଯିବା ଆବଶ୍ୟକ ଯେ ସଂଖ୍ୟାଲଘୁମାନଙ୍କର ଅଧିକାରଗୁଡ଼ିକୁ କେବଳ କାଗଜରେ ଲେଖା ମଧ୍ୟରେ ସୀମିତ ରଖାଯିବା ଉଚିତ ନୁହେଁ; ସେଗୁଡ଼ିକୁ ତୃଣମୂଳ ସ୍ତରରେ କାର୍ଯ୍ୟକାରୀ କରାଯିବା ଉଚିତ ।

## ଓଡିଆ ବିଚ୍ଛିନ୍ନାଞ୍ଚଳ ! ଏକ କ୍ଷୁଦ୍ର ସମୀକ୍ଷା

**ଡ. ଶ୍ରୀହରି ପଣ୍ଡା**

ମାତୃଭୂମି, ମାତୃଭାଷା, ସଂସ୍କୃତି ଓ ପରମ୍ପରା ହେଉଛି ଜାତୀୟ ଜୀବନର ଆଧାରଶିଳା । ଗୋଟିଏ ଜାତିର ଆତ୍ମ ପରିଚୟ ଓ ସ୍ୱାଭିମାନର ମୂଳଭିତ୍ତି, ଏହାକୁ ଭୁଲି କୌଣସି ଜାତି ପୃଥିବୀରେ ସମୃଦ୍ଧ ହୋଇନାହିଁ । ଏଣୁ ଓଡିଆମାନଙ୍କ ସ୍ୱତନ୍ତ୍ର ପରିଚୟ ସୃଷ୍ଟିପାଇଁ, ହଜି ଯାଇଥିବା ଅତୀତର ସ୍ୱାଭିମାନକୁ ଫେରାଇ ଆଣିବା ପାଇଁ ଆରମ୍ଭ ହୋଇଥିଲା ଓଡିଆ ଆନ୍ଦୋଳନ । ପଡୋଶୀ ରାଜ୍ୟର କିଛି ବ୍ୟକ୍ତିଙ୍କ ଭାଷାବିଲୋପ ରୂପକ ହୀନଚକ୍ରାନ୍ତକୁ ପଣ୍ଡ କରି ଓଡିଶାର ଜନ ଜାଗରଣ ସୃଷ୍ଟି ହେଲା । ଓଡିଆ ଭାଷାବାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରଥମେ ବେସରକାରୀ ଭାବରେ ବିଚିତ୍ରାନନ୍ଦ ଦାସ ଓ ବୈକୁଣ୍ଠ ନାଥ ଦେ ୧୮୭୫ ମସିହାରେ ଛୋଟଲାଟ ସାର ରିଚାର୍ଡ ଟେମ୍ପଲଙ୍କୁ ସ୍ମାରକପତ୍ର ଦେଇଥିଲେ । ଏହି ସମୟରେ ଦକ୍ଷିଣ ଓଡିଶାରେ ଶ୍ରୀ ଉଇଲିୟମ ମହାନ୍ତିଙ୍କ ଅଧକ୍ଷତାରେ ଗଞ୍ଜାମ ଓଡିଆଙ୍କ ଦୁଃଖ ମୋଚନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆନ୍ଦୋଳନ ଚାଲିଲା । ଏହି ଆନ୍ଦୋଳନରେ ଉତ୍କଳ ହିତବାଦିନୀ ସଭା ଅଗ୍ରଣୀ ଭୂମିକା ନେଇଥିଲା ।୧୮୮୧ରେ ମଧୁବାବୁ ଓଡିଶାକୁ ଫେରି ୧୮୮୨ ମସିହାରେ ଉତ୍କଳ ସଭାର ସଭାପତି ଦାୟିତ୍ୱ ଗ୍ରହଣ କଲେ । ଏହି ସଭା ଜରିଆରେ ଓଡିଆମାନଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରିବା ପାଇଁ ମାନସିକ ପ୍ରସ୍ତୁତି ଚଳାଇଲେ । ଓଡିଆ ଭାଷାବାଷୀ ଅଞ୍ଚଳର ମିଶ୍ରଣ ପାଇଁ ଉତ୍କଳ ସଭା ତରଫରୁ ବଙ୍ଗର ଲାଟ ଥମ୍ପସନଙ୍କୁ ୧୮୮୫, ବେଲାସାହେବଙ୍କୁ ୧୮୮୮ ଓ ଜନ ଉଡଙ୍କୁ ୧୮୯୮ ରେ ଦାବୀପତ୍ର ପ୍ରଦାନ କରିଥିଲେ । ୧୮୯୭ ମସିହା ଏପ୍ରିଲ ୨୬ ତାରିଖରେ ମଧୁବାବୁ ଇଂଲଣ୍ଡ ଯାତ୍ରା କରି ସେଠାରେ ଭାରତର ଶାସନ ସଚିବ ଜର୍ଜ ହାମିଲଟନଙ୍କୁ ସାକ୍ଷାତ କରି ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ଓଡିଆଭାଷାର ପ୍ରଚଳନ ଦାବୀ ଜଣାଇଥିଲେ । ୧୮୯୯ରେ କର୍ଜନଙ୍କ ବଡଲାଟ ହେବାପରେ ଏକ ଦାବୀପତ୍ର ମାଧ୍ୟମରେ ଓଡିଶା ଓ ଓଡିଆଙ୍କ ଦୁର୍ଦ୍ଦଶା ଜଣାଇ ଚିଠି ଲେଖିଥିଲେ । ୧୯୦୦ ମସିହାରେ ସିମଳାରେ କର୍ଜନଙ୍କୁ ସାକ୍ଷାତ କରିବା ସହ ଓଡିଶାର ଦୁର୍ଦ୍ଦଶାକୁ ଦର୍ଶାଇବା ପାଇଁ ତାଙ୍କୁ ପୁରୀ ଓ ଭୁବନେଶ୍ୱର ବୁଲି ଦେଖିବାକୁ ନିମନ୍ତ୍ରଣ କରିଥିଲେ । ୧୯୦୦ ମସିହା ଡିସେମ୍ବର ୧୬ ତାରିଖରେ ବଡଲାଟ କର୍ଜନ ଓଡିଶା ଆସି ଓଡିଆଙ୍କ ଦୁର୍ଦ୍ଦଶା ଦେଖି ବିଚଳିତ ହୋଇଥିଲେ । ଫଳରେ ୧୯୦୩ ମସିହା ଜାନୁଆରୀ ମାସ ପହିଲା ଦିନ ତାଙ୍କ ଆଦେଶ ବଳରେ ସମଗ୍ର ସମ୍ବଲପୁର ଜିଲ୍ଲାରେ ଓଡିଆ ଭାଷାର ପୁନଃ ପ୍ରଚଳନ ହେଲା ଏବଂ ଡିସେମ୍ବର ମାସ ୩ ତାରିଖରେ ସମଗ୍ର ଓଡିଆ ଭାଷାଭାଷୀ ଅଞ୍ଚଳର ପୁନଃ ମିଶ୍ରଣ ପାଇଁ ରିସିଲେ ସର୍କୁଲାର ପ୍ରସାରିତ କଲେ । ୧୯୦୫ଅକ୍ଟୋବର ୧୬ରେ ବଙ୍ଗଭଙ୍ଗ କରି ଓଡିଶା ଡିଭିଜନ ସହ ସମ୍ବଲପୁର, ପାଟଣା, କଳାହାଣ୍ଡି, ବାମଣ୍ଡା, ସୋନପୁର ଓ ରେଢାଖୋଲ ମଧ୍ୟପ୍ରଦେଶରୁ ଏବଂ ଗାଙ୍ଗପୁର ଓ ବଣେଇ ଛୋଟନାଗପୁରରୁ ଆସି ମିଶିଗଲା କିନ୍ତୁ ଓଡିଶା ଡିଭିଜନ ପଶ୍ଚିମବଙ୍ଗ ସହ ମିଶି ରହିଲା । ମାଦ୍ରାସ ସରକାରଙ୍କ ଅସହଯୋଗ ପାଇଁ ଦକ୍ଷିଣାଞ୍ଚଳ ଓଡିଶା ଡିଭିଜନ ସହ ମିଶିପାରିନଥିଲା । ଯେତେବେଳେ ଭାରତବର୍ଷରେ ଏ ଜାତିର ପରିଚୟ ବୁଡିବାକୁ ବସିଥିଲା ସେତେବେଳେ ମଧୁବାବୁ ଓଡିଆ ଆନ୍ଦୋଳନ ମାଧ୍ୟମରେ ଓଡିଆକୁ ବିଶ୍ୱ ଦରବାରରେ ପହଞ୍ଚାଇବାର ପ୍ରଚେଷ୍ଟା କରିଥିଲେ । ଇଂରେଜମାନଙ୍କ ନିକଟରେ ଏ ଜାତିର ପରିଚୟ କରିବା ସହ ଉତ୍କଳର ଅଭାବ, ଅଭିଯୋଗମାନ ବ୍ୟକ୍ତ କରିଥିଲେ । ଫଳସ୍ୱରୂପ୧୯୦୨ ମସିହାରେ କଲିକତା ବିଶ୍ୱଭାରତୀରେ ଓଡିଆ ଏକ ଭାଷା ଭାବରେ ଗୃହୀତ ହୋଇଥିଲା । ସେ ନିଜସ୍ୱ ଖର୍ଚ୍ଚରେ ୧୯୦୮ ମସିହାରେ 'ଅଶାନ୍ତ ଭାରତ' ନାମକ ବହିଟିଏ ଛାପି ଇଂଲଣ୍ଡରେ ବାଣ୍ଟି ଓଡିଶାର ଦୁଃଖକୁ ପହଞ୍ଚାଇଥିଲେ । ଫଳସ୍ୱରୂପ୧୯୧୯ରେ ଚେମ୍ସଫୋର୍ଡ ଶାସନ ସଂସ୍କାରରେ ଓଡିଶାକୁ ଏକ ଉପପ୍ରଦେଶ କରାଯିବାକୁ ସୁପାରିଶ କରାଯିବା ସହିତ ୧୯୨୭ ମସିହାରେ ସାଇମନ କମିଶନ ପାଖରେ ଓଡିଆ ଭାଷାକୁ ଏକ ଭାଷାର ମର୍ଯ୍ୟାଦା ପାଇଁ ଦାବି କରିବା ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଦର୍ଶାଇଥିଲେ । କମିଶନ ମଧ ମଧୁବାବୁଙ୍କ ଦାବିକୁ ମାନିନେଇ ଓଡନେଲ କମିଟି ମାଧ୍ୟମରେ ଓଡିଶାର ନାର୍ଯ୍ୟଦାବି ସମ୍ପର୍କରେ ଅନୁସନ୍ଧାନ କଲେ ଓ ଏହି କମିଟିର ସୁପାରିଶ ଅନୁଯାୟୀ ଓଡିଆ ଭାଷା ଏକ ଭାଷାର ମାନ୍ୟତା ସହ ଓଡିଶା ଏକ ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇଁ ସୁପାରିଶ କରିଥିଲେ ।

ଓଡିଆ ଆନ୍ଦୋଳନର କାର୍ଯ୍ୟାବଳୀ ଯେତେ ସ୍ମରଣୀୟ ସେତେ ଯୁଗୋପଯୋଗୀ ଥିଲା ଉତ୍କଳ ସମ୍ମିଳନୀ । ଓଡିଆଙ୍କ ପରିଚୟ, ସ୍ଥିତି ଓଡିଆ ଆନ୍ଦୋଳନ ମାଧ୍ୟମରେ ପ୍ରକାର ଓ ପ୍ରସାର କରିବା ସହ ବିଛିନ୍ନ ଓଡିଶାର ବିଭିନ୍ନ ଅଂଶକୁ ଏକତ୍ରିତ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବାର ଲକ୍ଷ୍ୟ ଏହି ଉତ୍କଳ ସମ୍ମିଳନୀର ଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ରେ ପ୍ରାକୃତିକ ଉତ୍କଳର ଏକତ୍ରୀକରଣ, କୃଷି, ବାଣିଜ୍ୟ, ଅର୍ଥନୈତିକ, ସାମାଜିକ ଓ ଶିଳ୍ପର ଉନ୍ନତି ଏବଂ ଶିକ୍ଷା ଓ ସାହିତ୍ୟର ପ୍ରସାର ଉଦ୍ଦେଶ୍ୟ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା । ଏହି ସମ୍ମିଳନୀ ଥିଲା ଉତ୍କଳୀୟ ଜାଗରଣର ପଥପ୍ରଦର୍ଶକ । ମଧୁବାବୁ ୧୮୯୭ରୁ ୧୯୧୨ ମଧ୍ୟରେ କିଛିକାଳକୁ ବାଦଦେଲେ ଅନ୍ୟ ସମୟ ବଙ୍ଗ ବିଧାନ ସଭାର ସଦସ୍ୟ ଥାଇ ଓଡିଶା ବହୁ ସମସ୍ୟା ଉ ।ପନ କରିଥିଲେ । ବିହାର-ଓଡିଶା ବିଧାନସଭାର ସଭ୍ୟ ଏବଂ ୧୯୨୧ରେ ମନ୍ତ୍ରୀ ହୋଇଥିଲେ । ସବୁଠି ଓଡିଆମାନଙ୍କର ସମସ୍ୟା, ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ପର୍କରେ ଆଲୋଚନା ଓ ଦାବୀ ରଖୁଥିଲେ । ୧୯୨୮ରେ ବମ୍ବେରେ ବଡଲାଟ କମିଟିକୁ ସାକ୍ଷାତ୍ କରି ବିହାରରୁ ଷଢେଇକଳା ଓ ଖରସୁଆଁ ଗଡଜାତକୁ ଆଣି ଓଡିଶା ସହ ମିଶ୍ରଣ କରିବାକୁ ଦାବୀ କରିଥିଲେ । ଅବଶ୍ୟ ୧୯୨୮ ମସିହା ଡିସେମ୍ବର ୧୨ ତାରିଖରେ ଓଡିଶାର ପ୍ରତିନିଧି ଦଳ ପାଟନା ରେଳଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ ଜଣାଇ ଓଡିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମନ୍ତେ ଦାବୀପତ୍ର ପ୍ରଦାନ କରିଥିଲେ ଯାହାକି ସାଇମନ କମିଶନ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ସୁପାରିସ କରିଥିଲେ ।୧୯୩୧ ମସିହାରେ ପାରଳା ରାଜା ଇଂଲଣ୍ଡ ଯାଇ ଗୋଲଟେବୁଲ ବୈଠକରେ ଯୋଗଦେଇ ଓଡିଆ ଭାଷାଭାଷୀ ଅଞ୍ଚଳର ମିଶ୍ରଣ ନିମନ୍ତେ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ ।୧୯୩୨ ମସିହାରେ ଓଡିଶା ପ୍ରଦେଶ ସୀମାନିର୍ଦ୍ଧାରଣ ଓଡନେଲ କମିଟିକୁ କଟକ ରେଳ ଷ୍ଟେସନରେ ମଧୁବାବୁ ସ୍ୱାଗତ କରିଥିଲେ । ୧୯୩୨ ଜୁଲାଇ ମାସରେ ଲଣ୍ଡନରେ ଜଏଣ୍ଟ ପାର୍ଲିଆମେଣ୍ଟାରୀ କମିଟି ଆଗରେ କୃଷ୍ଣଚନ୍ଦ୍ର ଗଜପତି ପାରଳାଖେମୁଣ୍ଡି, ଜୟପୁର, ଗଞ୍ଜାମ ଓ କୋରାପୁଟ ପ୍ରଭୃତିକୁ ଓଡିଶାରେ ମିଶ୍ରଣ ପାଇଁ ମତ ରଖିଥିଲେ । ୧୯୩୩ ମସିହା ଏପ୍ରିଲ ମାସ ୨୬ରେ ଓଡିଶା ପ୍ରଶାସନିକ କମିଟି ଗଠିତ ହେଲା । ରୁଗ୍ଣ ମଧୁବାବୁ ଏ କମିଟିର ସଭ୍ୟଭାବରେ ବିଭିନ୍ନ ସ୍ଥାନକୁ ଗସ୍ତ କରିବା ସହ ଦସ୍ତଖତ ଦେଇ ସ୍ୱତନ୍ତ୍ର ଓଡିଶା ଗଠନର ସ୍ୱକାର୍ଯ୍ୟ ସମ୍ପାଦନ କରିଥିଲେ । ଡିସେମ୍ବର ୨୦ ତାରିଖରେ ଏହାର ରିପୋର୍ଟ ପ୍ରକାଶିତ ହୋଇଥିଲା । ହଷ୍ଟିନ ହବାକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଓଡିଶା ପ୍ରଶାସନିକ କମିଟି କଟକକୁ ଓଡିଶା ରାଜଧାନୀ ଏବଂ ପୁରୀକୁ ଗ୍ରୀଷ୍ମକାଳୀନ ରାଜଧାନୀ ତଥା ଗୋଟିଏ ଉଚ୍ଚନ୍ୟାୟଳୟ ଓ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହିତ ଶିକ୍ଷା ନିର୍ଦ୍ଦେଶକ, ପୋଲିସ ଇନସପେକ୍ଟର ଜେନେରାଲ ଏବଂ ରାଜସ୍ୱ କମିଶନ ପଦବୀ ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦେଲେ । ୧୯୩୫ ମସିହା ପ୍ରଣୀତ ଭାରତ ଶାସନ ଆଇନର ୨୮୯ ଧାରା ଅନୁଯାୟୀ ଓଡିଶା ଓ ସିନ୍ଧୁ ପ୍ରଦେଶକୁ ସ୍ୱୀକୃତି ପ୍ରଦାନ କରାଗଲା ଓ ୧୯୩୬ ମାର୍ଚ୍ଚ ୩ ତାରିଖରେ ଇଂରେଜ ସମ୍ରାଟଙ୍କ ଅନୁମୋଦନ ଲାଭକଲା ।

୧୯୩୬ ମସିହା ! ଓଡିଆ ଜାତିର ଇତିହାସରେ ଅବିସ୍ମରଣୀୟ ଅଧ୍ୟାୟ ଉନ୍ମୋଚିତ ହେଲା । ଏହି ବର୍ଷ ଏପ୍ରିଲ ଏକ ତାରିଖ ବିଖଣ୍ଡିତ ସୁଦୂର ପ୍ରସାରୀ ଓଡିଶା ସାମ୍ରାଜ୍ୟର ଏକତ୍ରୀକରଣ ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଜନ୍ମ ନେଲା ହେଲେ ଛିନ୍ନ ମସ୍ତା ହୋଇ । ୧୯୩୬ ଏପ୍ରିଲ ଏକ ତାରିଖରେ ଓଡିଆଙ୍କ ବହୁ ଇପ୍ସିତ ଓଡିଶା ପ୍ରଦେଶ ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ହେବାର ଗୌରବ ପ୍ରାପ୍ତ ହେଲା । ଏଥିରେ ମାତ୍ର ଛଅଗୋଟି ଜିଲ୍ଲା- ଯଥା- କଟକ, ପୁରୀ, ଗଞ୍ଜାମ, କୋରାପୁଟ, ସମ୍ବଲପୁର ଓ ବାଲେଶ୍ୱରକୁ ନେଇ ୩୨,୬୯୫ ବର୍ଗମାଇଲ ଆୟତନ ବିଶିଷ୍ଟ ନୂତନ ପ୍ରଥମ ଭାଷାଭିତ୍ତିକ ରାଜ୍ୟ ହେଲା । ଯେତେବେଳେ କି ପୁରାତନ ଓଡିଶାର ସୀମା ଥିଲା ଉତ୍ତରରେ କାଂଶବାଁଶ ନଦୀଠାରୁ ଦକ୍ଷିଣରେ ଋଷିକୂଲ୍ୟା ନଦୀ ପର୍ଯ୍ୟନ୍ତ । ସମୟାନ୍ତରରେ ଏହା ବର୍ଦ୍ଧିତ ହୋଇ ଉତ୍ତରରେ ହୁଗୁଳି ନଦୀ , ଦକ୍ଷିଣରେ ଗୋଦାବରୀ ନଦୀ ଓ କର୍ଣ୍ଣାଟଦେଶ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ କଳାହାଣ୍ଡି ବସ୍ତର ମଧ୍ୟରେ ନିର୍ଦ୍ଦିଷ୍ଟ ହୋଇଥିଲା । ମାତ୍ର ଦୁଃଖର କଥା ଆଧୁନିକ ଓଡିଶାର ମାନଚିତ୍ରକୁ ଲକ୍ଷ୍ୟ କଲେ ଏହି ଐତିହ୍ୟପୂର୍ଣ୍ଣ ବିଶାଳ ଓଡିଶାର ପରିବର୍ତ୍ତେ ଏକ ସଙ୍କୁଚିତ ଓଡିଶାର ରୂପେ ଉଭା ହୋଇଛି । ସମସ୍ତ ଓଡିଆ ଭାଷାଭାଷି ଅଞ୍ଚଳ ଏହି ନୂତନ ଓଡିଶାର ପରିସରଭୁକ୍ତ ହୋଇ ପାରିଲାନି । ପୂର୍ଣ୍ଣାଙ୍ଗ ଓଡିଶାର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଗଲା । ରାଜନୈତିକ ଚକ୍ରାନ୍ତର ଶିକାର ହେଲା ନବଗଠିତ ଓଡିଶା । ଉତ୍କଳ ସମ୍ମିଳନୀର ଭାଷାଭିତ୍ତିକ ରାଜ୍ୟଗପ୍ର ଦାବୀ ବାସ୍ତବରେ ରୂପାୟନ ହୋଇପାରିଲାନି । ଆରମ୍ଭ ହୋଇଗଲା ବିଚ୍ଛିନ୍ନାଞ୍ଚଳ ପ୍ରସଙ୍ଗ । ଯେଉଁ ଓଡିଆ ଭାଷାଭାଷୀ ଅଞ୍ଚଳ ନୂତନ ଓଡିଶାରେ ସ୍ଥାନ ପାଇଲେନି ସେମାନେ ହୋଇଗଲେ ଓଡିଶାର ବିଛିନ୍ନାଞ୍ଚଳ । ଓଡିଶାର ସୀମାନ୍ତକୁ ଲାଗି ଏହି ଅଞ୍ଚଳରେ ଓଡିଶା ସହିତ ମିଶ୍ରଣ ନିମନ୍ତେ ବାରମ୍ବାର ଦାବୀ ସତ୍ତ୍ୱେ ସେମାନଙ୍କର ଦାବୀ ପୂରଣ ହୋଇପାରୁନାହିଁ ବରଂ ଏହି ଅଞ୍ଚଳର ଅଧିବାସୀମାନଙ୍କର ଜୀବନ ଏକ ବିଚିତ୍ର ପରିସ୍ଥିତି ଦେଇ ଗତି କରୁଛି । ମନ ଓ ପ୍ରାଣ ଓଡିଆ ହୋଇଥିବା ବେଳେ ଶରୀର ଯେମିତି ନିଷ୍ପ୍ରାଣ ହୋଇଯାଇଛି । ଘରେ ସେମାନେ ନିଜର ମାତୃଭାଷା ଓଡିଆ କଥା ହେଉଥିବା ବେଳେ ବଜାର, ଅଫିସ,ସର୍ବତ୍ର ଭିନ୍ନ ଏକ ଚଳଣିକୁ ଆପଣେଇ ନେବାକୁ ବାଧ ହୋଇଛନ୍ତି । ଏକ ପରାକ୍ରମଶାଳୀ ଓ ଗୌରବପୂର୍ଣ୍ଣ ରାଜ୍ୟକୁ ରାଜନୈତିକ ଅଭିସନ୍ଧି ରଖି ଶ୍ରୀହୀନ କରିବାର ଚକ୍ରାନ୍ତ ସଫଳ ହେଲା । କେବଳ ଓଡିଶାର ଅଙ୍ଗଛେଦ ହେଲା ନାହିଁ ପରନ୍ତୁ ଦୂର ଅବିସନ୍ଧି ରଖି କରାଯାଇଥିବା ଚକ୍ରାନ୍ତ ସଫଳ ହେବାରେ ଲାଗିଛି । (କ୍ରମଶଃ)


ଅଧ୍ୟାପକ : ଓଡିଆ ବିଭାଗ

କପ୍ତିପଦା ମହାବିଦ୍ୟାଳୟ,

ନୂଆସାହି, ମୟୁରଭଂଜ

(ମୋ) ୯୮୫୩୯୪୮୪୫୮


## ଶିକ୍ଷା ଏବଂ ସ୍ୱାସ୍ଥ୍ୟକୁ ବିଶ୍ୱସ୍ତରକୁ ଆଣିବାକୁ ହେଲେ ସରକାରଙ୍କୁ ଆଉ କେତେବର୍ଷ ଲାଗିବ



**ସୁବ୍ରତ କର**

ସରକାରଙ୍କ ସତରେ କଣ ଚେଷ୍ଟା ଅଛି ? କାରଣ ସରକାର ବୋଇଲେ ମୁଖ୍ୟମନ୍ତ୍ରୀଙ୍କୁ ବୁଝାଉନାହିଁ । ମୁଖ୍ୟମନ୍ତ୍ରୀ ନିଜେ ସରକାର ଚଳାଉ ନାହାନ୍ତି । ପ୍ରାୟ ୫ ଲକ୍ଷ ସରକାରୀ କର୍ମଚାରୀମାନେ କାର୍ଯ୍ୟରତ । ଏବେ ପ୍ରଶ୍ନ ହେଲା ସ୍ୱପ୍ନ ଦେଖିବା ଭଲ କିନ୍ତୁ ଏହାକୁ ରୂପାନ୍ତରିତ କରିବା କାଠିକର ପାଠ । ଏହି ସରକାର ୨୨ ବର୍ଷ ରୁ ଉର୍ଦ୍ଧ୍ୱ ଗାଦିରେ ଅଛନ୍ତି । ଆସନ୍ତା ଥରକୁ ମଧ ଆଉ ୫ ବର୍ଷ ପାଇଁ ଆସିବାର ସମ୍ଭାବନା ରହିଛି । ତେବେ କାହିଁକି ଆମ ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଏତେ ପଛୁଆ କାହିଁକି ? ଆମେ ଯଦି କିଛି ବଡ଼ ଧରଣର ଅସ୍ତ୍ରୋପଚାର ହେଉ ବିଶେଷ ଭାବରେ ଚିକିତ୍ସିତ ହେବାକୁ ଚାହିଁଲେ ଚେନ୍ନାଇ, ହାଇଦ୍ରାବାଦ, ବମ୍ବେ ଏବଂ ବେଙ୍ଗାଲୁର ଭଳି ଯିବାକୁ ବାଧ ହୋଇଥାଉ ଏବଂ ଏବେ ମଧ ଯିବାକୁ ପଡୁଛି କାରଣ ଆମର ଯେତେ ଡାକ୍ତରଖାନା ଅଛି ସବୁ ଦୁଇ ନମ୍ବର । ଏମ୍ସ ଉପରେ ଟିକିଏ ଲୋକଙ୍କ ଭରସା ଅଛି କିନ୍ତୁ ସେଠାରେ ଭିଡ଼ ଭିତରେ ଆପଣ ହଜିଯିବେ ରୋଗୀ ଦେଖାଇବେ କଣ ? ଏହାଠୁ ଭଲ ବମ୍ବେ, ହାଇଦ୍ରାବାଦ । ଏଇଠି ପ୍ରଶ୍ନ, ଆମେ ଏପର୍ଯ୍ୟନ୍ତ ଜାତୀୟ ସ୍ତରକୁ ଯାଇପାରି ନାହୁଁ ତେବେ ବିଶ୍ୱ ସ୍ତରକୁ କେବେ ପହଁଞ୍ଚିବା ? ଏଟା ମଧ ଠିକ୍ ଆମ କଟକ ଏବଂ ଭୁବନେଶ୍ୱର ଏମସ୍‌କୁ କିଛି ପଶ୍ଚିମବଙ୍ଗରୁ ରୋଗୀ ଆସନ୍ତି ଏବଂ ଏହାର କାରଣ ପଶ୍ଚିମବଙ୍ଗର ଲୋକସଂଖ୍ୟା ଆମ ରାଜ୍ୟଠାରୁ ଦୁଇଗୁଣ ଏବଂ ଯେଉଁମାନେ ମଧ୍ୟବିତ୍ତ ଲୋକ ଅଳ୍ପ ଖର୍ଚ୍ଚ ପାଇଁ ଆସିଥାଆନ୍ତି । ଏବେ ଆସିବା ଶିକ୍ଷା କ୍ଷେତ୍ରକୁ । ଆପଣ ଯେଉଁ ସ୍କୁଲକୁ ଯାଆନ୍ତୁ ଅଧିକାଂଶଠାରେ ପ୍ରଧାନ ଶିକ୍ଷକ ବା ଶିକ୍ଷୟିତ୍ରୀ ପଦବୀରେ ଜଣେ ଇନ୍‌ଚାର୍ଯ୍ୟ ରହିଛନ୍ତି ଏବଂ ଜଣେ ଜଣେ ବ୍ଲକ୍ ଏଜୁକେସନ୍ ଅଫିସର ୩-୪ବ୍ଲକ୍ ଦାୟିତ୍ୱରେ ଅଛନ୍ତି । ସବୁଠୁ ବଡ଼ କଥା ହେଲା ସବୁ ସ୍କୁଲରେ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଅଭାବ ଏବଂ ସବୁଠୁ ମଜା କଥା ହେଉଛି କାମ ଚଳାଇବା ପାଇଁ ବାହାର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀକୁ ନିୟୋଜିତ କରାହେଉଛି । ଆହୁରି ମଜା କଥା ହେଲା ଓଡ଼ିଆ, ହିନ୍ଦି ଏବଂ ସଂସ୍କୃତ ପଢ଼ଉଛନ୍ତି ଅନ୍ୟ ଶିକ୍ଷକମାନେ । ପ୍ରାଥମିକ ଶିକ୍ଷା ସ୍ତରରେ ପ୍ରାୟ ୪୫ ହଜାର ଶିକ୍ଷକ ପଦ ଖାଲି (ଦୈନିକ ଖବର କାଗଜ ଅନୁସାରେ) କଥା ହେଉଛି ଯଦି ମୂଳ ଯଦି ଠିକ୍ ନୁହେଁ ଆଗକୁ ଯିବେ କେମିତି ? ଏମିତି ମଧ ଦେଖାଯାଇଛି ଗୋଟାଏ କ୍ଲାସ ଘରେ ୩,୪ଟି ଶ୍ରେଣୀରେ ମାଷ୍ଟର ପଢ଼ଉଛନ୍ତି ବା ୩-୪ଟି କ୍ଲାସ ପାଇଁ ଗୋଟିଏ ଶିକ୍ଷକ ବା ଶିକ୍ଷୟିତ୍ରୀ । ଆଉ ଦେଖିବେ ସବୁବେଳେ ଶିକ୍ଷକ, ଶିକ୍ଷୟିତ୍ରୀମାନେ ରାଜରାସ୍ତାରେ (ଏସେମ୍ବିଲି ସାମନାରେ) । ପାଠପଢ଼ା ହେବ କେମିତି । ଏହା ମଧ ଏକ ମୂଳ କାରଣ ଆମ ରାଜ୍ୟର ଏବେ ଜାତୀୟ ସ୍ତରରେ (ଆଇ.ଏ.ଏସ, ଆଇ.ପି.ଏସ୍) ପିଲାଙ୍କ ସଂଖ୍ୟା କମ୍ । ପାଠକୁ ବିଶ୍ୱ ସ୍ତରୀୟ କରି ପାରିଲେ ଆମେ ସରକାରଙ୍କ ପାରିବା ପଣିଆ ଜାଣିବା ।




### ପ୍ରେମିକାର ଛାଇ

**ପ୍ରଶାନ୍ତ ବ୍ରହ୍ମା**

ଜହ୍ନ ଆଲୁଅ ରେ ଛାଇ ଟିଏ ହୋଇ ଯାଉଥାଏ ଯେବେ ସେହି
ନାଁ ଟି ତା'ର ପଚାରିବି ବୋଲି ପଚାରି ପାରେନା କେବେ ମୁହିଁ।

ଶୟନେ ସପନେ ଯେଉଁଠି ବସିଲେ ଆସୁଥାଏ ସେ ବାରମ୍ବାର
ଜହ୍ନକୁ ଦେଖିଲେ ମନେପଡେ ତାକୁ ସମ୍ଭାଳି ପାରେନା ମନ ମୋର।

ଅଚିହ୍ନା ହେଲେବି ଲାଗେ ସତେ ସେ ମୋର ଅତି ଆପଣାର
ଯେବେ ପାଇ ଯାଆନ୍ତି ତାକୁ ପଚାରି ଦିଅନ୍ତି ଠିକଣା ଟି ତା'ର।

ଯେତେ ଭୂଲେଇ ଲେ ଭୁଲେ ନାହିଁ ମନ ମୋର କାହିଁ
ଆଜିବି କରିଛି ଅପେକ୍ଷା ତାକୁ ତା'ର ସେହି ଛାଇ ଟିଏ ପାଇଁ।

ପଲାଶପୁର, ଖୋର୍ଦ୍ଧା

### ଶବ୍ଦରେ ଜୀବନ

**ଦୀପକ କୁମାର ମିଶ୍ର**

ଶବ୍ଦ ଅଟେ କଥାକୁହା
ତରଙ୍ଗାୟିତ ଭାବର ମିଶ୍ରଣ
ହୁଏ ସ୍ୱପ୍ନ ପୁଣି କେବେ
ଭାସମାନ ମେଘ ।

କରେ ସଂପର୍କ ବିଖଣ୍ଡିତ
ନିଜ ଶାଣିତ ଧାରରେ
ଯୋଡିଦିଏ ଉଜୁଡା ସଂପର୍କ
ନିଜ ପୀୟୂଷ ଧାରାରେ ।

ହୁଏ ପୁଣି ବାଇମୁଣ୍ଡି
ସାଜି ଆଶାର କୋଣାର୍କ
ପ୍ରେମ ବନେ ଆକାଶେ ନଉକା
ଋତୁ ସାଜେ କେତେ ରୂପେ
ପ୍ରେମିକା ନୂପୁର ।

ପୃଥିବୀ ଲାଗେ ସ୍ୱର୍ଗ-ନର୍କ
ମଶାଣି ପଡ଼ିଆ
ଜନ୍ମ-ମୃତ୍ୟୁ ଚକ୍ର ଭେଦି
ଜିଇ ଯାଏ ମଣିଷ ଦୁନିଆ ।ଈଈଈ

ଭୁବନେଶ୍ୱର

ମୋ: ୮୨୮୦୨୧୧୦୦୦

### ତୁମ ଅପେକ୍ଷାରେ

**ରମାକାନ୍ତ ଦାସ**

ତୁମ ଅପେକ୍ଷାରେ
ଏ ଆଲୋକ ବି ଅନ୍ଧାର ପରି ଲାଗେ
ଫିକାଫିକା ଲାଗେ ପୂର୍ଣ୍ଣିମାର ଜହ୍ନ
ଦୁଇଧାର ଲୁହ ଅଧାସୁଖା ଲୁହ
ରହିଯାଏ
କୋହଭରା ଛାତି ଭିତରେ ।

ତୁମ ବିହୁନେ
ଫିକଫିକା ଲାଗେ ସବୁ ମୁହୂର୍ତ୍ତ
ତୁମକୁ ନେଇ କଅଁଳି ଉଠୁଥିବା
ସ୍ୱପ୍ନର ପାଖୁଡାତକ
ଆପେଆପେ ଝାଉଁଳି ଯାଏ

ତୁମ ସ୍ମୃତିର ପ୍ରତ୍ୟେକ ଫର୍ଦ୍ଦ
ମୋ ହୃଦୟକୁ ଜାଳିଦିଏ
ଗ୍ରୀଷ୍ମର ଉତ୍ତାପ ପରି ।

ତୁମେ ଗଲାପରେ
ବଦଳି ଯାଇଛି ଏ ଜୀବନ
ହୃଦୟେ ଭରି ରହିଛି
ତୁମରି ପ୍ରେମର ପ୍ରତିଧ୍ୱନି
ତୁମବିନା ମୋ ହୃଦୟ ପୁରା ଶୁନଶାନ୍
ତୁମ ଅପେକ୍ଷାରେ
ଭୋଗୁଛି ମୁଁ ପ୍ରତିକ୍ଷଣେ ବିରହ
ବେଦନା।

ନନ୍ଦିଗ୍ରାମ ,ନାଉଗାଁ ,ଜଗତସିଂହପୁର

ମୋ-୯୬୬୮୮୧୫୩୬୯

### ମୋବାଇଲ

**ଜୟନ୍ତ କୁମାର ମଲ୍ଲିକ୍**

ନାଆଁ ତାର ମୋବାଇଲ
ମହିମା ତା'ଅଶେଷ
ରୂପରେ ଗୁଣରେ ସେତ
ଅଟେ ପୁରା ସରସ ।
ଯିଏ ଦେଖେ ତାକୁ କହେ
କାନ ଫୁଙ୍କା ଯନ୍ତର
ଭଲଭାବେ ତାକୁ ଜଣା
ମୋହିବାର ମନ୍ତର ।
କରିଦେଇ ଥାଏ ସିଏ
ସବୁକାମ ସହଜେ
ସାଇତିକି ରଖେ ସେତ
ବହୁ ତଥ୍ୟ ମଗଜେ ।
ସାଜିସେ ରେଡ଼ିଓ, ଟିଭି
ଦେଇଥାଏ ସୂଚନା
ଶୁଣାଏ ସଭିଙ୍କୁ କେତେ
ସଙ୍ଗୀତର ମୂର୍ଚ୍ଛନା ।
ନୂଆ ନୂଆ ସମ୍ବାଦକୁ
ସବା ଆଗେ ଶୁଣାଏ
ଜ୍ଞାନ ବିଜ୍ଞାନର କଥା
ସଭିଙ୍କୁତ ଜଣାଏ ।
ସାଇତି ରଖିଣ ଥାଏ
କେତେ ସ୍ମୃତି ଅନ୍ତରେ
ଜୀବନରେ ଅଟେ ସିଏ
ପ୍ରିୟ ବନ୍ଧୁ ସତରେ ।

ଶୂରଡିହ,ନନ୍ଦପୁର,

ଦଶରଥପୁର, ଯାଜପୁର

ମୋ: ୯୪୩୭୮୬୫୭୨୭

### ରାତି

**ପ୍ରଦୀପ୍ତ କୁମାର ଦାସ**

ରାତି ସ୍ରଷ୍ଟାଙ୍କର ଏକ ଅଭିନବ ସୃଷ୍ଟି...
ଦିନ ଲୀନ ହେବାର ଠିକ୍ ପରେ ପରେ
ଏହା ଅନୁଭୂତ ହୁଏ -
ଏହି ରାତି ସମାନ ନୁହେଁ ସମସ୍ତଙ୍କ
ପାଇଁ
କାରଣ, ସେ ବିଚିତ୍ରବର୍ଣ୍ଣ।...
କାହା ପାଇଁ ଏହା ଗୁମ୍ ସୁମ୍ ରାତି
କାହା ପାଇଁ ବାସର ରାତି...

ଏଇ ସେଇ ରାତି -
ଜଗାଇ ମନରେ ଭୀତି
ସଂଚରେ ପରାଣେ ପ୍ରୀତି
ଏହା ଚୋରକୁ ଅଭୟ ଦିଏ
ପତ୍ନୀ ଅବା ପ୍ରେମିକାକୁ
କ୍ଷୁଧିତା ବାଘୁଣୀରେ ପରିଣତ କରେ
ଗଣିକାକୁ କୋଟି କୋଟି ଟଙ୍କା
ଗଣିବାକୁ
ଦାମୀ ଗାଡ଼ି ଚଢ଼ିବାକୁ
ଆମୋଦ ପ୍ରମୋଦ ଭରା ବଙ୍ଗଳାରେ
ଲଙ୍ଗଳା ନୃତ୍ୟରେ ମଜିବାକୁ ସୁଯୋଗ
ଦିଏ,
ଏଇ ରାତି ଯନ୍ତ୍ରଣା ଦିଏ ବିରହିକୁ
ମନ୍ତ୍ରଣା ଦିଏ ସନ୍ତ୍ରାସବାଦୀକୁ...
ଏଇ ସେଇ ରାତି ଖୁବ୍ ସୁନ୍ଦର୍
ଖୁବ୍ ମନୋହର
ତା ହୃଦୟ କ୍ଲାନ୍ତ ମନର ଶାନ୍ତ
କୁଟୀର
ତା ମନ ଗଭୀରତାର ଅଥଳ
ସାଗର...

ସେ ଦିବସକୁ ଜନ୍ମ ଦିଏ
ପୁଣି ତା ଅନ୍ଧକାରକୁ
ସୂର୍ଯ୍ୟପେଡିରେ ଲୁଚେଇ ଦିଏ
ସବୁ ଅତୀତକୁ ଘେନିଯାଏ
ଆପଣାର ସାଥେ...

ଏଇ ରାତି କାହାପାଇଁ ପ୍ରତୀକ୍ଷାର
ରାତି
କାହାପାଇଁ ତିତିକ୍ଷାର ରାତି
କାହା ପାଇଁ ପ୍ରତିଶ୍ରୁତିର ରାତି
କାହା ପାଇଁ ଆତ୍ମଘାତୀର ରାତି
ତେବେ, ମୋ ପାଇଁ ଏଇ ରାତି
ମୋ ମାଆର ଛାତି...

ଯେଉଁଠି ମୁଁ ଅତି ନିବିଡ଼ ଭାବେ
ଅନୁଭବି ଥାଏ
ଦୁନିଆଁର ସବୁ ତକ ଅନୁପମ ପ୍ରୀତି।
ଈଈଈ

ଗୁରୁକୁଳ କରୁଣାକର ବେଦ ସଂସ୍କୃତ

ମହାବିଦ୍ୟାଳୟ

ଦଶରଥପୁର, ଯାଜପୁର

ମୋ -୮୫୯୪୮୮୫୮୯୮

# ଜୀବନ ଜିଇଁବାର କଳା



ଲଳିତ ମୋହନ ମିଶ୍ର



ଶୀତ ରାତିରେ ମୁକୁଳା ଆକାଶ ତଳେ ଜୀବନ ଓ ଜୀବିକାର ମୂଲ୍ୟ ମାଗୁଥିବା ମଣିଷଟି ଶେଷରେ ହାରିଗଲା । ସମାନତା ଅସମାନତାର କଥା ବୁଝାଉଥିବା ଲୋକଟି ଶେଷରେ ବିଷମତାର ବିଷ ବଳୟରେ । ପୁଣି କ'ଣ ସେ ଫେରି ଶିଖାଇବ ଜୀବନ ଜିଇଁବାର କଳା । ସତରେ ଗାଁର ଛୋଟ ବଡ ଘଟଣା ଗୁଡିକ ଛବି ପରି ଝଲସି ଯାଉଛି ଆଖି ସାମ୍ନାରେ । ଶରତ ପରେ ଶୀତ ପାଦ ଥାପି ଆସିଛି ଏ ଧରା ବକ୍ଷକୁ, ଆଉ ସମସ୍ତଙ୍କୁ ଭିଜେଇ ଦେଉଛି ତାର ଟୋପା ଟୋପା କାକର ବିନ୍ଦୁରେ । ଆଖି ସାମ୍ନାରେ ଛୋଟ ବେଳୁ ଗାଁର ଟିକିନିଖି ଘଟଣା ଗୁଡିକ ମନକୁ ଆନ୍ଦୋଳିତ କରେ । ଗାଁର ପର୍ବ ଗୁଡିକ ଖୁବ୍ ନିଆରା । ଗାଁ ଆଉ ଶୀତ ସତେ ଯେପରି ଜଣେ ଆଉ ଜଣଙ୍କ ବିନା ଅଧୁରା । ସଂନ୍ଧ୍ୟା ହେଲେ ରବିର କିରଣ ଧିରେ ଧିରେ ନିସ୍ତେଜ ହୋଇଯାଏ । ଆଉ ଚନ୍ଦ୍ରଙ୍କର ଶୀତଳ କିରଣ ମାଡି ଆସନ୍ତି । ସବୁଜ କ୍ଷେତରେ ପରିପୂର୍ଣ୍ଣ ଥାଏ ଆମର ଛୋଟିଆ ଗାଆଁଟି । ଯେତେ ରାତି ବଢୁ ଥାଏ ଛୋଟ ଗାଁ ଟିରେ ସେତେ କୋଳାହଳ ଶୂନ୍ୟ ହେଇଯାଏ । ଶୀତ ଆସିଲେ ଗାଁ କୁ ଥରାଇ ଦିଏ । ତାର ସ୍ପର୍ଶରେ ଦେହକୁ ଢାଙ୍କି ଦେଉ ଥାଉ ଶୀତ ବସ୍ତ୍ରରେ । ଗାଁ ରେ ସେଦିନ ହୋଇଥାଏ ବାଟ ଓଷା । ବାଟ ଓଷା ସାରି ବ୍ରାହ୍ମଣ ଏବଂ ସ୍ତ୍ରୀ ଲୋକମାନେ ଯେ ଯାହାର ଘରକୁ ଗଲେଣି । ଶୀତୁଆ ରାତିକୁ... ଏପଟେ କରେଣ୍ଟ କଟି ଯାଇଥାଏ । ଅନ୍ଧକାର ଶୀତୁଆ ରାତିରେ ଗାଁର କେତେକ ଘରେ ଲଣ୍ଠନ ହିଁ ଏକ ମାତ୍ର ଭରସା । କରେଣ୍ଟ କଟିଲେ ଶୀତ ରାତିରେ ମୋତେ ସେତେ କିଛି ଫରକ୍ ପଡେ ନାହିଁ । କମ୍ବଳ ଚଦର ଘୋଡା ଘୋଡି ହୋଇ ଜାକିଜୁକି ଶୋଇପଡେ । ହଠାତ୍ ଗାଁ ଦାଣ୍ଡ କୂଅରେ ଦୁଲ୍ କିନା ଏକ ବିରାଟ ଶବ୍ଦ ଶୁଭିଲା । ରାତି ପ୍ରାୟ ବାରଟା ହେବ କି କ'ଣ ? ଶୀତ ରାତି ଏପଟେ କରେଣ୍ଟ ନ ଥିବାରୁ ଗାଁଟି ପୁରା ଶୁନସାନ୍ । ପୂର୍ଣ୍ଣ ଆନା ପାଟି କରି କହିଲା.. କିଏ ଗୋଟିଏ କୂଅକୁ ଡେଇଁ ପଡିଲାରେ... । ମୁଁ ଟିକେ ନିରବ ରହି ଶୁଣୁଥିଲି । ତା' ପରେ ବହୁ ଲୋକଙ୍କର ପାଟିତୁଣ୍ଡ ଶୁଭିଲା । ଦୌଡ଼ି ଆସ ବଞ୍ଚାଅ ବଞ୍ଚାଅ... । ଗାଁ ର ମଝି ଦାଣ୍ଡରେ ବଡ କୂଅ । ଆଗରୁ ସମସ୍ତେ ଏହି କୂଅ ଉପରେ ନିର୍ଭର କରୁଥିଲେ । ଏବେ ତ ଘରେ ଘରେ କୂଅ, ତା ପରେ ସରକାରଙ୍କ ଜଳ ଯୋଗାଣ । ତେଣୁ ସେହି କୂଅର ପାଣି ଆଉ କିଏ ବ୍ୟବହାର କରନ୍ତି ନାହିଁ । କୂଅ ଭିତରୁ ଶୁଭୁଥାଏ - ରକ୍ଷାକର ରକ୍ଷାକର... ମୁଁ ଦୌଡ଼ିଲି ସେ ଆଡକୁ । ସେତେବେଳକୁ ବାନା ଭିକାରୀ ନିତିଆ କୂଅ ଭିତରକୁ ପଶି ସେ ବ୍ୟକ୍ତିଙ୍କୁ କୂଅରୁ କାଢ଼ିବାକୁ ଚେଷ୍ଟା କରୁଛନ୍ତି । ଅନ୍ଧାର ଭିତରେ କିଛି ସ୍ପଷ୍ଟ ଜଣା ପଡୁ ନ ଥାଏ । ଗୋଟିଏ ଦୁଇଟି ଟର୍ଚ୍ଚ ଲାଇଟ୍ । ଯା ହେଉ ସମସ୍ତଙ୍କ ଚେଷ୍ଟା ଓ ଈଶ୍ୱରଙ୍କ ଆଶୀର୍ବାଦରୁ ତାଙ୍କୁ ଉପରକୁ ଅଣାଗଲା । ପାଣିରୁ କଢା ହୋଇଥିବାରୁ ଲୋକଟି ଶୀତରେ ଥରୁଥିଲା, ଏବଂ ସଂଜ୍ଞାହୀନ । ମୁଁ ଟର୍ଚ୍ଚ ମାରି ଦେଖେତ ସେ ଆଉ କିଏ ନୁହେଁ, ସେ ଆମ ସୁର ବାପା । ବେଳେବେଳେ ମନ୍ଦିରରେ ପୋଖରୀରେ ଦୋଳ ମଣ୍ଡପରେ ଦେଖା ହୁଏ । ମୁଁ ତାଙ୍କର ନାତିଆ ହେବି ବୋଲି, ମୋତେ ଚିଗୁଲି କରନ୍ତି । ସୁର ବାପା ଭାରି ସରଳ ଏବଂ ଧର୍ମୀୟ ଭାବ ପୂର୍ଣ୍ଣ ବ୍ୟକ୍ତିଟିଏ । ଦେଖାହେଲେ ଛୋଟ ଛୋଟ ପିଲାମାନଙ୍କୁ ଭଲମନ୍ଦ ପଚାରନ୍ତି । ସୁଖ ଦୁଃଖ ବାଣ୍ଟନ୍ତି । ସେ ଉପରେ ଭାରି ଗମ୍ଭୀର ଲାଗୁଥିଲେ ମଧ ଭିତରେ ନାରିକେଳ ସଦୃଶ । ଆଜି ଏପରି ଅବସ୍ଥା କାହିଁକି ? ମୁଁ କିନ୍ତୁ କିଛି ବୁଝି ପାରୁ ନ ଥାଏ । ଏଥି ମଧରେ ଦୁଇଜଣ ଯୁବକ ସୁର କକାଙ୍କ ଘରକୁ ଯାଇ ଫେରି ଆସିଲେଣି । କହୁଛନ୍ତି ଘରେ ତାଲା ପଡ଼ିଛି । ଆମେ ଆଉ ଡେରି ନ କରି ବୁଢାଙ୍କୁ ଡାକ୍ତରଖାନା ନେଇଗଲୁ । ଅନ୍ୟ ସମସ୍ତେ ନିଜ ନିଜ ଘରକୁ ପଳେଇଲେ । ଏହା ଭିତରେ ରାତି ପାଇବାକୁ ଯାଉଛି । ବାହାରେ କୁଆ କା କା କଲାଣି । ମୁଁ ବୁଢାଙ୍କ ପାଖରେ ବସିଥାଏ । ଡାକ୍ତର ତାଙ୍କୁ ଚିକିତ୍ସା କରୁଥାନ୍ତି । ପ୍ରାୟ ଦୁଇ ତିନି ଘଣ୍ଟା ପରେ ତାଙ୍କର ଚେତା ଫେରିଲା । ନିଜକୁ ଡାକ୍ତରଖାନାରେ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇ, ଚାରିଆଡେ ବୁଲ୍ ବୁଲ୍ ଚାହିଁଲେ । ମୋତେ ପାଖରେ ଦେଖି ନିଜକୁ ସଙ୍କୋଚବୋଧ କରୁଥିଲେ ସେ । ନିଜକୁ ଅସହାୟ ମନେ କରୁଥିଲେ, ଆଖିରେ ଥିଲା ତାଙ୍କର ଦୁଇଧାର ଅଶ୍ରୁ । ଆଉଟିକେ ପାଖକୁ ଯାଇ ତାଙ୍କର ହାତକୁ ଧରିନେଲି । ମୋ କୋଳକୁ ଆଉଜି ଛୋଟି ପିଲା ପରି... ସେ ବହୁତ କାନ୍ଦିଲେ । ପ୍ରାୟ ମୋ ନନାଙ୍କ ବୟସର ହେବେ କି ଟିକେ ବଡ । ତାଙ୍କର ଏ ଆତ୍ମହତ୍ୟା ନିଷ୍ପତ୍ତି.... ପ୍ରଶ୍ନବାଚୀ ସୃଷ୍ଟି କରୁଥିଲା ମୋ ମନରେ । ସବୁ ପ୍ରଶ୍ନର ପୂର୍ଣ୍ଣଛେଦ ଟାଣି ପଚାରିଲି କଣ ହେଲା ବାପା.... ଘରେ ସବୁ ଠିକ୍ ଠାକ୍ ତ... । ତୁମେ ରାତିରେ କୂଅ ଆଡେ କାହିଁକି ଯାଇଥଲ । କୋହଭରା କଣ୍ଠରେ ସେ କହିଲେ, ମୁଁ ମୋ ଶେଷ ଠିକଣା ଖୋଜିବାକୁ ଯାଇଥିଲିରେ ନାତିଆ... କିନ୍ତୁ ସେ ଠିକଣାଟି ମୋତେ ମିଳିଲାନି । ଈଶ୍ୱର ବଡ ନିଷ୍ଠୁର । କେତେ ଛୋଟ ପିଲା ଯୁବକଙ୍କୁ ଅକାଳ ମୃତ୍ୟୁ ହେଉଛି, କିନ୍ତୁ ମୋ ପରି ଅନାବଶ୍ୟକ ଜୀବନଟିକୁ ମୃତ୍ୟୁର ପ୍ରତୀକ୍ଷାରେ କଲବଲ କରୁଛନ୍ତି । ତାଙ୍କ କଥା ନ ସରୁଣୁ ମୁଁ ପଚାରିଲି - କଣ ହୋଇଛି ? ମୋତେ ସବୁ ସତକଥା କୁହନ୍ତୁ ? କଣ ହେଲେ ତାର ଗୋଟିଏ ସମାଧାନ କରିବା । ସେ କିନ୍ତୁ ନିରବ ରହିଲେ । ଯେମିତି ହାରି ଯାଇଥିଲେ ସେ... ଏ ବିତୃଷ୍ଣାମୟ ଜୀବନଠାରୁ । ମୁଁ ବାଧ କଲାରୁ ତାଙ୍କର ଇଚ୍ଛା ନଥାଇ ବି ସେ କିଛି କହିବା ଆରମ୍ଭ କଲେ । ବାବୁରେ ଆମର ବଡ ପରିବାର । ଯୌଥ ପରିବାର ହୋଇ ଥିବାରୁ ଅଭାବ ଅନାଟନ ଭିତରେ ଆମେ ସଦା ଗତିକରୁ । ମୁଁ ପିଅନ ଚାକିରୀ କରିଥାଏ ନାଲକୋ । ଦୁଇ ତିନି ମାସରେ ଥରେ ଗାଁକୁ ଆସେ । ମୋର ସ୍ତ୍ରୀ ବାପା ମାଆ ଭାଇ ଭଉଣୀଙ୍କ ମନଧରି ଗାଁ ରେ ରହୁଥାଏ । ମୁଁ ବହୁ ଦିନରେ ଥରେ ଗାଁ ଆସୁ ଥିବାରୁ ମୋର ଆସିବା ବାଟକୁ ଚାତକ ପରି ଚାହିଁ ଥାଏ ସ୍ତ୍ରୀ । ଘରେ ପିଲାଛୁଆ ଟିଏ ନ ହେବାରୁ ତାର ମନ ଭାରି ଦୁଃଖ । ଗାଁ ଲୋକ ସାହି ପଡିଶା ବିଭିନ୍ନ କଥା କୁହନ୍ତି ତାକୁ । ଗାଁ କଥା ଘରେ ମାଆ ବାପା ଛୁଆଟିଏ ପାଇଁ ବିଭିନ୍ନ କଥା କୁହନ୍ତି । ମୁଁ ଈଶ୍ୱରଙ୍କ ମୋର ଦୁଃଖ ଜଣାଉ ଥାଏ ଏବଂ ତାଙ୍କରି ଉପରେ ଭରସା କରିଥାଏ । ସେ ଶହେ ଉପାସ ବ୍ରତ କରେ । ଯେଉଁ ମନ୍ଦିରକୁ ତାକୁ ଯିବାକୁ କୁହନ୍ତି, ସେ ଯାଏ । ବିଭିନ୍ନ ଓଷା ବ୍ରତ ମନାସେ । ଖାଲି ପାଦରେ ଚାଲି ଚାଲି ବ୍ରତ ପାଳନ କରେ । ଛୁଆଟିଏ ହେବ ବୋଲି ଶୀତରେ ଥଣ୍ଡା ପାଣିରେ ବୁଡି ଉପାସନା କରେ । ମାନିସିକ ଲାଗି ବାଁ ହାତରେ ଖାଏ । ପାଖ ଗାଁ ବାଉତି ଠାକୁରାଣୀଙ୍କ ଠାରେ ସାତଦିନ ଅଧିୟା ପଡ଼ିଲା । ଯିଏ ଯାହା କହିଲା ସବୁ କଲା । ବେଳେବେଳେ ଓଷା ବ୍ରତ କରି ଦେହ ଖରାପ ହୋଇଯାଏ । କିନ୍ତୁ ତାର ଲୋକ ଲଜ୍ଜାରୁ ବଞ୍ଚିବା ପାଇଁ ଛୁଆ ଦରକାର, ନିଜର ସ୍ୱାସ୍ଥ୍ୟ ପ୍ରତି ତାର ନିଘା ନାହିଁ । ଏସବୁ ଅବସ୍ଥା ଦେଖି ତାକୁ ସହରକୁ ଆଣିଲି । ମୋର ଦରମା ବହୁତ କମ୍ । ଛୋଟ ଭଡାଘରେ ଆମେ ରହିଥାଉ । ଏଠାରେ ମୋର ଭାଗ୍ୟରେ ପରିବର୍ତ୍ତନ ହେଲା । ଠାକୁରେ ଆମର ଡାକ ଶୁଣିଲେ । ଆମର ତିନୋଟି ପୁଅ ହେଲେ - ସୁରେଶ, ବିରେଶ, ନରେଶ । ତା'ପରେ ପୁଅମାନଙ୍କ ଭବିଷ୍ୟତ ଗଢିବା ପାଇଁ ଆମେ ଲାଗି ପଡ଼ିଲୁ । ତାଙ୍କୁ କେମିତି ଭଲ ପାଠ ପଢେଇବା ଭଲ ମଣିଷ କରିବା ସେହି ଚିନ୍ତା ଆମକୁ ଲାଗିଲା । ନିଜେ ଭଲ ନଖାଇ ନ ପିଇ ପିଲାମାନଙ୍କୁ ସବୁ ଦେଇ ବଡକଲୁ । ପାଞ୍ଚ ଲୋକରେ ଆମର ପିଲାମାନେ ଯେମିତି ନ୍ୟୁନ ହେବେ ନାହିଁ, ସେପରି ମଣିଷ କଲୁ । ପିଲାମାନେ ବି ଭଲ ପାଠ ପଢିଲେ, ମଣିଷ ହେଲେ । ପିଲାମାନଙ୍କ ଖର୍ଚ୍ଚ ଆମକୁ ଭାରୀ ପଡୁଥାଏ । ଏତେ ଅଭାବ ଅନାଟନରେ ବି ସଂସାର ସୁଖ ଦୁଃଖରେ ଚଲେଇବାକୁ ପଡୁଥାଏ । ପୁଅମାନେ ବଡହେଲେ ଭଲ ଚାକିରୀ କଲେ । ଆମର ଦୁଃଖର ଦିନ ସରିଗଲା । ବୟସ ଢଳି ଯିବା ସହିତ ବାପା ମାଆ ଆରପାରିକୁ ଚାଲିଗଲେ । ମୁଁ ଚାକିରୀରୁ ଅବସର ନେଲି । ପିଲାମାନେ ଚାକିରୀ ପାଇଲେ । ଆମର ଅବସ୍ଥା ଟିକେ ସୁଧୁରି ଥିବାରୁ ଗାଁରେ ଜାଗା କିଣି ଘର କଲୁ । ପିଲାମାନଙ୍କୁ ବାହାଘର କଲୁ । ଆମର ସୁଖ ବେଶୀ ଦିନ ରହି ପାରିଲା ନାହିଁ । ବୋହୁ ମାନଙ୍କ ସହିତ ମନ ମିସିଲା ନାହିଁ । ସଦାବେଳେ ଘରେ ଅଶାନ୍ତି ପାଟିତୁଣ୍ଡ । ମୋର ତ ଆଉ ସରକାରୀ ଚାକିରୀ ନ ଥିଲା । ପେନସନ୍ ଆମର ନ ଥିଲା । ଚାକିରୀରୁ ଅବସର ନେବା ସମୟରେ ଯାହା ମୋଟା ଅଙ୍କର ଟଙ୍କା ମିଳିଥିଲା, ତାହା ଘର ଦ୍ୱାର କରିବାରେ ସରିଗଲା । ଆମର ସଞ୍ଚୟ ବୋଇଲେ କିଛି ନାହିଁ ଯାହା ପିଲାମାନଙ୍କ ଉପରେ ଆମେ ନିର୍ଭର । ଏ ଦୁନିଆଁ କିନ୍ତୁ ବଡ ସ୍ୱାର୍ଥପର । ଏଠି ବିନା ସ୍ୱାର୍ଥ ରେ କେହି କାହାର ନୁହେଁ । ଯଦି ନିଜ ଔରସରୁ ଜାତ ସନ୍ତାନ ସ୍ୱାର୍ଥ ଖୋଜିବ, ଆମେ ଆଉ କାହାକୁ ବିଶ୍ୱାସ କରିବୁ ? ବୁଢୀ ଏସବୁ କଥା ଗୁଡ଼ିକ ଭାବି ଭାବି ମାନସିକ ସ୍ତରରେ ଦୁର୍ବଳ ହୋଇଗଲା । ତାର ଦେହ ପ୍ରାୟ ଭଲ ରହିଲା ନାହିଁ । ପୁଅମାନଙ୍କୁ କେତେ ଅନୁନୟ ବିନୟ ହେଲି, ମାଆକୁ ନେଇ କଟକ କି ଭୁବନେଶ୍ୱରରେ ବଡ ଡାକ୍ତରଙ୍କୁ ଦେଖାଅ । ତାର ରୋଗ ଏ ଡାକ୍ତରମାନେ ଧରି ପାରିଲେ ନାହିଁ । ଶେଷରେ ବୁଢୀ ମୋର ହାତ ଛାଡି, ମୋତେ ଏକାକରି ଆରପାରିକୁ ଚାଲିଗଲା । ବୁଢୀ ଚାଲିଯିବା ପରେ ଏକା ଚାଲିବା ମୋ ପାଇଁ କଷ୍ଟକର ହୋଇ ପଡିଲା । ପୁଅମାନେ ଯେ ଯାହାର ସୁଖଦୁଃଖ କଥା ବୁଝିଲେ । ମୋତେ ଏଥର ଭାଗ କରିଦେଲେ । ଆ ଘରେ ଦଶ ଦିନ, ତା'ଘରେ ଦଶଦିନ । ଏମିତି ମାସକ ତିରିଶି ଦିନ, ତିନି ଘରେ କୁଣିଆ । ଆସ୍ତେ ଆସ୍ତେ ମୋର ପରିସ୍ଥିତି ଅସମ୍ଭାଳ ହେଲା । ଧିରେ ଧିରେ ହୃଦ୍ ରୋଗରେ ପୀଡିତ ହେଲି । କେତେ ନେହୁରା ହେଲି ପୁଅମାନଙ୍କୁ ମୋତେ ଟିକେ ଭଲ ଡାକ୍ତରଙ୍କୁ ଦେଖାଇବାକୁ । କେହି ଶୁଣିଲେନି । ଏପଟେ ଯମ ବିଚାରା ବାଛି ବାଛି ଲୋକଙ୍କୁ ନେଉଛି, କିନ୍ତୁ ମୋତେ ନେଉ ନାହିଁ । ବୋହୁ ମାନଙ୍କର କଟୁଭାଷା ମୋର ହୃଦୟ କୁ ବିଦାରି ଦେଉଥାଏ । ଅଜାଗା ଘା ଦେଖି ହୁଏନି କି ଦେଖେଇ ହୁଏନି । ଯାହାକୁ ଅବା ମନର କଥା କହିଥାନ୍ତି ସେ ତ ଏକାକରି ଆଗ ଚାଲିଗଲା । ଲୋକଲଜ୍ୟା ଓ ସମାଜକୁ ଡରି ନିରବ ରହୁଥାଏ । ମୁଁ ପିଲାମାନଙ୍କର ଅଭାବ ଅସୁବିଧା କଥା ବୁଝିଲି ବଡକଲି । କିନ୍ତୁ କେଉଁଠି ନା କେଉଁଠି ସଂସ୍କାରର ପୂର୍ଣ୍ଣ ଅଭାବ ରହିଗଲା ବୋଧହୁଏ । ଯାହାଦ୍ୱାରା କି ମୋତେ ଆଜି ଏ ଦଶା ଭୋଗ କରିବାକୁ ପଡିଲା । ଏବେ ପିଲାମାନଙ୍କର ମୋ ପାଖରେ ଆଉ କି ସ୍ୱାର୍ଥ ଅଛି ଯେ ? ମୁଁ ଏବେ ପିଲାମାନଙ୍କର ଆଉ କେଉଁ କାମରେ ଲାଗି ପାରିବି ଯେ... । ମୁଁ ଏବେ ଅଲୋଡା ଅଖୋଜା ମଣିଷଟିଏ... । ଏ ପ୍ରଶ୍ନ ମୋ ଅନ୍ତ ପୁଟୁଳିକୁ ଚିରି ଦେଇଥିଲା । ତଥାପି ମୁଁ ନିର୍ଲଜ୍ଜ ପଣରେ ବଞ୍ଚିଥିଲି । ଆଜି ବଡ ପୁଅ ଭାଗ ର ଦଶଦିନ ପୁରିଲା । ମଝିଆ ପୁଅ ଘରେ ନାହିଁ । ସାନ ପୁଅ କହୁଛି ମୋ ପାଳି ସରି ଯାଇଛି । ଦୁଇ ତିନି ଦିନ ପ୍ରାୟ ହେଲାଣି ମୋର କଥା କିଏ ବୁଝିବାକୁ ନାହିଁ । ଆଜି ବୁଢୀର କଥା ବେଶୀ ମନେ ପଡୁଛି । ଜୀବନ ଯାକ ସାଙ୍ଗରେ ରହିବ ବୋଲି କଥା ଦେଇ ଅଧା ବାଟରେ ଛାଡି ଚାଲିଗଲା । ବୁଢୀ ସଦାବେଳେ କୁହେ ଆତ୍ମହତ୍ୟା ଏକ ଅଭିଶାପ, ଆଜି କିନ୍ତୁ ମୁଁ ଥିଲି ନାଚାର । ମୁଁ ସଭିଙ୍କ ପାଇଁ ଆଜି ଅନାବଶ୍ୟକ । ମୋତେ କେହି ଖୋଜିବେ ନାହିଁ । ହେଲେ ମୋତେ ଯମ ନେଲା ନାହିଁ କାହିଁକି ? ମୋତେ କାହିଁକି ବଞ୍ଚାଇ ଲୋକଲଜ୍ୟା କଲ... ଏତିକି କହି ସୁର ବାପା ଭୋ ଭୋ ହୋଇ କାନ୍ଦି ଉଠିଲେ । ପଛରୁ ଦେଖିଲି ବୃଦ୍ଧାଶ୍ରମର ଦୁଇ ଜଣ କର୍ମଚାରୀ ଆସି ଛିଡା ହୋଇଛନ୍ତି । ସେମାନେ କହିଲେ ଆମେ ଆପଣଙ୍କ ପରି ନିଃସହାୟଙ୍କ ସେବାରେ... । ସେଠି ଆପଣଙ୍କର କିଛି ଅସୁବିଧା ହେବନି । ଦୁଇଧାର ଲୁହ ଭରି ରହିଥିଲା ସୁର ବାପାଙ୍କ ଆଖିରେ... ବୁଢା ଚାଲିଗଲେ ସେମାନଙ୍କର ସାଥିରେ । ବାହାରେ ଶୀତ ବଢୁଥିଲା । ମୋ ମନର ଶୀତ କିନ୍ତୁ ବାରମ୍ବାର ପ୍ରଶ୍ନ କରୁଥିଲା - ସତରେ କ'ଣ ମଣିଷର ଶେଷ ଠିକଣା ବୃଦ୍ଧାଶ୍ରମ .....

+ନୟାଗଡ଼
ମୋ: ୯୪୩୭୯୮୫୮୬୬

# କଣା ବିରାଡ଼ି ଓ କୁଜି ଅସରପା

ପ୍ରଭାକର୍ ଦାସ

ଡାକ୍ତରଖାନାରେ ନବଘନବାବୁଙ୍କ ଚେତା ଫେରିବା ପରେ ସେ ଆଖି ଖୋଲି ଥରେ ଚାରିଆଡ଼କୁ ଅନାଇ ସେଇ ଲୋକକୁ ଖୋଜିଲେ, ହେଲେ ସେତେବେଳକୁ ଲୋକଟି ତାଙ୍କ ଦୃଷ୍ଟିରୁ ଅନ୍ତରାଳକୁ ଚାଲିଯାଇଥିଲା ସମସ୍ତଙ୍କ ଅଜାଣତରେ । ଅତ୍ୟନ୍ତ କୃତଜ୍ଞତାରେ ନବଘନବାବୁଙ୍କର ଆଖି ଦୁଇଟି ସଜଳ ଦିଶିଲା । ଅତି ଧୀର ସ୍ୱରରେ କହିଲେ "ସେ କୁଆଡ଼େ ଗଲା, ତାକୁ ଟିକେ ମୋ ପାଖକୁ ଡାକ ।" ଏତକ କହି ନବଘନବାବୁ ଲୋକଟିର ଅପେକ୍ଷାରେ ରହିଲେ ।

ବାଘମରା ଗାଁଟା ସେ ପଂଚାୟତର ସବୁଠୁଁ ବଡ଼ ଓ ପୁରୁଣା ଗାଁ । ଏଠାରେ ବିଭିନ୍ନ ବର୍ଗର ଲୋକେ ବସବାସ କରନ୍ତି । ଦେଶ ସ୍ୱାଧୀନତା ବେଳେ ଏଇ ଗାଁରୁ ତିନଜଣ ସ୍ୱାଧୀନତା ସଂଗ୍ରାମୀ ସେ ଅଂଚଳର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଭାବରେ ପରିଚିତ ଥିଲେ । ସେଇଦିନୁ ଏଇ ଗାଆଁ ରାଜନୀତି ଚର୍ଚ୍ଚାରେ ସବୁବେଳେ ଆଗରେ ରହି ଆସିଛି ତାଙ୍କ ବ୍ଲକରେ । ଗାଁରେ ବିଭିନ୍ନ ରାଜନୈତିକ ଦଳର ଅନେକ ନେତା, କୁଜିନେତା, ଯୁବନେତା/ ନେତ୍ରୀ, ସମାଜସେବୀ/ ସେବିକା ପ୍ରାୟତଃ ଆତଯାତ ହେଉଥିବାର ଦେଖାଯାଏ । ଅନେକ ସମୟରେ ସେମାନଙ୍କ ମଧ୍ୟରେ ଆକ୍ରୋଶ ଭାବ ସୃଷ୍ଟି ହୋଇ ଦଙ୍ଗା-ହାଙ୍ଗାମା, ମାରପିଟ୍, ଲୁଟ୍ ତରାଜ, ଘରପୋଡ଼ି ଇତ୍ୟାଦି ଅବାଞ୍ଛିତ କାର୍ଯ୍ୟମାନ ମଧ୍ୟ ଘଟିଥାଏ ଏବଂ ପ୍ରାୟତଃ ଅନେକ ମାଲି ମୋକଦ୍ଦମା ଏଥିସକାଶେ ଥାନା, କୋର୍ଟ, କଚେରୀ ଇତ୍ୟାଦିରେ ବର୍ଷ ସାରା ଲାଗି ରହିଥାଏ । ଏଥିପାଇଁ ଗାଁ ମୁଣ୍ଡରେ ସରକାରଙ୍କ ତରଫରୁ ଗୋଟେ ଆରକ୍ଷୀ ଫାଣ୍ଡି ମଧ୍ୟ ରହିଛି । ହେଲେ ପରିସ୍ଥିତିର ସେମିତି କିଛି ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନି ଏଯାଏ ସମସ୍ତଙ୍କର ଆନ୍ତରିକତାର ଅଭାବରୁ ।

ଗାଁର ଚୌଧୁରୀ ପରିବାର ଏକ ଧନୀ, ଆଭିଜାତ୍ୟପୂର୍ଣ୍ଣ ପୁରାତନ ପରିବାର । ସ୍ୱାଧୀନତା ଆନ୍ଦୋଳନ ବେଳେ ଏଇ ପରିବାରର ହୟ ବଦନ ଚୌଧୁରୀ ମହୋଦୟ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରି ଥରେ ଜେଲ୍ ଯାଇଥିଲେ ବୋଲି ନଜିର ଅଛି । ସେଥିପାଇଁ ସେ "ସଂଗ୍ରାମୀ ଭତ୍ତା" ପ୍ରାପ୍ତ ହେଉଥିଲେ । ତାଙ୍କ ସୁପୁତ୍ର, କୁଳ ନନ୍ଦନ ବୈଲୋଚନ ଚୌଧୁରୀ ବାପାଙ୍କ ନା ବିକି ଭାଙ୍ଗି ରାଜନୀତିରେ ପ୍ରବେଶ କରିଥିଲେ ଏବଂ ଥରେ ପଂଚାୟତ ସମିତି ଅଧ୍ୟକ୍ଷ ହୋଇଥିଲେ । ଆଉ ଥରେ ବିଧାନସଭା ପ୍ରାର୍ଥୀ ହୋଇ ହାରି ଯାଇଥିଲେ ମଧ୍ୟ ନେତା ହିସାବରେ ତାଙ୍କର ଖାତିର ଥିଲା । ତେବେ ତାଙ୍କ ସମୟରେ ସେ "ଜନସେବା"ରୁ ଯେତେ ଧନ ପ୍ରାପ୍ତ ହେଉଥିଲେ ତାହା ତାଙ୍କର ପାଂଚପୁରୁଷ ଯାଏ ବସି ଖାଇଲେ ସରିବନି ବୋଲି ନିନ୍ଦୁକ, ଅସହିଷ୍ଣୁ ଲୋକେ କହୁଥିବାର ଶୁଣାଯାଏ । ତେବେ ଜୀବନର ଶେଷଯାଏ ସେ ଜଣେ ସ୍ଥାନୀୟ ନେତା, ଜନ-ସେବକ ହିସାବରେ ଜଣାଶୁଣା ଥିଲେ । ତାଙ୍କରି ସମୟରୁ ହିଁ ଶାନ୍ତ ବାଘମରା ଗାଁରେ ରାଜନୈତିକ କନ୍ଦଳରୁ ବିଭିନ୍ନ ବିଶୃଙ୍ଖଳାର ମଂଜି ବୁଣାହୋଇ କ୍ରମେ ତାହା ମହାଦ୍ରୁମରେ ପରିଣତ ହୋଇ ବସିଛି ଏବଂ ଗାଁର ଶାନ୍ତ, ସରଳ ଗ୍ରାମ୍ୟ ଜୀବନକୁ ପଥହରା, ଦିଗହରା କରି ପକାଇଛି, ତାଙ୍କର ଏକୋଇର ବଳା ବିଶିକେଶନ-ବାବୁ ନବଘନ ଚୌଧୁରୀ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଦି, ଦି ଥର ଫେଲ୍ ହୋଇ ବାପାଙ୍କ ପଦାନୁସରଣ ପୂର୍ବକ ରାଜନୀତିରେ ପାଦଦେଇ ବାପାଙ୍କ ଶୁଭ ଆଶୀର୍ବାଦ ଏବଂ ସଦିଚ୍ଛା ବଳରେ ଯୁବନେତା (ଯୁବ ସମାଜସେବୀ) ହୋଇ ଯାଇଛନ୍ତି । ତେବେ ବାପାଙ୍କ ଭଳି "ବାଆକୁ ଦେଖି ଛତା" ନୀତିରେ ସୁବିଧାନୁଯାୟୀ ବିଭିନ୍ନ ଦଳରେ ସେ ସାମିଲ ହୋଇ ଯାଉଥିଲେ ଅତି ସହଜରେ । ଦୁଇବର୍ଷ ତଳେ ଭୟଙ୍କର "କରୋନା"ରେ ଆକ୍ରାନ୍ତ ହୋଇ ବୈଲୋଚନ ଚୌଧୁରୀ ଇହଲୀଳା ସମ୍ବରଣ କଲେ । ଯୁବକ ନବଘନ ଏବେ ଧନୀ, ଯୁବନେତା ଓ ପ୍ରତିପତ୍ତିଶାଳୀ ବ୍ୟକ୍ତିତ୍ୱ ହୋଇଉଠିଲେ ଗାଁରେ । ହେଲେ ରାଜନୀତି ଦୃଷ୍ଟିରୁ ନିଜ ଗାଁ ତଥା ତାଙ୍କ ପଂଚାୟତରେ ତାଙ୍କର ବିରୋଧିଙ୍କ ସଂଖ୍ୟା ନ କମି ବରଂ ବଢ଼ିବାରେ ଲାଗିଲେ । ନିଜର ଅପାରଗତା ଏବଂ ଔଦ୍ଧତ୍ୟ ଯୋଗୁଁ । ତଥାପି ସେଥିପ୍ରତି ତାଙ୍କର ଭୃକ୍ଷେପ ନଥାଏ ନିଜର ଆତ୍ମ ଗର୍ବିତା ଏବଂ ଧନର ପ୍ରାଚୁର୍ଯ୍ୟ ଯୋଗୁଁ । ଅର୍ଥବଳରେ ସେ ସବୁକିଛି କରିପାରିବେ ଏଇ ଦୃଢ଼ ଧାରଣା ତାଙ୍କର ଥାଏ ।

ରାମ ଦଳେଇ ସେଇ ବାଘମରା ଗାଁର ଜନୈକା ବାସିନ୍ଦା, ଗରିବ, ମୁଲିଆ ଶ୍ରେଣୀୟ ଲୋକ । କେବଳ ଦେହ ମେହେନତିରେ ପରିବାରର ଚାରି ପ୍ରାଣୀ କୁଟୁମ୍ବ ପୋଷେ । ସ୍ତ୍ରୀ ସାମନୀ ମଧ୍ୟ ଲୋକଙ୍କ ଘରେ କାମଧନ୍ଦା କରେ । ପୁଅ, ଝିଅ ନାବାଳକ ନାବାଳିକା । ରାମ ଗରିବ, ମଜୁରିଆ ହେଲେ ମଧ୍ୟ ଭାରି ସରଳ, ବିଶ୍ୱସ୍ତ, ସଚ୍ଚୋଟ ଓ ନ୍ୟାୟବନ୍ତ ମଣିଷ । ତା ବାପା ଚୌଧୁରୀ ଘରେ ବାରମାସିଆ (ମଜୁରିଆ)ଥିଲେ । ରାମ ମଧ୍ୟ ସେଇ ଚୌଧୁରୀ ଘରେ ମୁଲିଆ କାମ କରେ ଅତି ନିଷ୍ଠା ଓ ବିଶ୍ୱାସର ସହିତ । କିନ୍ତୁ ନବଘନବାବୁଙ୍କ ବ୍ୟବହାର, ଆତ୍ମ ଗର୍ବିତା, ରୀତିନୀତି ସବୁକୁ ସେ ପସନ୍ଦ କରୁନଥିଲା । କିନ୍ତୁ ମୁହଁ ଖୋଲି ତାଙ୍କୁ କିମ୍ବା ତାଙ୍କ ପରିବାରର କାହାରିକୁ କିଛି କହି ପାରୁନଥାଏ । କାରଣ ସେ ତାଙ୍କ ଘରର ମଜୁରିଆ, ତାଙ୍କରି ଅନ୍ନରେ ପାଳିତ, ମୁହଁ ଖୋଲିଲେ ସବୁ ସରିଯିବ ।

ରାଜ୍ୟରେ ତିନିସ୍ତରୀୟ ପଂଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଗଲା । ନବଘନ ଚୌଧୁରୀ ଏକ ପ୍ରତିଷ୍ଠିତ ରାଜନୈତିକ ଦଳର ପ୍ରାର୍ଥୀ ଭାବରେ ତାଙ୍କ ପଂଚାୟତରେ ସରପଂଚ ପ୍ରାର୍ଥୀ ଭାବରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଇଚ୍ଛାକଲେ, କିନ୍ତୁ ଦଳ ତାଙ୍କୁ ପ୍ରାର୍ଥୀ ନକରି ଅନ୍ୟଜଣକୁ ପ୍ରାର୍ଥୀ କରାଇଲେ । ଏଥିରେ ନବଘନ କ୍ରୋଧାନ୍ୱିତ ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବରେ ଉକ୍ତ ପଦ ପାଇଁ ନିର୍ବାଚନ ଲଢ଼ିଲେ କିଛି ଯୁବକର୍ମୀଙ୍କ ସହାୟତାରେ । ହେଲେ, ସେ ନିଜେ କିମ୍ବା ତାଙ୍କ ଦଳର ପ୍ରାର୍ଥୀ କେହି ବି ଜିତି ନପାରି ବିରୋଧି ଦଳର ପ୍ରାର୍ଥୀ ଲାଭ ଉଠାଇ ନେଲେ ।



ବିଶେଷତଃ ତାଙ୍କ ଗାଁର ଯେଉଁମାନେ ତାଙ୍କୁ ଭୋଟ ଦେଇନଥିଲେ ସେ ଅନୁମାନ କଲେ । ସେମାନଙ୍କ ଉପରେ ରକ୍ତଚାଉଳ ଚୋବାଇ ହେଲେ । ସେମାନଙ୍କ ମଧ୍ୟରେ ଥିଲେ ତାଙ୍କ ଘରର ମଜୁରିଆ ରାମ ଦଳେଇ । ରାମକୁ ସେ କାମରୁ ବାହାର କରିଦେବା ସହିତ ତାଙ୍କ ବାରିରୁ ଗୋଟେ କଦଳୀ କାନ୍ଦି ଚୋରୀ କରିବା ଅଭିଯୋଗରେ ରାମ ନାଁରେ ପାଖ ଫାଣ୍ଡିରେ ଏତାଲା ଦେଲେ । ଅବଶ୍ୟ ତଦନ୍ତରେ ତାହା ମିଥ୍ୟା ପ୍ରମାଣିତ ହୋଇଥିଲା । ପ୍ରକୃତରେ ଉକ୍ତ କଦଳୀକାନ୍ଦିକୁ ନବଘନଙ୍କ ଗୋପନ ପରାମର୍ଶରେ ତାଙ୍କର ଜଣେ ବିଶ୍ୱସ୍ତ ଲୋକ, ସେଇ ଗାଁର ହରିଆ ବାରିକ ରାତିରେ କାଟି ନେଇ ତା ନିଜଘରେ ଲୁଚାଇ ରଖିଥିଲା । ହରିଆର ସାନ ଝିଅ ଏକଥାକୁ ତା ସାଙ୍ଗମାନଙ୍କୁ କହିଲା ଏବଂ କଥାଟା କ୍ରମେ ଅନ୍ୟମାନେ ମଧ୍ୟ ଜାଣିଲେ । ଏଥିରେ ଅପଦସ୍ତ ହେବା ପରେ ନବଘନ ଗାଁରେ ଅଧିକରୁ ଅଧିକ ଅପମାନିତ ହେଲେ । ତାଙ୍କର ରାଗ ଚରମ ସୀମାକୁ ପାରି ହୋଇଗଲା ।

ଏଣେ ତାଙ୍କ ଦଳର ପରାଜିତ ପ୍ରାର୍ଥୀ ନବଘନଙ୍କ ଯୋଗୁଁ ହାରିଥିବାରୁ ନବଘନ ଉପରେ ଭୀଷଣ ରାଗିଯାଇଥିଲେ ଏବଂ ସୁବିଧା-ସୁଯୋଗ ପାଇଲେ ନବଘନକୁ ପାନେ ଦେବାକୁ ପ୍ରସ୍ତୁତିରେ ରହିଲେ ।

ନିର୍ବାଚନର ଅଳ୍ପଦିନ ପରେ ଆସିଯାଇଥିଲା ଗଣପର୍ବ ଦୋଳ ଓ ହୋଲି । ହୋଲି ଦିନେ ସବୁଆଡ଼େ ରଙ୍ଗର ଉତ୍ସବ, ସଭିଙ୍କ ମୁହଁ ଲାଲ, କାହାରିକୁ ଭଲକରି ଚିହ୍ନିବା ମୁସ୍କିଲ । ସେଦିନ ସଂଜବେଳେ ଗାଁ ମୁଣ୍ଡ ଛକ ଜାଗାରେ ଗୋଟେ ଗଣ୍ଡଗୋଳ ଦେଖାଦେଲା । ଚାରିଜଣ ଲୋକ, ଯେଉଁମାନଙ୍କୁ ଭଲ କରି ଚିହ୍ନି ହେଉନଥାଏ, ଠେଙ୍ଗା, କାଠ ଫାଳିଆରେ ଜଣେ ମୋଟର ସାଇକେଲ ଆରୋହୀକୁ ଅଟକାଇ ପିଟାପିଟି କରୁଥିଲେ । ମୋଟର ସାଇକେଲ ଆରୋହୀ ଜଣକ ଥିଲେ ସ୍ୱୟଂ ନବଘନ ଚୌଧୁରୀ । ଅନ୍ୟମାନେ ସମ୍ଭବତଃ ତାଙ୍କ ବିରୋଧି ଦଳର ଲୋକ, ଯେଉଁମାନଙ୍କୁ ହୁଏତ ଅନ୍ୟ ପରାଜିତ ପ୍ରାର୍ଥୀ ପଠାଇଥିଲେ । ଠିକ୍ ସେତିକି ବେଳେ ରାମ ଦଳେଇ ଗାଁ ମୁଣ୍ଡ ଦୋକାନରୁ କିଛି ସଉଦା ନେଇଘରକୁ ଫେରୁଥିଲା । ମାଡ଼ ଖାଉଥିବା ଲୋକଟିର ପାଟିଶୁଣି ଜାଣିପାରିଲା ଯେ ସେ ତାର ପୂର୍ବତନ ଖାଉନ୍ଦ ନବଘନ ବାବୁ । ଅନେକ ଦିନ ଯାଏ ସେ ତାଙ୍କର ଲୁଣ ଖାଇଛି, ଏ ବିପଦବେଳେ ତାଙ୍କୁ ସାହାଯ୍ୟ ନକରି ଚାଲିଯିବାଟା ଅମଣିଷ ପଣିଆ ହେବ ଭାବି ରାମ ତତ୍କ୍ଷଣାତ୍ ନିଜର ସଉଦା ଥଳିଟିକୁ ତଳେ ପକାଇ ଦେଇ ସେମାନଙ୍କ ଉପରକୁ ଝାମ୍ପି ପଡ଼ିଲା । ଜଣେ ନିଶାସକ୍ତ (ସମସ୍ତେ ନିଶାସକ୍ତ ଥିଲେ) ଲୋକଠାରୁ ବାଡ଼ିଟିକୁ ଜୋର କରି ଛଡ଼ାଇଆଣଇ ତା ମୁଣ୍ଡକୁ ଶକ୍ତ ପାହାରଟେ କଷି ଦେଇ ଅନ୍ୟମାନଙ୍କୁ ଆକ୍ରମଣ କଲା । ଅନ୍ୟମାନେ ରାମର ଲାଠି ମାଡ଼ ଖାଇ ସମ୍ଭାଳି ନପାରି ନବଘନକୁ ଛାଡ଼ି ପଳାଇଲେ । ଆହତ ଲୋକଟି ମଧ୍ୟ ମୁଣ୍ଡକୁ ଚାପିଧରି ତାଙ୍କ ପଛରେ ଧାଇଁବାକୁ ଲାଗିଲା । ରାମ ଯାଇ ନବଘନଙ୍କୁ ତଳୁ ଉଠାଇଲା । ସେତେବେଳକୁ ସେ ପ୍ରାୟ ଚେତା ହରାଇ ବସିଥିଲେ । ଏଠାରେ ଏମାନଙ୍କୁ ପାଟିଗୋଳ ଶୁଣି ରାସ୍ତାରେ ଯାଉଥିବା ଆଉ କିଛି ଲୋକ ମଧ୍ୟ ସେଠାରେ ଧାଇଁ ଆସିଲେ ଏବଂ ପଛରେ ଯାଉଥିବା ଆହତ ଲୋକଟିକୁ ଧାଇଁ ଯାଇ କାବୁ କରିନେଲେ । ରାମ ଅନ୍ୟ କେତେକଙ୍କ ସହାୟତାରେ ନବଘନଙ୍କୁ ଟେକିନେଇ ତାଙ୍କ ଘରେ ନେଇ ଛାଡ଼ିଲା । ପରିବାର ଲୋକେ ସବୁ ଶୁଣି ନବଘନଙ୍କୁ ତୁରନ୍ତ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଗଲେ । ରାମ ମଧ୍ୟ ସେମାନଙ୍କ ସହିତ ଡାକ୍ତରଖାନା ଯାଏ ଯାଇଥିଲା ଏବଂ ନବଘନର ଚେତା ଫେରିବା ଜାଣି ଠାକୁରଙ୍କୁ ମୁଣ୍ଡିଆ ମାରି କାହାରିକୁ କିଛି ନକରି ସେଠାରୁ ଫେରିଆସିଲା ଆତ୍ମ ସନ୍ତୋଷଭରା ମନ ନେଇ ।

+ଧାନସିମୁଳିଆ,
ବାଲେଶ୍ୱର-୭୫୬୦୮୪
ମୋ: ୯୪୩୮୬୮୨୬୬୭

# ରାଜ୍ୟ ମାନବିକ ଅଧିକାର ଆୟୋଗ ପକ୍ଷରୁ ମାନବାଧିକାର ଦିବସ ପାଳିତ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଓଡ଼ିଶା ରାଜ୍ୟ ମାନବାଧିକାର ଆୟୋଗ ଆନୁକୂଲ୍ୟରେ ଆୟୋଗଙ୍କ ସମ୍ମିଳନୀ କକ୍ଷରେ ମାନବାଧିକାର ଦିବସ ପାଳିତ ହୋଇଯାଇଛି । ସାରା ବିଶ୍ୱରେ ପ୍ରତିବର୍ଷ ଡିସେମ୍ବର ମାସ ୧୦ ତାରିଖରେ ମାନବାଧିକାର ଦିବସ ପାଳନ କରାଯାଇଥାଏ । ୧୯୪୮ ମସିହାରେ ମିଳିତ ଜାତିସଂଘର ସାଧାରଣ ପରିଷଦରେ 'ଡିସେମ୍ବର ମାସ ୧୦ ତାରିଖକୁ ମାନବାଧିକାର ଦିବସ ଭାବେ ପାଳନ କରିବା ପାଇଁ ଘୋଷଣା କରାଯାଇଥିଲା । ତାହା ପରଠାରୁ ସବୁ ଦେଶ ତଥା ରାଜ୍ୟରେ ଏହି ଦିବସକୁ ମାନବାଧିକାର ଦିବସ ଭାବେ ପାଳନ କରାଯାଉଛି । ଓଡ଼ିଶା ରାଜ୍ୟ ମାନବିକ ଅଧିକାର ଆୟୋଗ ଗଠନ ହେବା ଦିନଠାରୁ ଅର୍ଥାତ୍ ୨୦୦୦ ମସିହାଠାରୁ ରାଜ୍ୟ ମାନବିକ ଅଧିକାର ଆୟୋଗ ତରଫରୁ ପ୍ରତିବର୍ଷ ଡିସେମ୍ବର ୧୦ ତାରିଖ ଦିନ ମାନବାଧିକାର ଦିବସ ପାଳନ କରାଯାଉଛି । ଜନ୍ମ ହେବା ପରଠାରୁ ପ୍ରତ୍ୟେକ ମଣିଷର କେତେଗୁଡ଼ିଏ ମୌଳିକ ଅଧିକାର ଓ କର୍ତ୍ତବ୍ୟ ରହିଛି, ସେଥିରୁ ସେମାନଙ୍କୁ କେହିହେଲେ ବଞ୍ଚିତ କରିପାରିବେ ନାହିଁ, ଏହା ହିଁ ହେଉଛି ମାନବିକ ଅଧିକାର ଦିବସ ପାଳନର ମୂଳଲକ୍ଷ୍ୟ । ପ୍ରତ୍ୟେକ ନାଗରିକ ଯେପରି ନିଜର ମୌଳିକ ଅଧିକାର ଓ କର୍ତ୍ତବ୍ୟରୁ ବଞ୍ଚିତ ନହୁଏ ତାହା ହିଁ ହେଉଛି ମାନବିକ ଅଧିକାର ଦିବସ ପାଳନର ଉଦ୍ଦେଶ୍ୟ । ରାଜ୍ୟ ମାନବିକ ଅଧିକାର ଆୟୋଗଙ୍କ ଅଧ୍ୟକ୍ଷ ଜଷ୍ଟିସ୍ ବି.କେ. ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସଭାରେ ସ୍ୱତନ୍ତ୍ର ଡି.ଜି. ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଆୟୋଗଙ୍କ ସଚିବ ସୁନୀଲ କୁମାର ନାୟକ, ରେଜିଷ୍ଟ୍ରାର ରାଜୀବ ଲୋଚନ ସାହୁ, ସହକାରୀ ରେଜିଷ୍ଟ୍ରାର ବିଶ୍ୱଜିତ ମହାପାତ୍ର, ଆୟୋଗର ଯୁଗ୍ମ ସଚିବ ବିଶ୍ୱଜିତ ଚନ୍ଦ୍ର ବର୍ମନ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବିଦ୍ୟୁତ ଚନ୍ଦ୍ର ପଣ୍ଡା, ସହକାରୀ ଆରକ୍ଷୀ ଅଧୀକ୍ଷକ ସତ୍ୟନାରାୟଣ ପ୍ରଧାନ ଏବଂ ସଂଗ୍ରାମ କେଶରୀ ବିଶ୍ୱାଳଙ୍କ ସହ ମାନବିକ ଅଧିକାରୀ ଆୟୋଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ସଭାରେ ଉପସ୍ଥିତ ଥିଲେ । ଶେଷରେ ମାନବ ଅଧିକାରଗୁଡ଼ିକର ସୁରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବେସରକାରୀ ଅନୁଷ୍ଠାନଗୁଡ଼ିକୁ ଏ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା ।

# ଡିସେମ୍ବର ୨୭ରେ ଆନ୍ଦୋଳନକୁ ଓହ୍ଲାଇବ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର) ମହାସଂଘ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ରାଜ୍ୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର)ମାନଙ୍କର ସମସ୍ୟା ଗୁଡ଼ିକର ସମାଧାନ ପାଇଁ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିକୁ ଆଣିଥିବା ସତ୍ତ୍ୱେ ସମାଧାନ ହୋଇ ନ ପାରିବାରୁ ଆସନ୍ତା ଡ଼ିସେମ୍ବର ୨୭ ତାରିଖରୁ ରାଜରାସ୍ତାରେ ଆନ୍ଦୋଳନକୁ ଓହ୍ଲାଇବାକୁ ସରକାରଙ୍କୁ ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଭୁବନେଶ୍ୱର ଖାରବେଳ ନଗରସ୍ଥିତ ଶିକ୍ଷକ ଭବନରେ ଏକ ଖବରଦାତା ସମ୍ମିଳନୀରେ ମହାସଂଘର ସଭାପତି ଶରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି । ଇଜିଏସ୍ ଯୋଜନା ବନ୍ଦ ହେବା ପରେ ଛଟେଇ ଶିକ୍ଷା ସ୍ୱେଚ୍ଛାସେବୀ ମାନଙ୍କୁ ରାଜ୍ୟ ସରକାର ୨୦୦୮ ମସିହାରେ ସେମାନଙ୍କୁ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ଗଣଶିକ୍ଷକ ଭାବରେ ନିୟୋଜିତ କଲେ । ପରବର୍ତ୍ତୀ ସମୟରେ ଏମାନଙ୍କୁ ନିୟମିତ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ବିଜ୍ଞପ୍ତି ନଂ-୧୪୪୬୭ ତା ୨୫.୦୭.୨୦୧୬ ଓ ବିଜ୍ଞପ୍ତି ନଂ-୧୫୨୯୦ ତା ୨୨.୧୨.୨୦୧୬ ରେ ନିର୍ଦ୍ଦେଶନାମା ପ୍ରକାଶ କରିଥିଲେ । ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଯେଉଁମାନେ ୮ ବର୍ଷ ପୂରଣ କରିଥିଲେ, ସେମାନେ ତା ୦୧.୦୩.୨୦୧୭ରୁ ନିୟମିତ ଶିକ୍ଷକ ହେଲେ । କିନ୍ତୁ ବିଭିନ୍ନ କାରଣରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୪୦୦୦ ଗଣଶିକ୍ଷକ ନିୟମିତ ହେବାରୁ ବାଦ୍ ପଡ଼ିଛନ୍ତି । ଏଣୁ ଗଣଶିକ୍ଷକଙ୍କ ନିୟୋଜିତ ବର୍ଷ ୨୦୦୮ରୁ ୮ ବର୍ଷ ଅବଧି ଗଣନା କରାଯାଇ ଥିବାରୁ ୨୦୧୨ ମସିହାରୁ ଓଡ଼ିଶାରେ ଲାଗୁ କରାଯାଇଥିବା ଓଟିଇଟି ସେମାନଙ୍କ ପାଇଁ ଆବଶ୍ୟକ ନାହିଁ ବୋଲି ଶିକ୍ଷକନେତାମାନେ ପ୍ରକାଶ କରିଛନ୍ତି । ଏଣୁ ଓଟିଇଟି ଉଚ୍ଛେଦ କରି ଯୋଗ୍ୟ ଗଣଶିକ୍ଷକ ମାନଙ୍କୁ ତା ୦୧.୦୩.୨୦୧୭ରୁ ନିୟମିତ କରି ଅବଶିଷ୍ଟ ଗଣଶିକ୍ଷକଙ୍କ ଦରମା ବୃଦ୍ଧି କରିବାକୁ ଦାବୀ କରିଛନ୍ତି । ଏହା ବ୍ୟତୀତ ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଯଥା ୩୧.୦୩.୨୦୧୯ ପରେ ଓଟିଇଟି ପାସ୍ କରିଥିବା ଏକ୍ସ-କ୍ୟାଡ଼ର ଶିକ୍ଷକଙ୍କ ୦୧.୦୩.୨୦୨୦ରୁ ବନ୍ଦ ଥିବା ଇନକ୍ରିମେ ପ୍ରଦାନ କରିବା, ସମଗ୍ର ଶିକ୍ଷା ଅଭିଯାନରେ କରାଯାଇଥିବା ଡେପୁଟେସନ ବାତଲ୍ କରି ଏକ୍ସ-କ୍ୟାଡ଼ର ବ୍ୟବସ୍ଥା ଉଚ୍ଛେଦ ସହ ୦୧.୦୩.୨୦୧୭ରୁ କ୍ୟାଡ଼ରଭୁକ୍ତ କରିବା, ଟ୍ରେଜେରୀ ମାଧମରେ ଦରମା ପ୍ରଦାନ କରିବା, ପୁରୁଣା ପେନସନ ବ୍ୟବସ୍ଥା (ଓପିଏସ୍) ଲାଗୁ କରିବା, ଅବିକଳ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରିବା, ମୃତ ଗଣଶିକ୍ଷକ ମାନଙ୍କୁ ଏକ୍ସ-ଗ୍ରାସିଆ ପ୍ରଦାନ କରିବା, ଏକ୍ସ-କ୍ୟାଡ଼ର ଶିକ୍ଷକମାନେ ଏଲିମେଣ୍ଟାରୀ କ୍ୟାଡ଼ରର ଲେବୁଲ-୫ ଭଳି ସମସ୍ତ ସୁବିଧା ସୁଯୋଗ ପାଇବେ ବୋଲି ଜିଲ୍ଲା ଓ ବ୍ଲକସ୍ତରକୁ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରେରଣ କରିବା, ଦାବୀଗୁଡ଼ିକ ଆଗାମୀ ୨୬.୧୨.୨୦୨୨ ସୁଦ୍ଧା ମହାସଂଘର କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ପୂରଣ କରିବାକୁ କୌଣସି ପଦକ୍ଷେପ ନିଆନଗଲେ ଆସନ୍ତା ୨୭.୧୨.୨୦୨ରିଖରୁ ବିଧାନସଭା ସମ୍ମୁଖରେ ହଜାର ହଜାର ଏକ୍ସ-କ୍ୟାଡ଼ର ଶିକ୍ଷକ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ ହେବେ ବୋଲି ମହାସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ ପ୍ରକାଶ କରିଛନ୍ତି । ଏଥିପାଇଁ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ ଓଡ଼ିଶା ସରକାର ଓ ପ୍ରଶାସନ ଦାୟୀ ରହିବେ ବୋଲି ମହାସଂଘର କାର୍ଯ୍ୟକାରୀ ସଭାପତି ଜୟନ୍ତୀଲାଲ ସାହୁ ଚେତାବନୀ ଦେଇଛନ୍ତି । ଆଜିର ସାମ୍ବାଦିକ ସମ୍ମିଳନୀରେ ମହାସଂଘର କାର୍ଯ୍ୟକାରୀ ସଭାପତି ଅଲେଖ ସାହୁ, ମହାସଚିବ ହାନେଶ ପାତ୍ର ବାଗ, କୋଷାଧକ୍ଷ ବିଜୟ ମିଶ୍ର, ଉପସଭାପତି ବିଶ୍ୱରଞ୍ଜନ ଦାସ, ରାଜୀବ ଲୋଚନ ପ୍ରଧାନ, ସୁରେନ୍ଦ୍ର ମଲ୍ଲିକ, ରାଜକିଶୋର ପ୍ରଧାନ, ସପ୍ତମ କିଶୋର ବେହେରା, ମିନତୀ ମିଶ୍ର, ମୁଖ୍ୟ ସାଂଗଠନିକ ସମ୍ପାଦକ ଗଙ୍ଗା ନାରାୟଣ ପାଢୀ, ସୁଦର୍ଶନ ବରାଳ, ରାଜକିଶୋର ବାରିକ, ପ୍ରମୋଦ ବେହେରା, ଅଭିମନ୍ୟୁ ସାହୁ, ଅନିୟ ବରାଳ, ସୁବ୍ରତ ଦଣ୍ଡସେନା, ଉପସଭାପତି ଉମେଶ ସ୍ୱାଇଁ, ଆଲୋକ ରାୟ ଏବଂ ଗଣମାଧମ ସଂଯୋଜକ ରଞ୍ଜୁ ଅମାତ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଫେସର ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କ ସ୍ମୃତିଚାରଣ ସଭା

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଉତ୍କଳ ବିଶ୍ୱ ବିଦ୍ୟାଳୟ ଜାତୀୟ ସେବା ଯୋଜନାର ପୂର୍ବତନ ସଂଯୋଜକ ତଥା ବେସିକ ସାଇନ୍ସ କଲେଜର ପୂର୍ବତନ ପ୍ରଫେସର, ପିକକ୍, ପିପୁଲ୍ସ ଫୋରମ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ରୋଟାରୀ କ୍ଲବ ଅଫ ଏକାମ୍ର କ୍ଷେତ୍ରର ପୂର୍ବତନ ସଭାପତି ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କ ଦଶାହ ଅବସରରେ ବରମୁଣ୍ଡାସ୍ଥିତ ହୋଟେଲ ଚନ୍ଦନ ପରିସରରେ ଓଡ଼ିଶା ଜାତୀୟ ସେବା ଯୋଜନା ପ୍ରାକ୍ତନ ପରିବାର ପକ୍ଷରୁ ଏକ ସ୍ମୃତିଚାରଣ ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ଜାତୀୟ ସେବା ଯୋଜନା ପ୍ରାକ୍ତନ ପରିବାରର ନିର୍ଦ୍ଦେଶକ ଡଃ ଦିଲ୍ଲୀପ ଶ୍ରୀଚନ୍ଦନ ଏଥିରେ ସଭାପତିତ୍ୱ କରି କହିଲେ ଯେ, ଡ. ଅଚ୍ୟୁତାନନ୍ଦ ପଟ୍ଟନାୟକଙ୍କର ଜାତୀୟ ସେବା ଯୋଜନାକୁ ଅବଦାନ ଅତୁଳନୀୟ ଥିଲା । ତାଙ୍କ ସମୟକୁ ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଯୁଗ ବୋଲି କୁହାଯାଇପାରେ । ସେ କେବଳ କର୍ମଠ ନଥିଲେ, ନିଜକୁ ଜଣେ ସ୍ୱେଚ୍ଛାସେବୀ ମାନସିକତା ନେଇ କାର୍ଯ୍ୟ କରି ଅନେକ ସ୍ୱେଚ୍ଛାସେବୀ ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏହି ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପୂର୍ବତନ ପରାମର୍ଶଦାତା ତଥା ଜାତୀୟ ସେବା ଯୋଜନାର ପୂର୍ବତନ ସର୍ବଭାରତୀୟ ପରାମର୍ଶଦାତା ଡଃ ଭଗବାନ ପ୍ରକାଶ ଯୋଗଦେଇ କହିଲେ ଯେ, ଜ୍ଞାନ ଓ ସେବାର ସମିଶ୍ରଣ ମାଧ୍ୟମରେ ଜାତୀୟ ସେବା ଯୋଜନାର ଛାତ୍ରଛାତ୍ରୀମାନଙ୍କୁ ଭବିଷ୍ୟତ ଜୀବନ ଗଠନ କରିବା ପାଇଁ ପରାମର୍ଶ ଦିଆଯାଇଥାଏ । ଏ କ୍ଷେତ୍ରରେ ଡ. ପଟ୍ଟନାୟକ ଥିଲେ ଜଣେ ଅତ୍ୟନ୍ତ କର୍ମଠ ଓ ତ୍ୟାଗୀ ବ୍ୟକ୍ତି ଯିଏକି ସେବାକୁ ଜୀବନର ବ୍ରତ ଭାବରେ ଗ୍ରହଣ କରିନେଇଥିଲେ । ତେଣୁ ତାଙ୍କ ସମୟରେ ଓଡ଼ିଶାର ଜାତୀୟ ସେବା ଯୋଜନା ସମଗ୍ର ଭାରତବର୍ଷରେ ଏକ ନମ୍ବର ସ୍ଥାନର ଅଧିକାରୀ ହୋଇପାରିଥିଲା । ତେଣୁ ଡ. ପଟ୍ଟନାୟକଙ୍କର ଆଦର୍ଶମୟ ଜୀବନୀକୁ ବର୍ତ୍ତମାନର କାର୍ଯ୍ୟକ୍ରମ ସଂଯୋଜକ ଓ କାର୍ଯ୍ୟକ୍ରମ ଅଧିକାରୀମାନେ ଅନୁକରଣ କରିବା ଉଚିତ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ ସେବା ଯୋଜନାର ତାଲିମ ପ୍ରଦାନକାରୀ ସଂଯୋଜକ ଶ୍ରୀ ନିରଦ ବରଣ ଖୁଣ୍ଟିଆ, ପୂର୍ବତନ ସହ ସଂଯୋଜିକା ଡ. ସୌମ୍ୟାଶ୍ରୀ ରଥ, ଏକାମ୍ର କଲେଜର ପୂର୍ବତନ ଅଧକ୍ଷ ଡଃ ପରୀକ୍ଷିତ ଦାସ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରଘୁନାଥ ମଣ୍ଡଳ, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରିଣୀ ଅଧାପିକା ଅନୁପମା ଚମ୍ପତିରାୟ ପ୍ରମୁଖ ବହୁ କାର୍ଯ୍ୟକ୍ରମ ଅଧିକାରୀ, ପୂର୍ବତନ କାର୍ଯ୍ୟକ୍ରମ ସଂଯୋଜକ, ସ୍ୱେଚ୍ଛାସେବୀମାନେ ଡ. ପଟ୍ଟନାୟକଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ନୀରବ ପ୍ରାର୍ଥନା କରାଯିବା ସହ ଅତିଥି ମଣ୍ଡଳୀ ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପଅର୍ଘ୍ୟ ପ୍ରଦାନ କରିଥିଲେ ।

# ୪ର୍ଥ ଓଡିଶା ରାଜଧାନୀ ପୁସ୍ତକ ମହୋତ୍ସବ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଭାବନା, କଳ୍ପନା ଓ ସାଧନାରୁ ସାହିତ୍ୟର ସୃଷ୍ଟି । କବିର ଅନ୍ତର୍ଚକ୍ଷୁ ବିଶ୍ୱ ବ୍ରହ୍ମାଣ୍ଡକୁ, "ଅ" ଅକ୍ଷରରୁ ଅନ୍ତରୀକ୍ଷ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥାଏ । ମନୁଷ୍ୟ ମୁକ୍ତ ଭାବରେ ଜନ୍ମ ହୋଇ ମଧ ପ୍ରତ୍ୟେକ କ୍ଷେତ୍ରରେ ବନ୍ଧନ ହୋଇ ରହିଛି । କିନ୍ତୁ ପରିବର୍ତ୍ତନର ଧାରାରେ କବି ଓ ସାହିତ୍ୟିକମାନେ ଅବ୍ୟକ୍ତକୁ ବ୍ୟକ୍ତ କରିପାରନ୍ତି । ସାମାଜିକ ପରିବର୍ତ୍ତନ ଓ ସଂସ୍କାର ବିଚାରଧାରାକୁ ଆଗକୁ ନେବାରେ କବି ଓ ସାହିତ୍ୟିକମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛନ୍ତି ବୋଲି ଭୁବନେଶ୍ୱର ୟୁନିଟ୍-୩ ପ୍ରଦର୍ଶନୀ ପଡିଆଠାରେ ଆୟୋଜିତ ୪ର୍ଥ ଓଡିଶା ରାଜଧାନୀ ପୁସ୍ତକ ମହୋତ୍ସବରଆଜି ୩ୟ ଦିନ ଅପରାହ୍ନରେ"ଅପୂର୍ବା" ପ୍ରକାଶନ ତରଫରୁ ଆୟୋଜିତପ୍ରତିଷ୍ଠିତ କବି ଶ୍ରୀ ସଂଗ୍ରାମ ମିଶ୍ରଙ୍କ କବିତା ପୁସ୍ତକ"ପ୍ରତିଫଳନ" ର ଶୁଭ ଉନ୍ମୋଚନ କରି ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ କୁମାର ପାତ୍ର ପ୍ରକାଶ କରିଛନ୍ତି । କବି ଶ୍ରୀ ମିଶ୍ରଙ୍କ ଦ୍ୱାରା ଲିଖିତ ଉନ୍ମୋଚିତ କବିତା ପୁସ୍ତକ ସକରାତ୍ମକ ପରିବର୍ତ୍ତନଓ ସାମାଜିକ ସଂସ୍କାରଦିଗରେ ସ୍ୱର ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ କବିତାରେ ରହିଥିବା ବାର୍ତ୍ତା ଆଗାମୀ ପିଢିକୁ ନୂତନ ଦିଗଦର୍ଶନ ଦେବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ପ୍ରକାଶ କରି ପୁସ୍ତକର ପାଠକୀୟ ଆଦୃତି କାମନା କରିଥିଲେ ।

କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଶ୍ରୀ ହୃଷିକେଶ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁସ୍ତକ ସଂପର୍କରେ ସମୀକ୍ଷା କରି ଉଗ୍ର ଆଧୁନିକ ସଭ୍ୟତା ଓ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା ପାଇଁ କବି ଶ୍ରୀ ମିଶ୍ରଙ୍କ କବିତାକୃତିରେ କବିଙ୍କ ଜୀବନର ଜଟିଳ ଅନୁଭୂତି , ଶବ୍ଦ ଓ ସାହିତ୍ୟରେ ରୂପାୟିତ ହେବା ସଙ୍ଗେ ସଙ୍ଗେ ପ୍ରତିଟି ଶବ୍ଦରେ ଜାଜ୍ୱଲ୍ୟମାନ ବାର୍ତ୍ତା ଲୁଚିକରି ରହିଛି ବୋଲି ପ୍ରକାଶ କରିଥିଲେ ।

ପୁସ୍ତକଟିର ପ୍ରକାଶନ ଅବସରରେ କବି ଶ୍ରୀ ସଂଗ୍ରାମ ମିଶ୍ର ଯୋଗଦେଇ ଦେଶ ବିଦେଶର ବହୁ ସୁନାମଧନ୍ୟ କବିଙ୍କର ଉଦାହରଣ ଦେବା ସହିତକବିଙ୍କର ରଚନାରେ କବିତା ପ୍ରାଣବନ୍ତ ହେବା ଓ ସମାଜକୁ ପରିବର୍ତ୍ତନ କରିବାର ବାର୍ତ୍ତା ଦେଉଥିବା ଆବଶ୍ୟକ ବୋଲି କହିଥିଲେ । ତାଙ୍କର କବିତା ସମାଜଧର୍ମୀ ଓ ମାନବଧର୍ମୀ କବିତା ଦୃଷ୍ଟିକୋଣ ଓ ଚିନ୍ତାଧାରାରେ ସମନ୍ୱିତ ବୋଲି ପ୍ରକାଶ କରିବା ସହିତ ଜନାଦୃତ ହେବ ବୋଲି ଆଶାବ୍ୟକ୍ତ କରିଥିଲେ । "ଅପୂର୍ବା" ପ୍ରକାଶନୀ,ଭୁବନେଶ୍ୱର ତରଫରୁ ଏହି କବିତା ପୁସ୍ତକ "ପ୍ରତିଫଳନ" ପ୍ରକାଶିତ ହୋଇଥିବା ବେଳେ ଏହାର ପ୍ରକାଶକ ତଥା ଉତ୍କଳ ପବ୍ଲିଶର୍ସ ଏବଂ ପୁସ୍ତକ ବିକ୍ରେତା ସଂଘର ସଭାପତି ଶ୍ରୀ କ୍ଷୀରୋଦ ଚନ୍ଦ୍ର ପତି ଯୋଗଦେଇ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ସଭା ସଂଚାଳନ କରିବା ସଙ୍ଗେ ସଙ୍ଗେ ପୁସ୍ତକଟିର ପାଠକୀୟ ଆଦୃତି ନେଇ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।ପରିଶେଷରେ ଅପୂର୍ବା ପ୍ରକାଶନୀ ତରଫରୁ ଶ୍ରୀ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସମସାମୟିକ ବ୍ୟବସ୍ଥାର ପ୍ରତିଫଳନ ତଥା ଅବହେଳିତମାନଙ୍କ ଅବସ୍ଥାର ଚିତ୍ରଣ ଓ ମାନବଧର୍ମୀ କବିତା ମାଧ୍ୟମରେ ସମାଜ ପ୍ରତି ସକରାତ୍ମକ ବାର୍ତ୍ତାରେ ପରିପୂତ କବିତା ପୁସ୍ତକ "ପ୍ରତିଫଳନ" କବି ଶ୍ରୀ ମିଶ୍ରଙ୍କ ଅନବଦ୍ୟ ସୃଷ୍ଟି । କବିଙ୍କ ଏହି ଅନନ୍ୟ ସୃଷ୍ଟିରେ ପ୍ରତିଟି କବିତା ସମାଜ ପ୍ରତି ଏକ ଆଇନା ସଦୃଶ । ଭାରତୀୟ ପ୍ରଶାସନିକ ସେବାର ଅବସରପ୍ରାପ୍ତ ବରିଷ୍ଠ ଅଧିକାରୀଙ୍କର ନିଜର ଅନୁଭୂତି ତଥା ଉପଲବ୍ଧି ଏହି କବିତା ମାଧ୍ୟମରେ ପ୍ରତିଫଳିତ ହୋଇଛି । ଏକାଧାରରେ ଜଣେ କବି,ଲେଖକ, ଗାୟକ, ବକ୍ତା, ସ୍ତମ୍ଭକାର ତଥା ଗୀତିକାର ଶ୍ରୀ ମିଶ୍ର ବହୁ କବିତା ପୁସ୍ତକ, ଇଂରାଜୀ ପୁସ୍ତକ ରଚନା କରିଥିବା ସହିତ ତାଙ୍କର କବିତା ସଂକଳନ "କାବ୍ୟ ସମଗ୍ର" ମଧ ପୂର୍ବରୁ ପ୍ରକାଶିତ ହୋଇଛି ।

# ସଂଘର୍ଷପୂର୍ଣ୍ଣ ସାମ୍ବାଦିକତାରେ ବ୍ରତୀ ଥିଲେ ବୈଷ୍ଣବ ଜେନା

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଶିଷ୍ଟ ସାମ୍ବାଦିକ ତଥା ସ୍ତମ୍ଭକାର ବୈଷ୍ଣବ ଚରଣ ଜେନାଙ୍କ ଅକାଳ ବିୟୋଗରେ ରବିବାର ସନ୍ଧ୍ୟାରେ ଜୟଦେବ ଭବନ ପ୍ରଦର୍ଶନୀ କକ୍ଷରେ ଓଡ଼ିଶା ପ୍ରେସ୍ ଏକାଡ଼େମୀ ତଥା ଡ଼େଭଲପମେ ନ୍ୟୁଜ ନେଟଓ୍ୱର୍କ (ଡିଏନଏନ)ର ମିଳିତ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ଏକାଡ଼େମୀର ଉପସଭାପତି ତଥା ବିଶିଷ୍ଟ ବେଦବିଜ୍ଞାନୀ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ସୁଜ୍ଞାନ କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାମ୍ବାଦିକ ଜେନାଙ୍କର ସଂଘର୍ଷମୟ ସାମାଜିକ ଜୀବନ, ଉଚ୍ଚମାନର ସାମ୍ବାଦିକତା ଏବଂ ସମଗ୍ର ସାମ୍ବାଦିକ ମହଲରେ ଆତ୍ମୀୟତା ତାଙ୍କୁ ସ୍ମରଣୀୟ କରି ରଖିବ ବୋଲି ମତ ରଖିଥିଲେ । ତାଙ୍କର ଅକାଳ ବିୟୋଗ ଓଡ଼ିଶା ସାମ୍ବାଦିକ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ କହିଥିଲେ ।

ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ଏକାଡ଼େମୀର ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ପ୍ରଧାନ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରିଥିଲେ । ସଭାରେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଭାଗବତ ତ୍ରିପାଠୀ, ବିବେକାନନ୍ଦ ଜେନା, ମାଧବ ବେଉରା, ସୁରେଶ କର, ରାଜକିଶୋର ଦାସ, ବିଜୟ କୁମାର ପଣ୍ଡା, ବଳରାମ ପ୍ରସାଦ ନନ୍ଦ, ହଳଧର ଧୀର, ସନାତନ ଦଳବେହେରା, ତୁଷାର ପଟ୍ଟନାୟକ, ଦେବକାନ୍ତ ମହାପାତ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଶେଷରେ ରୀତାଞ୍ଜଳି ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡିଏମଏଫ ଫଣ୍ଡରୁ ଆରଏମସିକୁ ଆସିଥିବା ୭୦ ଖଣ୍ଡ ବସ୍‌ର ପତା ମିଳୁନି, ପୁଣି ଆସିବ ୧୦୦ ବସ୍

ରାଉରକେଲା, ୧୮/୧୨ (ନି.ପ୍ର): ରାଉରକେଲା ମହାନଗର ନିଗମକୁ ଜିଲ୍ଲା ଖଣିଜ ପାଠିଂରୁ ୩ ବର୍ଷ ତଳେ ଆସିଥିବା ୭୦ ଖଣ୍ଡ ବସ ର କିଛି ଦିନ ହେଲା ଖୋଜ ଖବର ମିଳୁନି, ଆରଏମସିର ଟ୍ରାନ୍ସପୋର୍ଟ ବିଭାଗ କହୁଛି ଏନେଇ ଆମେ କିଛି ଜାଣିନୁ, ହେଲେ ବସ ସବୁ ଗଲା କୁଆଡେ ସେନେଇ ଜିଲ୍ଲାପ୍ରଶାସନ ଉତର ରଖିପାରୁ ନଥିବା ବେଳେ ପୁଣି ୧୦୦ ଖଣ୍ଡ ବସ ସହରକୁ ମୋ ବସ ଯୋଜନାରେ ଆସିବାକୁ ଯାଉଥିବା ଖବର ମିଳିଛି ।

ଅନୁସନ୍ଧାନରୁ ଜଣାପଡିଛି ଯେ, ରାଉରକେଲାରୁ ଗ୍ରାମାଂଚଳ ଲାଗି ଯାତାୟତ ନେଇ ୩ ବର୍ଷ ତଳେ ଜିଲ୍ଲା ଖଣିଜ ପାଠିଂରୁ ୭୦ ଖଣ୍ଡ ବସ ମହାନଗର ନିଗମକୁ ପ୍ରଦାନ କରାଯାଇଥିଲା । ଏହି ସବୁ ବସ ସହରରୁ ବିଭିନ୍ନ ଗ୍ରାମାଂଚଳକୁ ଯାତାୟତ କରୁଥିଲା, ଲୋକେ ଏଥିରେ ଉପକୃତ ମଧ ହେଉଥିଲେ, ହେଲେ ଗତ କିଛିଦିନ ହେଲା ସେହି ସବୁ ବସ କୁଆଡେ ଗଲା ତାର ଖୋଜ ଖବର ମିଳୁନାହିଁ । ଏନେଇ ଆରଟିଆଇରେ ତଥ୍ୟ ମଗାଜିବାରୁ ଆରଏମସି କହୁଛି ତା ନିକଟରେ ଏନେଇ କିଛି ଖବର ନାହିଁ , ତେବେ କୋଟି କୋଟି ଟଙ୍କାର ଏହି ବସ ସବୁ କୁଆଡେ ଗଲା, ଏହା ଦାୟିତ୍ୱରେ କିଏ ଥିଲେ ଯଦି ଡିଏମଏଫ ବସ ଦେଇଛି ସେ ସବୁ ଚାଲୁଥିଲା ତେବେ ହଠାତ ଏଭଳି ଉଭାନ କେମିତି ହୋଇଗଲା ବୋଲି ପ୍ରଶ୍ନ ହେଉଛି । ଖବରରୁ ଜଣାପଡିଛି ଯେ, ସେତେବେଳେ ବସ ପିଛା ପ୍ରାୟ ୩୦ ଲକ୍ଷ ହିସାବରେ ୭୦ ଖଣ୍ଡ ବସ ଲାଗି ପ୍ରାୟ ୨୧ରୁ ୨୨ କୋଟି ବିନିଯୋଗ ହୋଇଥିଲା, ପରେ କିଛିଦିନ ଏସବୁ ବସ ଚାଲିବା ପରେ ରାଉରକେଲାର ଜଣେ ବସ ମାଲିକଙ୍କୁ କୁଆଡେ ଏସବୁ ବସ୍ ଚଲାଇବା ଲାଗି ଦିଆଯାଇଥିଲା, ସେଥିଲାଗି ତାଙ୍କୁ ଆରଏମସିରୁ ଅର୍ଥ ପ୍ରଦାନ କରାଯାଉଥିଲା । ଏହି ସବୁ କାରବାର ଆରଏମସିରେ ଥିବା ପିଏମୟୁ ୟୁନିଟ ବୁଝାସୁଝା କରୁଥିଲା । ଏହି ୟୁନିଟକୁ ଏଠାରେ କିଛି ଆଇଏଏସ ବାବୁ ମାନଙ୍କୁ କରିବା ଲାଗି ରଖାଜିବା ସହ ଆରଏମସିରେ ହେଉଥିବା ବିଭିନ୍ନ କାମରେ ଏହି ୟୁନିଟର କାର୍ଯ୍ୟ ସନ୍ଦେହଘେରରେ ରହିଛି । କୌଣସି ଆବଶ୍ୟକତା ନଥାଇ କେବଳ କିଛି ବାବୁ ମାନଙ୍କ ମନ ରଖିବା, ଭିତିରି କାରା, କିଛି ବାବୁଙ୍କୁ ବାର କ୍ଲବରେ ମଜା ଦେବା ଓ ଚୁଗୁଲି ଲାଗି ଏହି ୟୁନିଟ ଏଠାରେ ରଖାଜିବା ସହ ଲକ୍ଷ ଲକ୍ଷ ଟଙ୍କା ଶ୍ରାଦ୍ଧ କରାଯାଉଥିବା କୁହାଯାଉଛି । ଏବେ ବସ ଯୋଜନା କଥାରେ ମଧ ଏହି ୟୁନିଟ କଥା ଆସିଲାଣି, ହେଲେ ବାବୁ ମାନେ ଏନେଇ ପୁରା ନିରବ ଥିବା ବେଳେ ରାଉରକେଲା ଭିଜିଲାନ୍ସ ଏ ଦିଗରେ ତଦନ୍ତ କରିବାକୁ ଦାବି ହେଉଛି ।

# ୬ ଜାନୁୟାରୀରୁ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ

ଗଞ୍ଜାମ, ୧୮/୧୨ (ନି.ପ୍ର): ଦକ୍ଷିଣ ଓଡିଶା ନାଟକ ମହୋତ୍ସବରେ ଜଗାବଳିଆ କଲଚରାଲ୍ ଏକାଡେମୀ, ବ୍ରହ୍ମପୁର ପ୍ରଯୋଜିତ ଚିନ୍ମୟ ରଞ୍ଜନ ମିଶ୍ରଙ୍କ ରଚିତ ' ଅନ୍ଧାରର ଆର୍ତନାଦ ' ନାଟକର ଶୁଭ ମୁହୁରତ୍ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟ ନିର୍ଦ୍ଦେଶକ ଡ୍ରାମା ଲଭର କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନା ସହ ଅଜିତ କୁମାର ପାଢ଼ୀଙ୍କ ସଙ୍ଗୀତ ସଂଯୋଜନାରେ ଏହି ନାଟକ ଆଗାମୀ ୯ ଜାନୁୟାରୀରେ ପ୍ରକାଶମ ହଲ ଠାରେ ମଂଚସ୍ଥ ହେବାକୁ ଯାଉଛି । ଏହି ସଭାରେ ପ୍ରଶାନ୍ତ ପ୍ରତିନିଧି, ସହଯୋଗୀ ନିର୍ଦ୍ଦେଶକ ଶିଶିର କୁମାର ଶତପଥୀ, ସୁଦର୍ଶନ ମହାପାତ୍ର, ସୁବ୍ରତ ବିଷୋୟୀ, ବିଶ୍ୱନାଥ ମହାପାତ୍ର, ପ୍ରତିମା ଶତପଥୀ, ନୀଳାଚଳ ମହାରଣାଙ୍କ ଭଳି ଅନେକ କଳାକାର ଉପସ୍ଥିତ ଥିଲେ । ଶେଷରେ ଯୁବ ଉପସ୍ଥାପକ ରାଇରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ । ପ୍ରକାଶ ଥାଉକି, ଗଞ୍ଜାମ ଜିଲ୍ଲା ମଂଚ କଳାକାର ସମ୍ମିଳନୀ ଆନୁକୂଲ୍ୟରେ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଆଗାମୀ ୬ ଜାନୁୟାରୀରୁ ୧୩ ଜାନୁୟାରୀ ୨୦୨୩ ସାତ ଦିନ ବ୍ୟାପୀ ପ୍ରକାଶମ ହଲ, ବ୍ରହ୍ମପୁର ଠାରେ ଆୟୋଜିତ ହେବାକୁ ଯାଉଛି । ଏଥିରେ ଜିଲ୍ଲା ଏବଂ ରାଜ୍ୟର ବଛା ବଛା ନାଟ୍ୟ ଅନୁଷ୍ଠାନ ନାଟକ ପରିବେଷଣ କରିବେ । ନାଟକଟି ଦର୍ଶକୀୟ ଆଦୃତ ଲାଭ କରିବା ସହ ମହୋତ୍ସବରେ ସଫଳତା ପାଇବ ବୋଲି ଆଶା କରାଯାଉଛି ।

# ସାପ କାମୁଡ଼ାରେ ଦୁଇ ଜଣଙ୍କ ମୃତ୍ୟୁ

ମାଲକାନଗିରି, ୧୮/୧୨ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଶନିବାର ଏକ ଦୁଃଖଦ ଘଟଣା ଘଟିଯାଇଛି । ସାପ କାମୁଡ଼ାରେ ମାମୁ, ଭାଣିଜୀଙ୍କ ମୃତ୍ୟୁ ଘଟିଛି । ମାଲକାନଗିରି ବ୍ଲକ ଅନ୍ତର୍ଗତ ଚାଲାଣଗୁଡା ଗ୍ରାମପଂଚାୟତର ମାଶାଗୁଡା ଗ୍ରାମର ଗଙ୍ଗା ଦୁରୁଆ ଓ କମଳା ଦୁରୁଆ ଗତକାଲି ରାତିରେ ଘରେ ଶୋଇଥିବା ବେଳେ ଏକ ନାଗ ସାପ ଦୁଇ ଜଣଙ୍କୁ କାମୁଡିଥିଲା ଦେଇଥିଲା । ଫଳରେ ଘଟଣାସ୍ଥଳରେ ମାମୁଙ୍କ ମୃତ୍ୟୁ ଘଟିଥିବା ବେଳେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ଭାଣିଜୀଙ୍କ ମୃତ୍ୟୁ ଘଟିଛି ।

# ରେଳ ଉପଭୋକ୍ତା ସଂଘ ତରଫରୁ ସାଂସଦଙ୍କୁ କୃତଜ୍ଞତା

ବଲାଙ୍ଗିର, ୧୮/୧୨ (ନି.ପ୍ର): ରେଳବାଇ ଦ୍ୱାରା ସର୍ବଦା ଅବହେଳିତ ପଶ୍ଚିମ ଓଡିଶା ବିଶେଷ କରି ବଲାଙ୍ଗିର ଜିଲ୍ଲାର ବିଭିନ୍ନ ସମସ୍ୟାକୁ ନେଇ ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଶୁକ୍ରବାର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ୧୨ ଦଫା ସ୍ମାରକପତ୍ର ଦେଇଥିବାରୁ ବଲାଙ୍ଗିର ରେଳ ଉପଭୋକ୍ତା ସଂଘ ତରଫରୁ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ର, ସଂପାଦକ ନାରାୟଣ ପାଢି, ସହ-ସଂପାଦକ ଦିବାକର ହୋତା, ଅଶୋକ ମିଶ୍ର, ଅଶୋକ ଚାନ୍ଦ ପ୍ରମୁଖ ସାଂସଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହାଦ୍ୱାରା ସମ୍ବଲପୁର - ପୁରୀ ଇଂଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ, ବଲାଙ୍ଗିର-ନୂଆଁପଡା ରେଳପଥକୁ ଶିଘ୍ର ସର୍ଭେ କାମ ସମାପ୍ତ କରିବା, ବଲାଙ୍ଗିର-ଖୋର୍ଦ୍ଧା ନୂତନ ରେଳପଥର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ବଲାଙ୍ଗିର ଜଙ୍କସନ୍ ଷ୍ଟେସନକୁ ବି ଗ୍ରେଡରୁ ଏ ଗ୍ରେଡ୍ କରିବା, ବଲାଙ୍ଗିରରୁ ପ୍ରୟାଗରାଜକୁ ସିଧାସଖଳ ସଂଯୋଗୀକରଣ ଇତ୍ୟାଦି ଦାବିକୁ ସଂଘ ତରଫରୁ ସ୍ୱାଗତ କରାଯାଇଛି ।

# ଜିଲ୍ଲାରେ ହକି ବିଶ୍ୱ କପ୍ ଟ୍ରଫି ପରିକ୍ରମା ନେଇ ପ୍ରସ୍ତୁତି ବୈଠକ

ମାଲକାନଗିରି, ୧୮/୧୨ (ନି.ପ୍ର): ଚଳିତ ୩୧ ଡିସେମ୍ବରରେ ହକି ବିଶ୍ୱ କପ୍ ଟ୍ରଫି ମାଲକାନଗିରି ପହଞ୍ଚିବ । ଟ୍ରଫିକୁ ଭବ୍ୟ ସମ୍ବର୍ଦ୍ଧନା ଜଣାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ ପ୍ରସ୍ତୁତି କରାଯିବ । ଏ ନେଇ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଭୈରବୀ ମନ୍ଦିର ଠାରୁ ଷ୍ଟାଡିୟମ୍ ପର୍ଯ୍ୟନ୍ତ ଶୋଭା ଯାତ୍ରାରେ ଟ୍ରଫି ସହର ପରିକ୍ରମା କରିବ । ଏହି ପରିପ୍ରେକ୍ଷୀରେ ଗ୍ରାମ ପଞ୍ଚାୟତରେ ୧୬ ଓ ୧୭ ଡିସେମ୍ବରରେ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ୧୯ ଏବଂ ୨୦ ଡ଼ିସେମ୍ବରରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗୀତା ଆୟୋଜନ ହେବ ବୋଲି ଏଠାରେ ସୂଚନା ଦିଆଯାଇଛି । ସେହିପରି ୪,୫ ଓ ୬ ଜାନୁଆରୀରେ ଜିଲ୍ଲା ସ୍ତରୀୟ କ୍ରୀଡ଼ା ଆୟୋଜନ ହେବ । ୭ ରେ ସ୍ୱାଭିମାନ ଅଞ୍ଚଳରେ ଘୋଡ଼ା ଦୌଡ଼, ୧୨ରେ ବାଲିମେଳା ଠାରୁ ମାଲକାନଗିରି ପର୍ଯ୍ୟନ୍ତ ମିନି ମାରାଥନ ଏବଂ ୧୩ ଜାନୁଆରିରେ ସତୀଗୁଡା ଜଳଭଣ୍ଡାରଠାରେ ନୌକା ଚାଳନା ପ୍ରତିଯୋଗୀତା ହେବ । ହକି ମହାକୁମ୍ଭ ସମୟରେ ଡିଏନକେ ଖେଳ ପଡିଆ ଠାରେ ହକି କ୍ରୀଡା ମଧ ଆୟୋଜନ ନିମନ୍ତେ ନିଷ୍ପତ୍ତି ନିଆଯାଇଛି । ଶୋଭା ଯାତ୍ରାକୁ ଭବ୍ୟ କରିବା ନେଇ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନୱାଡ଼ି କର୍ମୀ, ବିଭିନ୍ନ କ୍ରୀଡ଼ା ଅନୁଷ୍ଠାନର ସଦସ୍ୟ, ଏନ ସି ସି,ସ୍କାଉଟ ଓ ଗାଇଡ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯିବ । ଏହି ବୈଠକକୁ ଜିଲ୍ଲା କ୍ରୀଡା ଅଧିକାରୀ ଧୃବଚରଣ ମୁଦୁଲି ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଓ କ୍ରିଡ଼ା ପ୍ରଶିକ୍ଷକ ମାନେ ଉପସ୍ଥିତ ଥିଲେ ।

## ବାଇକ୍ ଧକ୍କାରେ ଚାରି ବର୍ଷର ଶିଶୁ ପୁତ୍ର ଗୁରୁତର

ବସ୍ତା, ୧୮/୧୨ (ନି.ପ୍ର): ବସ୍ତା ଥାନା ଗାନ୍ଧୀଛକ ଠାରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଚାରି ବର୍ଷର ଶିଶୁ ପୁତ୍ର ଗୁରୁତର ଆହତ ହୋଇଛନ୍ତି। ସୂଚନାରୁ ପ୍ରକାଶ ବସ୍ତା ରୁ ଗାନ୍ଧୀଛକ କୁ ଆସୁଥିବା ଓଆର୍ ୦୧ ଆର୍ ୯୬୬୬ ଟି ଗାନ୍ଧୀଛକ ଠାରେ ଶିଶୁ ପୁତ୍ରଟି ରାସ୍ତା ପାରି ହେଉଥିବା ସମୟ ରେ ବାଇକ୍ ଟି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଶିଶୁ ପୁତ୍ର ଗୁରୁତର ଆହତ ହୋଇଥିଲେ।ତାଙ୍କୁ ତୁରନ୍ତ ଉଦ୍ଧାର କରି ସ୍ଥାନୀୟ ଲୋକ ପ୍ରଥମେ ବସ୍ତା ଡାକ୍ତରଖାନା ପରେ ବାଲେଶ୍ୱର କୁ ନେଇ ଥିବା ଜଣାଯାଇଛି। ଶିଶୁ ପୁତ୍ର ର ମୁଣ୍ଡ ରେ ଶକ୍ତ ଆଘାତ ଲାଗିଥିବା ବେଳେ ବାମ ପାର୍ଶ୍ୱ ଗୋଡ଼ ଭାଙ୍ଗି ଚୁନା ହୋଇଯାଇଛି। ଦୁର୍ଘଟଣା ଘଟାଇଥିବା ବାଇକ୍ କୁ ସ୍ଥାନୀୟ ଲୋକ ଉଦ୍ଧାରକାରୀ ପୋଲିସ ଜିମା ଦେଇଥିବା ଦେଖିବାକୁ ମିଳିଛି।

## ଅସାବଧାନତା ଯୋଗୁ ପ୍ରାଣ ହରାଇଲେ ଯୁବକ

ବସ୍ତା, ୧୮/୧୨ (ନି.ପ୍ର): ରୂପସା ରେ ଜନୈକ ଯୁବକ ଅସାବଧାନତା ଯୋଗୁଁ ପ୍ରାଣ ହରାଇବା ଭଳି ଘଟଣା ଘଟିଛି। ସୂଚନାରୁ ଜଣାପଡିଛି ଶନିବାର ବାମଡା ଗ୍ରାମର କୃଷ୍ଣ ଧଳଙ୍କ ପୁଅ ରଞ୍ଜନ ଧଳ (୨୪ ବର୍ଷ) ରୂପସା ବଜାରରୁ ମାର୍କେଟିଙ୍ଗ ସାରି ଘରକୁ ଯିବା ସମୟରେ ହୀରାପୁର ସ୍କୁଲ ଆଗରେ ଏକ ଟ୍ରକକୁ ଓଭର ଟେକ କରିବା ବେଳେ ରୋଡ଼ ପାର୍ଶ୍ୱରୁ ଗୋଟିଏ ଗାଈ ହଠାତ ସାମ୍ନାକୁ ଦୌଡ଼ି ଆସିବାରୁ ସେ ସେହିଠାରେ ପଡିଯାଇଥିଲେ। ସ୍ଥାନୀୟ ଲୋକେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଆସିଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏଥିଯୋଗୁଁ ବାମଡା ଏବଂ ରୂପସା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ହିଞ୍ଜଳ ଜଗାରେ ହାର୍ଟ ଚେକଅପ୍ ଶିବିର

ପୁରୀ, ୧୮/୧୨ (ନି.ପ୍ର): ବାଲିସାହି ହିଞ୍ଜଳ ଜାଗା ପରିସରରେ ଥିବା କଲ୍ୟାଣ ମଣ୍ଡପରେ ୨ ଦିନିଆ ହାର୍ଟ ଚେକଅପ୍ ଶିବିର ଉଦ୍‌ଘାଟିତ ହୋଇଯାଇଛି । ଶିବିରକୁ ଉଦ୍‌ଘାଟନ କରିଥିଲେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ । ହାର୍ଟର କିପରି ଯତ୍ନ ନେବ, ଖାଦ୍ୟ, ବ୍ୟାୟାମ ସମ୍ପର୍କରେ ଡ଼ାକ୍ତରମାନେ ପରାମର୍ଶ ଦେଇଥିଲେ । ଏଥିରେ ଜାଗାର ସଭାପତି ଜିତେନ୍ଦ୍ର ମୁଦୁଲି, ସମ୍ପାଦକ କୁଳମଣି ସାହୁ,ଜାଗାର କର୍ମକର୍ତାମାନେ ଯୋଗ ଦେଇଥିଲେ । ବରିଷ୍ଠ ଛାତି ରୋଗ ବିଶେଷଜ୍ଞ ଡ଼ାକ୍ତର ଭାରତ ବିଜୟ ପୁରୋହିତ ଓ ତାଙ୍କ ଟିମ୍‌ର ୧୦ଜଣ ସଦସ୍ୟମାନେ ୧୦୦ଜଣ ବ୍ୟକ୍ତିଙ୍କ ହାର୍ଟ ଚେକଅପ୍ କରିଥିଲେ । ଏହି ଶିବିର ଦୁଇଦିନ ଧରି ଚାଲିବ ।

# ଜନଜାତି ଲୋକ କଳା ସଙ୍ଗମ ପାଇଁ ବାରିପଦାରେ ବ୍ୟାପକ ପ୍ରସ୍ତୁତି




ବାରିପଦା, ୧୮/୧୨ (ନି.ପ୍ର): ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖରେ ବାରିପଦାରେ ବନବାସୀ କଲ୍ୟାଣ ଆଶ୍ରମ ପକ୍ଷରୁ ଏକ ଆନ୍ତଃରାଜ୍ୟ ଜନଜାତି ଲୋକ କଳା ସଙ୍ଗମ ଆୟୋଜିତ ହେବାକୁ ଥିବାବେଳେ ସଂଗଠନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଆରମ୍ଭ ହୋଇଛି । ସ୍ଥାନୀୟ ହୋଟେଲ ସ୍ୱସ୍ତିକ ସଭା ଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ବନବାସୀ କଲ୍ୟାଣ ଆଶ୍ରମର ଅଖିଳ ଭାରତୀୟ ଲୋକ କଳା ପ୍ରମୁଖ ବୀରବଲ ସିଂହ ଯୋଗ ଦେଇ ଡିସେମ୍ବର ୨୯ ଓ ୩୦ ତାରିଖରେ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆୟୋଜିତ ହେବାକୁ ଥିବା ଜନଜାତି ଲୋକ କଳା ସଙ୍ଗମ ନେଇ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ପ୍ରସ୍ତାବିତ କଳା ସଙ୍ଗମରେ ଖାଲି ଓଡ଼ିଶାର ନୁହେଁ, ବରଂ ପଶ୍ଚିମ ବଙ୍ଗ, ଝାଡ଼ଖଣ୍ଡ ପରି ଅନ୍ୟାନ୍ୟ ରାଜ୍ୟର ଜନଜାତି କଳାକାର ଗୋଷ୍ଠୀ ସାମିଲ ହେବେ ବୋଲି ପ୍ରକାଶ କରିବା ସହ ଏହି ଭବ୍ୟ କାର୍ଯ୍ୟକ୍ରମ କଳା ନୃତ୍ୟ ସାହିତ୍ୟ ସଙ୍ଗୀତ ସଂସ୍କୃତି କ୍ଷେତ୍ରରେ ଦେଶର ବିବିଧ ଜନଜାତି ବର୍ଗର ଉତ୍କର୍ଷ ଓ ଗୌରବ ଗାଥା ବହନ କରିବ ବୋଲି ଆଶା ପ୍ରକଟ କରିଥିଲେ । ଅନ୍ତତଃ ପକ୍ଷେ ୨୪ ଟି ବିଭିନ୍ନ ଜନଜାତି ବର୍ଗର ପ୍ରତିନିଧିତ୍ୱ ଏଥିରେ ଦେଖିବାକୁ ମିଳିବ ବୋଲି ଶ୍ରୀ ସିଂହ ସୂଚାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା କବିବିଷ୍ଣୁ ଶତପଥୀ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଲୋକ କଳା ସଙ୍ଗମର ସଂଯୋଜକ ଫକୀର ସିଂ, ସହ ସଂଯୋଜକ ସନାତନ ମୁର୍ମୁ ଓ ବନବାସୀ କଲ୍ୟାଣ ଆଶ୍ରମର ସହ କ୍ଷେତ୍ର ପ୍ରମୁଖ ବିଶ୍ୱାମିତ୍ର ମହାନ୍ତ ପ୍ରମୁଖ ମଂଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ହାଁସଦା, ସାନୁ ସିଂ, ଶଙ୍କର ମାରାଣ୍ଡି, ଦାକ୍ଷିନ ମୁର୍ମୁ, ଛୋଟେଲାଲ ମହାନ୍ତ, ରାମପଦ ପଇଡ଼ା ପ୍ରମୁଖ ବରିଷ୍ଠ ବନବାସୀ କଲ୍ୟାଣ ଆଶ୍ରମ କର୍ମକର୍ତା ଏହି ଅବସରରେ ଉପସ୍ଥିତ ଥିଲେ ।

## ଓକେସିଏଲ ତରଫରୁ ଜିଲ୍ଲାରେ ପ୍ରଥମ ଥର ନଲେଜ ସେଂଟର ସମ୍ମିଳନୀ ଆୟୋଜିତ




ବାରିପଦା, ୧୮/୧୨ (ନି.ପ୍ର): ବାରିପଦା ସ୍ଥିତ ପ୍ରୟାସ କନଫେରେନ୍ସ ହଲରେ ଓଡିଶା ନଲେଜ କର୍ପୋରେସନ ଲିମିଟେଡ଼ ତରଫରୁ ଏକ ନଲେଜ ସେଂଟର ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବାରିପଦା ନଗରପାଳ କୃଷ୍ଣନନ୍ଦ ମହାନ୍ତି ସମ୍ମିଳନୀକୁ ଉଦଘାଟନ କରିଥିବା ବେଳେ, ମୟୂରଭଂଜ ଜିଲ୍ଲା ଡିଏଲସି ଅଧ୍ୟାପକ ସମରେନ୍ଦ୍ର ବଶା ସଭାପତିତ୍ୱ କରିଥିଲେ । କମ୍ପାନୀର ପ୍ରୋଗ୍ରାମ ମେନେଜର ଶୁଶାନ୍ତ ଜେ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବେଳେ, ଓକେସିଏଲ ର ଏମ ଡ଼ି ଡ଼. ମନୋରଂଜନ ପୁଥାଳ ସମ୍ମିଳନୀର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଆଲୋଚନା କରିବା ସହିତ ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ ଓ ଆଇଟି ବିଭାଗ ସହ ଅନୁବନ୍ଧିତ ଏହି କମ୍ପୁଟର କାର୍ଯ୍ୟକ୍ରମ ଜିଲ୍ଲାର ସମସ୍ତ ବ୍ଲକରେ ଅଧିକୃତ ଶିକ୍ଷା କେନ୍ଦ୍ରରେ ଶିକ୍ଷା ଦାନ କରିଆସୁଛି । କିନ୍ତୁ ଆଜିକାର ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜିଲ୍ଲାର ସମସ୍ତ ଡିଗ୍ରୀ, ଯୁକ୍ତ ଦୁଇ,ଆଇଆଇଟି ଓ ଆବାସିକ କଲେଜ ମାନଙ୍କରେ ଏହି ନଲେଜ ସେଂଟର ଆରମ୍ଭ କରାଯାଇ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଏହି ଆନ୍ତର୍ଜାତୀୟ ମାନର ଶିକ୍ଷା ଲାଭ କରିପାରିବେ ସେ ବିଷୟରେ ଉପସ୍ଥିତ ଥିବା ସମସ୍ତ ଅଧ୍ୟକ୍ଷ ସହିତ ଆଲୋଚନା କରିଥିଲେ । ଜିଲ୍ଲାର ବିଭିନ୍ନ ଅଂଚଳର କଲେଜ ମାନଙ୍କରୁ ଶହେରୁ ଉର୍ଦ୍ଧ ଅଧ୍ୟାପକ ଓ ଅଧ୍ୟକ୍ଷ ଏଥିରେ ଉପସ୍ଥିତ ଥିଲେ । ସଭା ଶେଷରେ ସମ୍ପାଦିକା ଅନିତା ବଶା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମ୍ମିଳନୀରେ ଚନ୍ଦ୍ରଭାନୁ ଦାଶ, ସୁଭଦ୍ରା ମଣ୍ଡଳ, ସୁଦୀପ୍ତ ମହାପାତ୍ର ଆଦି ସହଯୋଗ କରିଥିଲେ ।

## ବସ୍ତା ଆଦିବାସୀ ଶିକ୍ଷକ ଆସୋସିଏସନର ସାଧାରଣ ବୈଠକ



ବସ୍ତା,୧୮।୧୨(ନିପ୍ର): ବସ୍ତା ବ୍ଲକର ସମସ୍ତ ଆଦିବାସୀ ଶିକ୍ଷକ ଶିକ୍ଷୟିତ୍ରୀ ଙ୍କୁ ନେଇ ଏକ ବୈଠକ ଶିକ୍ଷକ ଗଜେନ୍ଦ୍ର ହେମ୍ବ୍ରମଙ୍କ ବାସଭବନରେ ନାରାୟଣ କିସ୍କୁ ଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ ନୂତନ ଆଦିବାସୀ ଶିକ୍ଷକ ସଂଗଠନ ଗଠନ ସହିତ ଅସ୍ଥାୟୀ କର୍ମକ ର୍ତା ଚୟନ କରାଯାଇଥିଲା।ଆସନ୍ତା ୨୩ ତାରିଖରେ ସ୍ଥାୟୀ କର୍ମକ ର୍ତା ଗଠନ କରାଯିବା କୁ ନିଷ୍ପ ତ୍ତି ହୋଇଥିଲା।ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଶିକ୍ଷକ ପରେଶ କୁମାର ହଂସଦା, ଗଜେନ୍ଦ୍ର ହେମ୍ବ୍ରମ, ରାମେଶ୍ୱର ମାରାଣ୍ଡି, ଦେବାନ ଟୁଡୁ, ସ୍ମୃତି ମୁର୍ମୁ, ସୁରେନ୍ଦ୍ର ହଂସଦା, ପୋମା ଟୁଡୁ, ନୀଳମଣି ଟୁଡୁ, ଚୟା ଟୁଡୁ ଅଭିଭାଷଣ ରଖିଥିଲେ।ଶେଷରେ ଆବାହକ ବିଶ୍ୱନାଥ ହେମ୍ବ୍ରମ ଧନ୍ୟବାଦ ଅର୍ପଣ କରିଥିଲେ।

## ସହପାଠୀ ପରି ବନ୍ଧୁ ଜଗତରେ ନାହିଁ

ଉଦଳା, ୧୮/୧୨ (ନି.ପ୍ର): ଉଦଳା ଉଚ୍ଚ ବିଦ୍ୟାଳୟର ୧୯୭୮ ମାଟ୍ରିକ ବ୍ୟାଚ୍ ଛାତ୍ର ମାନଙ୍କର ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଆଜି ଡ଼ିସେମ୍ବର ୧୮ ତାରିଖ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୪୪ ବର୍ଷ ପରେ ସହପାଠୀ ମାନେ ପରସ୍ପରକୁ ପାଖରେ ପାଇ ଖୁବ ଭାବବିହ୍ୱଳ ହୋଇ ଉଠିଥିଲେ । ପରସ୍ପରକୁ ଆଲିଙ୍ଗନ କରି ଅତୀତର କଥା କୁ ମନେ ପକାଇଥିଲେ। ପୂ ର୍ବ ବିଭାଗର ଡ଼ାକ ବଙ୍ଗଳା ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହରେନ୍ ପଟ୍ଟନାୟକ ଅଧ୍ୟକ୍ଷତା କରିବା ସହ ଆମ ଗ୍ରହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଥିବା ସାଙ୍ଗମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା ଜଣାଇବା ପାଇଁ ପ୍ରାରମ୍ଭରେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହାପରେ ସାଙ୍ଗମାନେ ଜଣ ଜଣ କରି ଅତୀତର ଜୀବନ ସହିତ ବ ର୍ତ୍ତମାନ କିପରି ସମୟ ବିତାଉଛନ୍ତି ବର୍ଣ୍ଣନା କରିଥିଲେ । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଶଶୀଧର ବେହେରା, ଲଳିତ କୁମାର ମହାନ୍ତି, ଶୋଭାକର ବେହେରା, ଦୋଳଗୋବିନ୍ଦ ପାତ୍ର, ଶତ୍ରୁଘ୍ନ ସାହୁ, ସତ୍ୟନାରାୟଣ ପୋଥାଳ, ରତିକାନ୍ତ ଦାସ ପ୍ରମୁଖ ନେତୃତ୍ୱ ନେଇଥିଲେ । ଶେଷରେ ଭୋଜିରେ ସମସ୍ତେ ଆପ୍ୟାୟିତ ହେବା ସହିତ ଆସନ୍ତା ନବବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ବୋଲି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ଜଣାଇ ପରସ୍ପର ଠାରୁ ବିଦାୟ ନେଇଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, ୧୮/୧୨ (ନି.ପ୍ର): ବାଲେଶ୍ୱର ରୋଟାରି ଅନ୍ ସି ଓ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘର ମିଳିତ ସହଯୋଗରେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଆୟୋଜିତ ଶିବିରରେ ଭୁବନେଶ୍ୱର ଆପୋଲୋ ହସପିଟାଲର କ୍ୟାନସର ବିଭାଗର ବରିଷ୍ଠ ଚିକିତ୍ସକ ଡାକ୍ତର ଗରିମା ସରାଓ୍ୱଗୀ, ଡାକ୍ତର ଆଶୁତୋଷ, ଗୋଷ୍ଟ୍ରୋ ଏଣ୍ଟ୍ରୋଲୋଜି ବିଭାଗର ଡାକ୍ତର କ୍ରିଷ୍ଣା ପରିଡ଼ା, ଭେଷଜ ବିଶେଷଜ୍ଞ ଡାକ୍ତର ରୋହନ ପାତ୍ର ଯୋଗ ଦେଇଥିଲେ। ବିଶେଷଜ୍ଞମାନେ ରୋଗୀଙ୍କୁ ପରୀକ୍ଷା ସହ ଚିକିତ୍ସା ପରାମର୍ଶ ସହିତ ଔଷଧ ପ୍ରେସକ୍ରିପ୍ସନ ଦେଇଥିଲେ । ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ସଭାପତି ଇଂ. ବନମାଳି ନାୟକ, ସମ୍ପାଦକ ବସନ୍ତ ନାୟକ, ଯୁଗ୍ମ ସମ୍ପାଦକ ସୁଦର୍ଶନ ଦାସ, ସାଂଗଠନିକ ସମ୍ପାଦକ ସୁଜିତ୍ ଜେନା, ଅର୍ଥ ସମ୍ପାଦକ ଦାମୋଦର ନାୟକ, କାର୍ଯ୍ୟକାରୀ ସଭାପତି ଗୌରାଙ୍ଗ ସାହୁ, ଉପ-ସଭାପତି ପୁଷ୍ପଲତା ମହାନ୍ତି, ସଭ୍ୟ ଭବେଶ ପଣ୍ଡା, ସେକ୍ ଆଲ୍ଲାଉଦ୍ଦିନ୍, ଶଚୀନ୍ଦ୍ର ଦାସ, ପ୍ରତିମା ପଣ୍ଡା, ମେଡିକାଲ୍ କ୍ରିୟାନୁଷ୍ଠାନର ସଭାପତି ନିରଞ୍ଜନ ପରିଡ଼ା, ଜ୍ଞାନେନ୍ଦ୍ର ନାଥ ସାହୁ ଶିବିର ପରିଚାଳନା କରିଥିଲେ। ରୋଟାରୀ ଅନ୍‌ସିର ସଭାପତି ହର୍ଷ ଗୁପ୍ତା, କାର୍ଯ୍ୟକାରୀ ସଭାପତି ଅଷ୍ଟାଦ ବୋଧନଓ୍ୱାଲା, ସମ୍ପାଦକ ଚିରଞ୍ଜୀବି ରାୟ, ସଭ୍ୟ ରାକେଶ ପାଲା ପ୍ରମୁଖ ଏହି ଶିବିରରେ ଉପସ୍ଥିତ ରହି ରୋଗୀ ପଞ୍ଜୀକରଣ ସହ ସଚେତନ କରାଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ବିଶୃଙ୍ଖଳାକାରୀଙ୍କ ବିରୋଧରେ....

ପରିଚୟ କଂଗ୍ରେସ ଦଳ ଦେଇଛି। କିନ୍ତୁ ଏବେ କିଛି ଲୋକ ନିଜକୁ ଦଳ ଠାରୁ ବହୁତ ବଡ଼ ବୋଲି ଗଣମାଧ୍ୟମରେ କହି ବୁଲୁଛନ୍ତି ଦଳର ଏବଂ ଦଳୀୟ ନେତୃବର୍ଗଙ୍କୁ ଗଣମାଧ୍ୟମରେ ଏବଂ ବିଭିନ୍ନ ମାଧ୍ୟମରେ ନିନ୍ଦିତ କରୁଛନ୍ତି ଏବଂ କରିବାର ପ୍ରୟାସ ଜାରି ରଖିଛନ୍ତି। ତଦ୍ୱାରା କଂଗ୍ରେସ ଦଳ ସାମୁହିକ ଭାବରେ ବହୁ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି ଏବଂ ଜନମାନସରେ କଂଗ୍ରେସ ଦଳ ପ୍ରତି ଏକ ନୈରାଶ୍ୟ ମନୋଭାବ ଏହି ନେତୃବର୍ଗଙ୍କ ଦ୍ୱାରା ସୃଷ୍ଟି ହେଉଛି ବୋଲି ଆଜି ଓଡ଼ିଶା ପ୍ରଭାରୀ ଡ. ଏ ଚେଲା କୁମାର ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ହାତ ସେ ହାତ ଯୋଡ଼ ଅଭିଯାନରେ ଯୋଗଦେଇ କହିଛନ୍ତି। ଚେଲ୍ଲା କୁମାର କହିଲେ ଯେ ଆଜି ଯେଉଁମାନେ ଦଳ ଠାରୁ ନିଜକୁ ଡେଙ୍ଗା ଭାବୁଛନ୍ତି ୪୦ ବର୍ଷ ପୂର୍ବରୁ ସେମାନଙ୍କର ସ୍ଥିତି ଓ ସାମାଜିକ ପରିଚୟ କ'ଣ ଥିଲା ତାହା ସେମାନେ ଆତ୍ମ ସମୀକ୍ଷା କରିବା ଦରକାର। ଏବେ ସମୟ ଆସିଛି କଂଗ୍ରେସ ଦଳକୁ ଓଡ଼ିଶାରେ ମଜବୁତ କରାଯିବ ଏବଂ ଓଡ଼ିଶାର ଜନସାଧାରଣଙ୍କୁ ଦୀର୍ଘ ୨୨ ବର୍ଷର ଅତ୍ୟାଚାର ଓ କୁଶାସନ ଏବଂ କେନ୍ଦ୍ରର ଏକ ୯ ବର୍ଷର ଜନବିରୋଧି ସରକାରଙ୍କୁ ବରଖାସ୍ତ କରିବାପାଇଁ ସସସ୍ତ ରଣକୌଶଳ ଓ ପ୍ରଚେଷ୍ଟା କରାଯିବ। ଯେଉଁମାନେ ଶୃଙ୍ଖଳା ଭଙ୍ଗ କରୁଛନ୍ତି ଏବଂ ଏହି କାର୍ଯ୍ୟ ବାରମ୍ବାର କରିଚାଲିଛନ୍ତି ସେମାନଙ୍କର ଆଉ ନିସ୍ତାର ନାହିଁ। ଓଡ଼ିଶାର ଲକ୍ଷ ଲକ୍ଷ କଂଗ୍ରେସ କର୍ମୀ ଜିଲ୍ଲା ଏବଂ ବ୍ଲକସ୍ତରର ନେତୃବର୍ଗ ଏପରିକି ରାଜ୍ୟସ୍ତରୀୟ ନେତୃବର୍ଗଙ୍କର ଆଶା, ଆଙ୍କାକ୍ଷା, ବିଶ୍ୱାସ ଓ ଭରଷାକୁ ଧୂଳିସାତ କରିବାକୁ ଦିଆଯିବ ନାହିଁ। ଆସନ୍ତା ଜାନଆରୀ ୨୬ ତାରିଖ ପାଖରୁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ବୁଥ, ଗାଁ, ପଂଚାୟତ, ବ୍ଲକ ଓ ଜିଲ୍ଲାସ୍ତରରେ ହାତକୁ ହାତ ଯୋଡ଼ କାର୍ଯ୍ୟକ୍ରମ ଜାରି ରଖାଯିବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରତ୍ୟେକ ଗାଁର କଂଗ୍ରେସ କର୍ମୀ, ଜନସାଧାରଣ, ବୁଦ୍ଧିଜୀବି, କୃଷକ, ଆଦିବାସୀ, ଅନୁସୂଚିତ ଜନଜାତି ଏବଂ ବିଶେଷ କରି ମହିଳାମାନଙ୍କ ସହିତ ସିଧାସଳଖ ଯୋଡ଼ି ହେବ କଂଗ୍ରେସ। କଂଗ୍ରେସ ପତାକା ପ୍ରତ୍ୟେକ ଗାଁର ଉତୋଳନ କରାଯିବ। ଓଡ଼ିଶାର ୨୨ ବର୍ଷର ବିଜେଡ଼ି ସରକାର ଏବଂ ୯ ବର୍ଷର କେନ୍ଦ୍ରର ବିଜେପି ସରକାରର ସମସ୍ତ ବିଫଳତା, ଜନମାରଣନୀତି, ପ୍ରତାରଣାକୁ ଲୋକମାନଙ୍କ ପାଖରେ ରଖାଯିବ। ପ୍ରଦେଶ କଂଗ୍ରେସ ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏହି ସଭାରେ ନେତୃବର୍ଗଙ୍କୁ ସମ୍ବୋଧିତ କରି କହିଲେ ଯେ ଓଡ଼ିଶାରେ ଯୁବକ ଯୁବତୀ ନିମ୍ନ ଆୟକାରୀ ବର୍ଗ, ଆଦିବାସୀ, ଅନୁସୂଚିତ ଜାତି, କୃଷକ, ମଧ୍ୟଆୟକାରୀ ବର୍ଗ ଆଜି ସମସ୍ତେ ଅତ୍ୟନ୍ତ ଦୁଃଖଦ ପରିସ୍ଥିତ ଦେଇ ଗତି କରୁଛନ୍ତି। ଶୃଙ୍ଖଳା ବିନା ପ୍ରଗତି ସମ୍ଭବ ନୁହେଁ। ସଫଳତା କାହା ପାଖକୁ ଆସେ ନାହିଁ। ସଫଳତାକୁ ପାଇବାପାଇଁ ବହୁ କିଛି ତ୍ୟାଗ କରିବାକୁ ପଡ଼େ। ଯେଉଁମାନେ କଂଗ୍ରେସ ଡିଲ କରିଥିବା କଥା କହୁଛନ୍ତି ମୁଁ ଆଉଥରେ କହୁଛି କଂଗ୍ରେସ ଦଳର କୌଣସି ନେତୃବର୍ଗ କାହାରି ସହିତ ଡିଲ କରିନାହାନ୍ତି ବା କରନ୍ତି ନାହିଁ। କଂଗ୍ରେସର ଜିନ ସହିତ ସେମାନେ ପରିଚିତ ନୁହନ୍ତି ବୋଧେ। ଓଡ଼ିଶାରେ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଆମକୁ ଲୋକଙ୍କ ପାଇଁ ପ୍ରତ୍ୟେକ ସ୍ତରରେ ସ୍ୱରଉତୋଳନ କରିବାର ଅଛି। ଆମେ ନିଜକୁ ଯେପର୍ଯ୍ୟନ୍ତ ଜନତା ଜନାଦନଙ୍କର ପ୍ରକୃତ ହିତୈଷି ଏବଂ ସେବକରୂପେ ପ୍ରତିପାଦନ କରିପାରୁ ନାହୁଁ ସେ ପର୍ଯ୍ୟନ୍ତ ଆମକୁ ଅଧିକରୁ ଅଧିକ ଶୃଙ୍ଖଳିତ ହୋଇ ପରିଶ୍ରମ କରିବାକୁ ପଡ଼ିବ। ଆଜି ହାତସେ ହାତ ଯୋଡ଼ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲା ସଭାପତିମାନେ ଏହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ସଂପାଦନ କରିବାପାଇଁ ତାଙ୍କର ମତାମତ ଦେଇଥିଲେ। ମହିଳା, ଯୁବ, ଛାତ୍ର ଓ ବିଭିନ୍ନ ପ୍ରକୋଷ୍ଠର ନେତୃବର୍ଗ ମାନେ ମଧ୍ୟ ତାଙ୍କର ମତାମତ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ ଓ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଶରତ ରାଉତ, ସୁରେଶ କୁମାର ରାଉତରାୟ, ରମେଶ ଜେନା, ସନ୍ତୋଷ ସିଂ ସାଲୁଜା, ରାଜନ ଏକା, ଅଧିରାଜ ମୋହନ ପାଣିଗ୍ରାହୀ, ବନ୍ଦିତା ପରିଡ଼ା, ୟାସିର ନଓ୍ୱାଜ, ଭୁଜବଳ ମାଝୀ ଏବଂ ଜିଲ୍ଲା କଂଗ୍ରେସ ସଭାପତି ସଭାପତି ଏବଂ ବରିଷ୍ଠ କଂଗ୍ରେସ ନେତୃବର୍ଗ ଉପସ୍ଥିତ ଥିଲେ।

### ଚାଇନା ପ୍ରଡକ୍ଟକୁ ବୟକଟ ପାଇଁ ନାରା....

ଉଭୟ ପାର୍ଶ୍ୱରୁ କିଛି ସୈନିକ ଆହତ ହୋଇଥିଲେ। ପୂର୍ବ ଲଦାଖରେ ୩୦ ମାସରୁ ଅଧିକ ସମୟ ଧରି ଚାଲିଥିବା ସୀମା ବିବାଦ ମଧ୍ୟରେ ଗତ ୯ ତାରିଖରେ ଏହି ସମ୍ବେଦନଶୀଳ କ୍ଷେତ୍ର (ତାଓ୍ୱାଙ୍ଗ)ରେ ପିଏଲ୍‌ଏ (ପିପୁଲ୍ସ ଲିବରେସନ ଆର୍ମି) ସୈନିକମାନେ ୟାଙ୍ଗସେ ଅଞ୍ଚଳରେ ସ୍ଥିତାବସ୍ଥା ପରିବ ର୍ତ୍ତନ ଉଦ୍ୟମ କରି ଭାରତୀୟ ସୀମା ଅତିକ୍ରମଣ କରିବାକୁ ଚେଷ୍ଟା କରିଥିଲେ। ଭାରତୀୟ ଯବାନ ସେମାନଙ୍କୁ କଡ଼ା ଜବାବ ଦେଇ ଘଉଡ଼ାଇ ଦେଇଥିଲେ।

## ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୧.୫ ଡ଼ିଗ୍ରୀ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ ଦିନର ସର୍ବୋଚ୍ଚ ତାପମାତ୍ରା ବୌଦ୍ଧରେ ୩୧.୫ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ଝାରସୁଗୁଡ଼ାରେ ୯.୨ ଡ଼ିଗ୍ରୀ ଏବଂ କିରେଇରେ ୮.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ପାର୍ବତ୍ୟାଚଂଳରେ ସର୍ବନିମ୍ନ ତାପମାତ୍ରା କନ୍ଧମାଳ ଜିଲ୍ଲାର ଜି. ଉଦୟଗିରିରେ ୭.୦ ଡ଼ିଗ୍ରୀ ରେକର୍ଡ଼ ହୋଇଛି । ରାଜଧାନୀ ଭୁବନେଶ୍ୱରରେ ଦିନର ସର୍ବୋଚ୍ଚ ତାପମାତ୍ରା ୨୮.୮ ଡ଼ିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୩.୬ ଡ଼ିଗ୍ରୀ ରେକର୍ଡ଼ କରାଯାଇଛି। ସେହିପରି କଟକରେ ସର୍ବୋଚ୍ଚ ତାପମାତ୍ରା ୨୮.୨ ଡ଼ିଗ୍ରୀ ରହିଥିବା ବେଳେ ସର୍ବନିମ୍ନ ତାପମାତ୍ରା ୧୩.୪ ଡ଼ିଗ୍ରୀ ରେକର୍ଡ଼ ହୋଇଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରୀ ହୋଇଥିବା ଏକ ଟ୍ୱିଟ୍ ରୁ ଏହି ସୂଚନା ମିଳିଛି।

## ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ



ରସାଲପୁର/ବାଲେଶ୍ୱର, ୧୮/୧୨ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ରସାଲପୁର ପକ୍ଷରୁ ଆଜି ପୂର୍ବାହ୍ନରେ ଜେଜେ ବାପା ଓ ଜେଜେ ମାଆ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।ସଂପାଦକ ଶମ୍ଭୁନାଥ ଯାଦବଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସୁରେଶ ଚନ୍ଦ୍ର ପାତ୍ର। କାର୍ଯ୍ୟକ୍ରମ ପ୍ରାରମ୍ଭରେ ମେଜର ଜେନେରାଲ ସୁଧାକର ଜୀ ଙ୍କୁ ଉପଢୌକନ ସହ ଭାରତମାତା ଙ୍କ ତୈଳ ଚିତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି ମେଜର ଜେନେରାଲ ସୁଧାକର ଜୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ନିଜ ବକ୍ତବ୍ୟରେ ଶ୍ରୀ ଜୀ ଜେଜେ ବାପା ଓ ଜେଜେ ମାଆ ମାନଙ୍କ ଦାୟିତ୍ୱ ଓ କ ର୍ତ୍ତବ୍ୟ ସଂପର୍କରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସଂପାଦକ ଡା. କୁମାର ଗୋପାଳ୍ ଯୋଗଦାନ କରି ଭାରତୀୟ ସଂସ୍କୃତିରେ ପରିବାର ସଂରଚନା ଓ ଯୌଥ ପରିବାରରେ ଜେଜେ ବାପା-ଜେଜେ ମାଆ ଙ୍କ ଭୂମିକା ସଂପର୍କରେ ବହୁ ଉପାଦେୟ ତଥ୍ୟ ଉପସ୍ଥାପନ କରିଥିଲେ। ସମ୍ମାନୀତ ଅତିଥି ଭାବେ ସମାଜସେବୀ ଶିବାଜୀ ସରସ୍ୱତୀ ଶିଶୁ ମନ୍ଦିରର ଏତାଦୃଶ କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ ସୁରେଶ ଚନ୍ଦ୍ର ପାତ୍ର। ଜୟସ୍ମିତା ଗୁରୁମା' ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅମୃତ ବଚନ ପାଠ କରିଥିଲେ ନମିତା ଗୁରୁମା'। ପ୍ରତିମା ଗୁରୁମା' ବ୍ୟକ୍ତିଗତ ଗୀତ ପରିବେଷଣ କରିଥିଲାବେଳେ ସଂଗ୍ରାମ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଦେବସ୍ମିତା ଗୁରୁମା', ମିତା ଗୁରୁମା' ଓ ଶ୍ରଦ୍ଧାଞ୍ଜଳି ଗୁରୁମା' ଙ୍କ ସମେତ ସମସ୍ତ ଗୁରୁଜୀ-ଗୁରୁମା'ଏବଂ ସେବୀକା। ବିଭିନ୍ନ ଅଞ୍ଚଳରୁ ଶତାଧିକ ଜେଜେ ବାପା ଓ ଜେଜେ ମାଆ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହି 'ଶିଶୁଙ୍କୁ ନିର୍ମାଣ କରିବାରେ ଆମମାନଙ୍କ ଦାୟିତ୍ୱ ଓ କ ର୍ତ୍ତବ୍ୟ' ସଂପର୍କରେ ମତାମତ ରଖିଥିଲେ।

## ଜାତୀୟ ଆଲୋଚନା ଚକ୍ର ଏବଂ ଛାତ୍ର ଶିକ୍ଷକ ବିନିମୟ କାର୍ଯ୍ୟକ୍ରମ




ଉଦଳା, ୧୮/୧୨ (ନି.ପ୍ର): ନୂଆସାହି ସ୍ଥିତ କପ୍ତିପଦା ମହାବିଦ୍ୟାଳୟର ଆଇକ୍ୟୁଏସି ଦ୍ୱାରା ଦୁଇ ଦିନିଆ ଜାତୀୟ ଆଲୋଚନା ଚକ୍ର ଏବଂ ଛାତ୍ର ଶିକ୍ଷକ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଲୋଚନା ଚକ୍ରର ବିଷୟ ବସ୍ତୁ "ଜାତୀୟ ଶିକ୍ଷାନୀତି-୨୦୨୦ରେ ଚାରି ବର୍ଷିଆ ସ୍ନାତକ ପାଠ୍ୟକ୍ରମ" ରଖାଯାଇଥିଲା । ଆଲୋଚନା ଚକ୍ରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର ହିମାବିନ୍ଦୁ ମୁଖ୍ୟ ଅତିଥି, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରିପୋଷିର ଅଧ୍ୟକ୍ଷା ଡଃ ପୁଷ୍ପା ପାତ୍ର ମୁଖ୍ୟବକ୍ତା, ବିକାଶ ଶିକ୍ଷା ମହାବିଦ୍ୟାଳୟ ଛତିଶଗଡ଼ର ଆସିଷ୍ଟାଂଟ ପ୍ରଫେସର ଡଃ ଚକ୍ରଧର ନାୟକ ରିସୋର୍ସ ପର୍ସନ ଏବଂ ସମ୍ମାନିତ ଅତିଥି ଭାବେ କପ୍ତିପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ଚନ୍ଦ୍ର କୁମାର ପଟ୍ଟନାୟକ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷା ଡଃ ଲିପିକା ବେହେରା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଆଲୋଚନା ଚକ୍ରରେ ଜାତୀୟ ଶିକ୍ଷାନୀତି -୨୦୨୦ ର ପ୍ରଣୟନ, ଏହାର ଉଦ୍ଦେଶ୍ୟ, ଆବଶ୍ୟକତା, ଗୁରୁତ୍ୱ, ଉପାଦେୟତା ଏବଂ ଚାରିବର୍ଷିଆ ପାଠ୍ୟକ୍ରମର ଢ଼ାଂଚା ଉପରେ ସମସ୍ତ ଅତିଥି ବୃନ୍ଦ ବିସ୍ତୃତ ଭାବରେ ନିଜ ନିଜର ମତ ଉପସ୍ଥାପନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ଡଃ ନିବାରଣ ଶତପଥୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ନାକ୍ ସଂଯୋଜକ ଡଃ ଶାନ୍ତ ସୁନ୍ଦର ଆଚାର୍ଯ୍ୟ ଆଲୋଚନା ଚକ୍ରର ବିଷୟ ବସ୍ତୁ ଉପସ୍ଥାପନ କରିଥିଲେ । ଆଲୋଚନା ଚକ୍ରର ବିଷୟ ବସ୍ତୁକୁ ନେଇ ଏକ ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଏବଂ ଓଡ଼ିଶା ବାହାରୁ ବିଭିନ୍ନ ମହାବିଦ୍ୟାଳୟ ଯଥା- ବିକାଶ ଶିକ୍ଷା ମହାବିଦ୍ୟାଳୟ ଛତିଶଗଡ଼, ସାଇନ୍‌ସ ମହାବିଦ୍ୟାଳୟ କଙ୍କୋରୋଡ଼ ଗଞ୍ଜାମ, ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ବାଙ୍ଗିରିପୋଷି, ଖୁଂଟା ଡ଼ିଗ୍ରୀ ମହାବିଦ୍ୟାଳୟ ଖୁଂଟା, ବାରିପଦା ଡ଼ିଗ୍ରୀ ମହାବିଦ୍ୟାଳୟ, ବାରିପଦା, କପ୍ତିପଦା ମହାବିଦ୍ୟାଳୟ, କପ୍ତିପଦାର ଅଧ୍ୟାପକ ଅଧ୍ୟାପିକାଙ୍କ ସମେତ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ ଏବଂ ତାଙ୍କର ସନ୍ଦର୍ଭ ଉପସ୍ଥାପନ କରିଥିଲେ ।

## ବସ୍ତା ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଉଦ୍‌ଯାପନ

ବସ୍ତା,୧୮।୧୨(ନିପ୍ର): ବସ୍ତା ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ର ଉଦଯାପନୀ ଉତ୍ସବ ଜାମଶୂଳୀ ହାଇସ୍କୁଲ ପଡିଆ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରେନ୍ଦ୍ର କୁମାର ଗିରି ଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ତଥା ବ୍ଲକ ଉପାଧ୍ୟକ୍ଷ ଦୀଲ୍ଲିପ କୁମାର ଦାସ ମହାପାତ୍ର, ଓଷ୍ଟା ର ସାଧାରଣ ସମ୍ପାଦକ ଶ୍ରୀପତି ଚରଣ ପାତ୍ର, ଅତିଥି ଭାବେ ଜାମଶୂଳୀ ହାଇସ୍କୁଲ ର ପୂର୍ବତନ କ୍ରିଡ଼ା ଶିକ୍ଷକ ସୁଧାଂଶୁ କୁମାର ବିଶ୍ୱାଳ, ଜାମଶୂଳୀ ହାଇସ୍କୁଲ ର ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜୁଲତା ଦାସ , ବସ୍ତା ବ୍ଲକ୍ କ୍ରୀଡ଼ା ସଂଘ ର ସମ୍ପାଦକ ଅଜୟ କୁମାର ଗୋଛାୟତ ଯୋଗଦେଇ ଉଦଯାପନୀ ଉତ୍ସବରେ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଦୁଇ ଦିନ ଧରି ଚାଲିଥିବା କ୍ରିଡ଼ା ପ୍ରତିଯୋଗିତା ରେ ୧୪ ବର୍ଷରୁ କମ ପିଲାମାନଙ୍କୁ ଜୁନିଅର ଓ ୧୭ ବର୍ଷରୁ କମ ପିଲାମାନଙ୍କୁ ନେଇ ସିନିଅର ଗୃପରେ ଭାଗ କରାଯାଇଥିଲା। ଦୁଇ ଗୃପର ପିଲାମାନଙ୍କୁ ନେଇ କବାଡି, ଭଲିବଲ, ଖୋକୋ, ବେଡମିଟନ, କ୍ରିକେଟ, ସହିତ ୧୦୦, ୨୦୦, ୪୦୦, ୫୦୦ ମିଟର ଦୌଡ଼ ପ୍ରତିଯୋଗିତା, ସର୍ଟଫୁଟ, ଡିସକସ, ଜେଭଲିନ ଥ୍ରୋ ଭଳି ବହୁ ଖେଳ କରାଯାଇଥିଲା। ବିଭିନ୍ନ ବିଭାଗରୁ ଉ ର୍ତ୍ତୀର୍ଣ୍ଣ ହୋଇଥିବା ଖେଳାଳି ମାନଙ୍କୁ ନେଇ ଆସନ୍ତା ଜାନୁଆରୀ ମାସରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହେବ । ପ୍ରତିବ୍ଲକ ରୁ ୬୦ ଜଣ କୃତି ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ କ୍ରିଡାରେ ଭାଗନେବା ର ବ୍ୟବସ୍ଥା ଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଶେଷରେ କ୍ରିଡ଼ା ଶିକ୍ଷକ ପ୍ରତାପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ସୋମବାର, ଡିସେମ୍ବର ୧୯, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଟ୍ରଲର-ଟ୍ରକ୍ ଧକ୍କାରେ ବାଇକ୍ ଚାଳକଙ୍କ ଶୋଚନୀୟ ମୃତ୍ୟୁ

ଭଦ୍ରକ, ୧୮/୧୨ (ନି.ପ୍ର): ଭଦ୍ରକ ଗ୍ରାମ୍ୟ ଳ ଥାନା ପରିସରଭୁକ୍ତ ନିର୍ମାଣାଧୀନ ଜାତୀୟ ରାଜପଥ ପ୍ରକଳ୍ପର ଏସ୍‌ବିଡି ସ୍କୁଲର କିଛି ଦୂରରେ ଅପରାହ୍ନ ୪.୩୦ ରେ ଏକ ସଡକ ଦୁର୍ଘଟଣା ଘଟିଯାଇଛି। ଏହି ଦୁର୍ଘଟଣାରେ ଜଣେ ମୋଟର ବାଇକ୍ ଆରୋହୀଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଦୁଇ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ତେବେ ଦୁର୍ଘଟଣାଟି ଏଭଳି ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ଜନସାଧାରଣଙ୍କ ନାହିଁ ନଥିବା ଭିଡ ଜମି ରହିଥିଲା। ଦୀର୍ଘ ଅଢେଇ ଘ । ଧରି ଜାତୀୟ ରାଜପଥ ଓ ସର୍ଭିସ୍ ରୋଡ୍‌ରେ ଯାନବାହନ ଚଳାଚଳ ବନ୍ଦ ହୋଇଯାଇଥିଲା। ଖବର ପାଇ ଭଦ୍ରକ ଗ୍ରାମ୍ୟ ଳ ଥାନା ଇନ୍ସପେକ୍ଟର ମୃତ୍ୟୁଞ୍ଜୟ ପ୍ରଧାନ, ପୁରୁଣାବଜାର ଥାନା ଇନ୍ସପେକ୍ଟର ଆଲୋକ ଜେନା ଓ ସିଡି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ପ୍ରମୁଖଙ୍କ ସହ ଅନ୍ୟ ପୁଲିସ୍ କର୍ମଚାରୀମାନେ ଦୁର୍ଘଟଣା ସ୍ଥଳରେ ପହ୍‌ ଉଦ୍ଧାର କାର୍ଯ୍ୟ ସହ ଟ୍ରାଫିକ୍ ନିୟନ୍ତ୍ରଣରେ ଲାଗିପଡିଥିଲେ। ମୃତ ମୋଟର ବାଇକ୍ ଆରୋହୀ ଜଣଙ୍କ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ତଳେ ଚାପି ହୋଇ ରହିଥିବାରୁ ତାଙ୍କୁ କାଢିବା ପାଇଁ ଦୀର୍ଘସମୟ ଲାଗିଥିଲା। ଅଗ୍ନିଶମ ବାହିନୀ ଦୁର୍ଘଟଣା ସ୍ଥଳରେ ପହ୍‌ ପୁଲିସ୍‌କୁ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲା। କଟକ ଅଭିମୁଖେ ଯାଉଥିବା ଦୁଇଟି ହାଇୱା (ରେ. ନଂ ଓଡି୦୪-ଏଫ-୦୧୩୨ ଓ ଏନଏଲ୦୧କେ-୦୯୨୯) ପରସ୍ପରକୁ ଧକ୍କା ଲାଗି ବାମପାର୍ଶ୍ୱରେ ଯାଉଥିବା ଜଣେ ବାଇକ୍ ଆରୋହୀ (ବାଇକ୍ ନଂ ଓଡି-୧୧ଏମ-୭୩୭୦) ଙ୍କୁ ଗୋଟିଏ ଟ୍ରକ୍ ଧକ୍କା ଦେବାଫଳରେ ରାସ୍ତା ପାର୍ଶ୍ୱରେ ଥିବା ସାଇଡ୍ ୱାଲରେ ଚାପି ହୋଇଯାଇଥିଲେ। ଫଳରେ ଆରୋହୀ ଜଣକ ଓ ମୋଟରସାଇକେଲ୍‌ଟି ଟ୍ରକ୍ ତଳେ ଚାପି ହୋଇ ଛିନ୍ନଭିନ୍ନ ଅବସ୍ଥାରେ ପଡିରହିଥିଲେ। ମୃତକଙ୍କ ନଷ୍ଟଭ୍ରଷ୍ଟ ଶରୀରକୁ ପୁଲିସ୍ ଓ ଅଗ୍ନିଶମ ବାହିନୀ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗରେ ଉଦ୍ଧାର କରାଯାଇଥିଲା। ପରେ ପୁଲିସ୍ ସାହାଯ୍ୟରେ ମର ଶରୀରକୁ ପୁଲିସ୍ ହେପାଜତରେ ଭଦ୍ରକ ହସ୍‌ପିଟାଲକୁ ପୋଷ୍ଟମଟମ୍ ପାଇଁ ପଠାଯାଇଛି। ତେବେ ଦୁର୍ଘଟଣାରେ ମୃତ ଆରୋହୀ ବାଇକ୍‌ଙ୍କ ପରିଚୟ ସନ୍ଧ୍ୟା ୭.୩୦ ସୁଦ୍ଧା ଜଣାପଡିନାହିଁ।

## ଓଡିଶା ଉଦ୍ୟାନ କୃଷି ଅଧିକାରୀ ସେବାସଙ୍ଘର ନୂତନ କର୍ମକର୍ତ୍ତା ନିର୍ବାଚିତ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଓଡିଶା ଉଦ୍ୟାନ କୃଷି ଅଧିକାରୀ ସେବାସଙ୍ଘ (ର ତୃତୀୟ ସାଧାରଣ ପରିଷଦ ବୈଠକ ୧୭ ଓ ୧୮ ଡିସେମ୍ବର ୨୦୨୨ ରିଖରେ ଏକାମ୍ରକାନନ ଫଳ ବଗିଚା ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଂଘର ୨୨୦ ସଭ୍ୟ ଯୋଗଦେଇ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ନିର୍ଦ୍ଦେଶକ ଶ୍ରୀ ପ୍ରଦୋଷ କୁମାର ପଣ୍ଡା ସଭାପତିତ୍ୱ କରିବା ସହିତ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁକାନ୍ତ କୁମାର ସୁବୁଦ୍ଧି, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଶରତ ଚନ୍ଦ୍ର ବେହେରା ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାଛଡା ଅବସର ପ୍ରାପ୍ତ ଅଧିକାରୀ ଶ୍ରୀ ଅଶୋକ ସେଠୀ, ଶ୍ରୀ ରଞ୍ଜନ କୁମାର ଦାସମହାପାତ୍ର ଓ ଶ୍ରୀ ସୁଧାକର ସାହୁ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇଥିଲେ। ସର୍ବ ପ୍ରଥମେ ସଂଘର ସାଧାରଣ ସମ୍ପାଦିକା ଶ୍ରୀମତୀ ସୂଚନା ସ୍ୱସ୍ତିକା ସ୍ୱାଗତଭାଷଣ ଦେବାସହିତସଭାପତି ଶ୍ରୀ ସୂର୍ଯ୍ୟମଣି ମହାରଣା ମଂଚରେପୁରୁଣା କାର୍ଯ୍ୟକାରୀ ପରିଷଦକୁ ଭଙ୍ଗ ଘୋଷଣା କରି ନୂତନ କାର୍ଯ୍ୟକାରୀ ପରିଷଦର ନିର୍ବାଚନ ନିମନ୍ତେ ପ୍ରସ୍ତାବ ଦେଇଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କୁ ନିର୍ବାଚନ ଅଧିକାରୀ ଭାବରେ କାର୍ଯ୍ୟଭାର ଦିଆଯାଇ ଅତିରିକ୍ତ ଓ ଯୁଗ୍ମ ନିର୍ଦ୍ଦେଶକଙ୍କର ଉପସ୍ଥିତିରେ ନିର୍ବାଚନ ପରିଚାଳନା କରାଯାଇଥିଲାଏଥିରେ ସଭାପତି ଭାବରେ ଶ୍ରୀମତୀ ସୂଚନା ସ୍ୱସ୍ତିକା, ଉପ ସଭାପତି ଭାବେ ଶ୍ରୀ ପ୍ରଭାତ କୁମାର ପାତ୍ର, କୋଷାଧ୍ୟକ୍ଷ ଭାବରେ ଶ୍ରୀ ଦେବବ୍ରତ ପାତ୍ର, ଯୁଗ୍ମ ସମ୍ପାଦକ (ସମନ୍ୱୟ) ଶ୍ରୀ ତୀର୍ଯ୍ୟକ କୁମାର ଦାସ, ଯୁଗ୍ମ ସମ୍ପାଦକ (ଅଭିଯୋଗ) ଶ୍ରୀ ଗୋବିନ୍ଦ ଚନ୍ଦ୍ର ମେହେର , ଯୁଗ୍ମ ସମ୍ପାଦକ ପ୍ରଚାର-ପ୍ରସାର ଶ୍ରୀ ଅଜିତ କୁମାର ନାୟକ ଅପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ। ଶ୍ରୀ ବିକ୍ରମ କେଶରୀ ସାହୁ ଓ ଶ୍ରୀମତୀ ଜ୍ୟୋତ୍ସ୍ନା ଭୋଇ ଯଥାକ୍ରମେ ସାଧାରଣ ସମ୍ପାଦକ ଓ ଯୁଗ୍ମ ସମ୍ପାଦକ (ସଂଗଠନ) ହିସାବରେ ନିର୍ବାଚିତ ହୋଇଥିଲେ ଓ ସମସ୍ତ ନୂତନଭାବେ ନିର୍ବାଚିତ କର୍ମକର୍ତା ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ନିମନ୍ତ୍ରିତ ଅତିଥି ଭାବରେ ଉଦ୍ୟାନ କୃଷି ନିର୍ଦ୍ଦେଶକ ଶ୍ରୀଯୁକ୍ତ ରୋହିତ କୁମାର ଲେଙ୍କ ଏବଂ କୃଷି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ମଧୁସୂଦନ ମିଶ୍ର ଯୋଗଦେଇ ନବନିର୍ବାଚିତ କର୍ମକର୍ତା ମାନଙ୍କୁ ଅଭିନନ୍ଦନ ଜଣାଇବାସହ ସଂଘର ସମସ୍ତସଭ୍ୟମାନଙ୍କୁ ଉଦବୋଧନ ଦେଇଥିଲେ। ସଂଘ ପକ୍ଷରୁ ଉପସ୍ଥାପନ କରାଯାଇଥିବା ଦାବି ଗୁଡିକୁ ସହାନୁଭୂତିସହକାରେ ବିଚାର କରିବେ ବୋଲି ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ମିଶ୍ର ପ୍ରତିଶୃତି ଦେଇଥିଲେ। ବିଭାଗର କ୍ୟାଡ଼ର ପୁନର୍ଗଠନ କାର୍ଯ୍ୟକୁ ଆଗକୁ ଆଗେଇନେଇଥିବାରୁ ନିର୍ଦ୍ଦେଶକ ମହୋଦୟଙ୍କୁ ସଦସ୍ୟମାନେ କୃତଜ୍ଞତା ଜଣାଇଥିଲେ।

## ଶୁଭ୍ରାବରଣୀ ଓ ବେଙ୍ଗଲି ଆସୋସିଏସନର ସାଂସ୍କୃତିକ ସଂଧ୍ୟା



ବାଲେଶ୍ୱର, ୧୮/୧୨ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସାଂସ୍କୃତିକ ଅନୁଷ୍ଠାନ 'ଶୁଭ୍ରାବରଣୀ' ଓ ବାଲେଶ୍ୱର ବେଙ୍ଗଲୀ ଆସୋସିଏସନ'ର ମିଳିତ ସହଯୋଗରେ ବିଶେଷ ସାଂସ୍କୃତିକ ସଂଧ୍ୟା ସ୍ଥାନୀୟ ଟାଉନହଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶୁଭ୍ରାବରଣୀର ସଭାପତି ଡ. ପ୍ରଦୀପ ଭୌମିକ, ସମ୍ପାଦକ ପ୍ରକାଶ ବର୍ଦ୍ଧନ, ବେଙ୍ଗଲି ଆସୋସିଏସନର କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀନାରାୟଣ ଘୋଷଙ୍କ ଉପସ୍ଥିତିରେ ଇନଟାକ ବାଲେଶ୍ୱର ଚାପଟାର ଆବାହକ ଉଦୟର ରଂଜନ ଦାସ, ନାଟ୍ୟ ନିର୍ଦ୍ଦେଶକ ସୁରଞ୍ଜନ ଦାସମହାପାତ୍ର, ଇଂ. ଚିନ୍ମୟୀ ରକ୍ଷୀତ, ରଥିନ୍ଦ୍ର ନାଥ ଦେ ପ୍ରମୁଖ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେମ୍ସଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଗୁରୁ ରାଜେଶ କର ଓ ସୁବର୍ଣ୍ଣରେଖା ମହାପାତ୍ରଙ୍କ ନିର୍ଦ୍ଦେଶନାରେ ବେଙ୍ଗଲୀ ଲୋକନୃତ୍ୟ ପରିବେଶିତ ହୋଇଥିଲା। ବନ୍ଦନା କର ଏହି ନୃତ୍ୟର ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ଡ. ଭୌମିକଙ୍କ ରଚିତ ଏବଂ ନିର୍ଦ୍ଦେଶିତ ବ୍ୟଙ୍ଗ ବଙ୍ଗଳା ନାଟକ 'ପିତୃଭକ୍ତ ନମୋ ନମଃ' ମଞ୍ଚସ୍ଥ ହୋଇଥିଲା। ଏଥିରେ ବିଶ୍ୱନାଥ ମହାରଣା, ସନ୍ତୋଷ କମିଳା, ମୁଦୁଳୀ, ସତ୍ୟରଂଜନ ମହାନ୍ତି, ରୀନା ଭୌମିକ, ଡାକ୍ତର ସମର ସାମନ୍ତ ପ୍ରମୁଖ ମଞ୍ଚ ପରିଚାଳନା କରିଥିବା ବେଳେ ସୁଲଳିତ କର, ଡାକ୍ତର ପିୟୁଷ ବରଣ ଘୋଷ, ପ୍ରାର୍ଥସାରଥୀ ଆଶ, ଦିବ୍ୟେନ୍ଦୁ ଦେ, ପ୍ରାର୍ଥ ପ୍ରୀତମ କର, ଶ୍ୟାମରାୟ କର, ବିକ୍ରମଜିତ କର, ଆଶିଷ ଘୋଷ, ତରୁଣ ବିଶ୍ୱାଳ, ଲକ୍ଷ୍ମୀନାରାୟଣ ଘୋଷ, ଡାକ୍ତର ଅସିତ ପ୍ରଧାନ, କମଳ କିଶୋର ଗିରି, ଦିଶାନୀ ସରକାର, ମୌସୁମୀ ଘୋଷ ପ୍ରମୁଖ କଳାକାରମାନେ ଅଭିନୟ କରିଥିଲେ।

## ଜୟପୁର ସିଟିଜେନ କମିଟିର ବନ୍ଧୁ ମିଳନ କାର୍ଯ୍ୟକ୍ରମ

ଜୟପୁର, ୧୮/୧୨ (ନି.ପ୍ର): ଜୟପୁର ସିଟିଜେନ କମିଟି ଆନୁକୂଲ୍ୟରେ ମାଗଣା ଚକ୍ଷୁ ପରୀକ୍ଷା ଶିବିର ସହ ସ୍ୱାସ୍ଥ୍ୟ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଛି । ପୁରୁଣାଗଡ ଗଙ୍ଗାମାଁ ମନ୍ଦିର ପରିସରରେ ଜୟପୁର ସିଟିଜେନ କମିଟିର ସଦସ୍ୟ ମଧ୍ୟରେ ଆୟୋଜନ ହୋଇଥିଲା । ଏହା ସହ କମିଟିର ସଦସ୍ୟଙ୍କ ମଧ୍ୟରେ ବନ୍ଧୁ ମିଳନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।କମିଟିର ସଦସ୍ୟଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଆୟୋଜନ ହୋଇଥିଲା । ଏହି କୁଇଜ ପ୍ରତିଯୋଗିତାକୁ ପରମେଶ୍ୱର ପାତ୍ର ପରିଚାଳନା କରିଥିଲେ । ମହିଳା ମାନଙ୍କ ମଧ୍ୟରେ ଖେଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । କମିଟିର ସଭାପତି ମିନକେତନ ଦାସ, ସମ୍ପାଦକ ଜି. ଭେଙ୍କଟେଶ୍ୱର ରାଓଙ୍କ ଉଦ୍ୟମରେ ଆୟୋଜିତ କାଯ୍ୟକ୍ରମରେ ଗିତା ପ୍ରକାଶ ମିଶ୍ର, ରାମକୃଷ୍ଣ ସାହୁ, ମଦନ ମୋହନ ନାୟକ, ପରମେଶ୍ୱର ପାତ୍ର, ଦେବେନ୍ଦ୍ର ବାହିନିପତି, ରାଜେନ୍ଦ୍ର କୁମାର ଜେନା, ରତ୍ନାକର ଚୈଧୁରି, ସୁବାସ ପଣ୍ଡା, ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଯାଦବ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ ।

## 'ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ'ର ବାର୍ଷିକ ଉତ୍ସବ

ବାଲେଶ୍ୱର, ୧୮/୧୨ (ନି.ପ୍ର): 'ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ'ର ନବମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଛୁଡ଼ିଆ ସ୍ଥିତ ୱାଟର ପାର୍କରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟରେ ଆୟୋଜିତ ଉତ୍ସବ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ବିକାଶରେ ବେଶ ସହାୟକ ହୋଇପାରିଛି ବୋଲି ସେ ମତ ପ୍ରକାଶ କରିଥିଲେ। କବି ପ୍ରଶାନ୍ତ ଦାସ ଏଥିରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବ୍ୟକ୍ତିତ୍ୱ ବିକାଶରେ ଶିକ୍ଷାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଦର ବିଧାୟକ ସ୍ୱରୂପ କୁମାର ଦାସ, ଅତିରିକ୍ତ ଜିଲ୍ଲାପାଳ ନୀଲୁ ମହାପାତ୍ର, କୋଲକାତାର ଇନଷ୍ଟିଚ୍ୟୁଟ୍ ଅଫ ନ୍ୟୁରୋ ସାଇନ୍ସର ନିର୍ଦ୍ଦେଶକ ଡାକ୍ତର ବିଭୂକଲ୍ୟାଣୀ ଦାସ, କୋଲକାତା ମେଡିକାଲ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ୍‌ର ଡାକ୍ତର ଅଶୋକ କୁମାର ଦାସ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗୁଣାତ୍ମକ ଶିକ୍ଷାଦାନ ଓ ସଫଳତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ସିଦ୍ଧି ବିନାୟକ ପବ୍ଲିକ ସ୍କୁଲର ପ୍ରିନସିପାଲ ସୁଧାଂଶୁ ପଣ୍ଡା କାର୍ଯ୍ୟକ୍ରମରେ ପୌରହିତ୍ୱ କରିଥିବା ବେଳେ ପରିଚାଳନା ଟ୍ରଷ୍ଟ ଚେୟାରମ୍ୟାନ କବୀର କୁମାର ମଡୁଆଲ ଏଥିରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଭାପତି ମୌସୁମ କୁମାର ସାହୁ, ଉପ-ସଭାପତି ନିବେଦିତା ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପତଞ୍ଜଳି ଯୋଗ ସମିତିର ନୂତନ କର୍ମକର୍ତ୍ତା ଚୟନ

ନୂଆପଡ଼ା, ୧୮/୧୨ (ନି.ପ୍ର): ପତଞ୍ଜଳି ଯୋଗ ସମିତିର ଏକ ବୈଠକ ଅଗ୍ରସେନ ଭବନ ଖଡ଼ିଆଳ ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ପତଞ୍ଜଳି ଯୋଗ ସମିତି ର ରାଜ୍ୟ ପ୍ରଭାରୀ ରାଧା ମୋହନ ବହିଦାର (ସମ୍ବଲପୁର) ସଭାପତିତ୍ୱ କରିଥିବା ବେଳେ ଭାରତ ସ୍ୱଭିମାନ ଟ୍ରଷ୍ଟର ଜିଲ୍ଲା ପ୍ରଭାରୀ କ୍ଷମାନିଧି ଦୱାଙ୍ଗନ ଓ ପତାଞ୍ଜଳୀ ଯୋଗ ସମିତିର ଜିଲା ପ୍ରଭାରୀ ହେମନ୍ତ କୁମାର ଦଣ୍ଡସେନା ମଞ୍ଚାସିନ ଥିଲେ । ଉକ୍ତ ବୈଠକରେ ପତଞ୍ଜଳି ଯୋଗ ସମିତିର ଖଡ଼ିଆଳ ତହସିଲ ପ୍ରଭାରୀ ଭାବରେ ବିଭୂତି ଭୂଷଣ ବିଶିଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଛି । ଠିକ ସେହିପରି ଭାରତ ସ୍ୱାଭିମାନ ଟ୍ରଷ୍ଟ ୟୁନିଟ ତହସିଲ ପ୍ରଭାରୀ ଭାବେ ଚକ୍ରଧର ସେଠି, ଖଡ଼ିଆଳ ତହସିଲର କାର୍ଯ୍ୟକାରୀ ସମ୍ପାଦକ ଭାବେ ପୂର୍ଣ୍ଣ ଚନ୍ଦ୍ର କର୍ମୀ, ଖଡ଼ିଆଳ ତହସିଲ ଯୁବ ପ୍ରଭାରୀ ଅରୁଣ କୁମାର ଅଗ୍ରୱାଲ, କୃଷକ ପ୍ରଭାରୀ ପ୍ରଦୀପ କୁମାର ଦାଣ୍ଡସେନା, କୋଷାଧ୍ୟକ୍ଷ ଭାବେ ବିକାଶ ଶୁକ୍ଳା, ଉପଦେଷ୍ଟା ଭାବେ ଦୋଳମଣି ସିଂ ବାବୁ, ଜଗବନ୍ଧୁ ବାରିକ, ନରେଶ ଅଗ୍ରୱାଲ, ସକ୍ରିୟ ସଦସ୍ୟ ଭାବେ ଭିକ ରାମ ପଟେଲ, ଡମ୍ବରୁଧର ଶବର, ସୁନୀଲ କୁମାର ସେବଦା, ପବନ କୁମାର ଅଗ୍ରୱାଲଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଗଲା । ଏହି ବୈଠକ ପୂର୍ବରୁ ସକାଳ ୫:୩୦ ଘରୁ ୭:୦୦ଘ ପର୍ଯ୍ୟନ୍ତ ଅଗ୍ରସେନ ଭବନ ଠାରେ ଏକ ସ୍ୱତନ୍ତ୍ର ଯୋଗାଭ୍ୟାସ ର ଆୟୋଜନ କରାଯାଇଥିଲା ଓ ହୋମ ଯଜ୍ଞ ମଧ୍ୟ କରାଯାଇଥିଲା ।

## ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

ପୁରୀ, ୧୮/୧୨ (ନି.ପ୍ର): ଭାରତ ସରକାରଙ୍କ ବିକାଶ ଆୟୁକ୍ତ ହସ୍ତଶିଳ୍ପ ବିଭାଗର ଆମ୍ବେଦକର ହସ୍ତଶିଳ୍ପ ଯୋଜନା ଅନ୍ତର୍ଗତ ହସ୍ତଶିଳ୍ପ ମେଳା ଓ ପ୍ରଦର୍ଶନୀ ନୀଳାଚଳ ହାଟ ପରିସରରେ ଉଦଘାଟିତ ହୋଇଯାଇଛି । ସୁନାମଧନ୍ୟ ବରିଷ୍ଠ ପଟ୍ଟଚିତ୍ର ଶିଳ୍ପୀ ଗୁରୁ ବନମାଳି ମହାପାତ୍ର ଏହାକୁ ଉଦଘାଟିତ କରିଥିଲେ । ସମ୍ମାନତି ଅତିଥି ଭାବେ ଭାରତ ସରକାରଙ୍କ ହସ୍ତଶିଳ୍ପ ବିକାଶ ଆୟୁକ୍ତ ବରିଷ୍ଠ ସହାୟକ ନିର୍ଦ୍ଦେଶକ ଅଶୋକ କୁମାର ହୋତା,ପୁରୀ ସହାୟକ ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀଚନ୍ଦନ,ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜ ପ୍ରଧାନ, ଡ଼ିଜାଇନର ରାମାନୁଜ ବୈରୀଗଂଜନ, ଜାତୀୟ ପୁରସ୍କାର ପ୍ରାପ୍ତ ଶାମୁକା ଶିଳ୍ପୀ ଜଗନ୍ନାଥ ମହାପାତ୍ର,ଅର୍ବାନହାଟ ଇନଚାର୍ଜ ପ୍ରଦୀପ କୁମାର ମିଶ୍ର, ଅଭିନନ୍ଦନିକା ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ପ୍ରମୁଖ ଯୋଗ ଦେଇଥିଲେ । ଐତିହ୍ୟ ଗ୍ରାମ ରଘୁରାଜପୁରର ହସ୍ତଶିଳ୍ପ ପଟ୍ଟଚିତ୍ର ପ୍ରଡ୍ୟୁସର କୋ.ଲିଃ. ପକ୍ଷରୁ ଆୟୋଜିତ ୧୦ ଦିନିଆ ହସ୍ତଶିଳ୍ପ ପ୍ରଦର୍ଶନୀ ମେଳାକୁ ଅନୁଷ୍ଠାନର ନିର୍ଦ୍ଦେଶକ ବିଶ୍ୱନାଥ ସ୍ୱାଇଁ,ପରିଚାଳନା ନିର୍ଦ୍ଦେଶିକା ସଞ୍ଜୁକ୍ତା ପ୍ରଧାନ ପ୍ରମୁଖ ଯୋଗ ଦେଇ ହସ୍ତଶିଳ୍ପର ବିକ୍ରି ଓ ପ୍ରଚାର ପ୍ରସାର ପାଇଁ ଉଦ୍ୟମ କରିବାକୁ କହିଥିଲେ । ଏହି ପ୍ରଦର୍ଶନୀରେ ପଟ୍ଟଚିତ୍ର, କାଗଜମୁଖା, ଗୋବର କଣ୍ଢେଇ, ଚାନ୍ଦୁଆ, ତାଳପତ୍ର, ପଥର, କତା କଣ୍ଢେଇ, କାଇଁଚ, ସିପ. ସାମୁକା ଆଦି ଘରେ ବ୍ରବହାର ସାମଗ୍ରୀର ୩୦ଟି ଷ୍ଟଲ ଖୋଲା ଯାଇଛି ।

## ଜାନୁଗଞ୍ଜ ଦୁର୍ଗାପୂଜା କମିଟି ତରଫରୁ ମହତ ରକ୍ତଦାନ ଶିବିର ଅନୁଷ୍ଠିତ

ଭଦ୍ରକ, ୧୮/୧୨ (ନି.ପ୍ର): ରକ୍ତଦାନ-ଜୀବନ ଦାନ। ଏହି ପ୍ରସଂଗର ମର୍ମକୁ ବୁଝି କେବଳ ଆଧତ୍ମିକ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଗତ ତିନି ବର୍ଷଧରି ଜାନୁଗଞ୍ଜ ଦୂର୍ଗାପୂଜା କମିଟି ତରଫରୁ ରକ୍ତ ଦାନ ଶିବିର କାର୍ଯ୍ୟକ୍ରମ କରାଯାଉଅଛି। ଏହି ଧାରାକୁ ବଜାୟ ରଖି ଉକ୍ତ ଦୂର୍ଗାପୂଜା କମିଟିର ବରିଷ୍ଠ ସଭ୍ୟମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ମହତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ବିଶିଷ୍ଟ ଭେଷଜ ବିଶାରଦ ଡା. ରବିନ୍ଦ୍ର କୁମାର ନାୟକ ଓ ମୁଖ୍ୟଅତିଥିଭାବେ ମାନ୍ୟବର ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସଂଜୀବ କୁମାର ମଲ୍ଲିକ ଯୋଗଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ରକ୍ତଦାନ ଓ ଏହାର ମହତ୍ୱ ସମ୍ପର୍କରେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଶ୍ରୀ ଅତୁଲ କୁମାର ଦେ,




ଅନ୍ୟତମ ଉପଦେଷ୍ଟା ଅନିଲ୍ କୁମାର ଦେ, ପ୍ରବୀର କୁମାର ଦତ୍ତ ଓ ଯୁବନେତା ରାକେଶ କୁମାର ପଣ୍ଡା ମତବ୍ୟକ୍ତ କରିଥିଲେ। ଉକ୍ତ ଅନୁଷ୍ଠାନର ସଭାପତି ପ୍ରଣୟ କୁମାର ସାହୁ, ସମ୍ପାଦକ ପ୍ରଦୀପ କୁମାର ଦାସ, ସଭ୍ୟ ରାଜେଶ କୁମାର ନନ୍ଦୀ ଓ ଅନ୍ୟମାନେ ଉକ୍ତ କାର୍ଯ୍ୟକ୍ରମର ପରିଚାଳନା ଦାୟୀତ୍ୱ ନେଇଥିଲେ। ପ୍ରଥମ ଗ୍ରୁପ୍‌ର ରକ୍ତଦାତା ଭାବରେ ଶ୍ରୀ ସତ୍ୟ ସୁନ୍ଦର ପାତ୍ର, ଶ୍ରୀ ଲକ୍ଷ୍ମୀଧର ବିଶ୍ୱାଳ ଓ କମିଟିର ସମ୍ପାଦକ ପ୍ରଦୀପ କୁମାର ଦାସ ବ୍ୟକ୍ତିଗତଭାବେ ରକ୍ତଦାନ କରିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସୁଚାର ରୂପେ ସମ୍ପାଦନ କରିଥିଲେ। ଆଜିର ରକ୍ତଦାନ ଶିବିରରେ ୪୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ମହାପାତ୍ର ମେସ୍‌ର ସମସ୍ତ ଅନ୍ତେବାସୀ ମାନେ ଆଜିର କାର୍ଯ୍ୟକ୍ରମରେ ରକ୍ତଦାନ କରିଥିଲେ। ସେହି ମେସ୍‌ର ଉତ୍ସାହୀ ଛାତ୍ର ଶ୍ରୀ ମାନସ କୁମାର ପରିଡ଼ା ସ୍ୱେଚ୍ଛାକୃତ ରକ୍ତଦାନ ସହିତ ନିଆରା ଢ଼ଙ୍ଗରେ ସେହି ସ୍ଥାନରେ ନିଜର ଜନ୍ମଦାନ ପାଳନ କରିଥିଲେ। ଉକ୍ତ ଅନୁଷ୍ଠାନ ତରଫରୁ ସମସ୍ତଙ୍କ ପାଇଁ ମଧ୍ୟାହ୍ନରେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଶେଷରେ ଉକ୍ତ ଦୁର୍ଗାପୂଜା କମିଟି ତରଫରୁ ଭଦ୍ରକ ରକ୍ତ ଭଣ୍ଡାର ଓ ମେଡ଼ିକାଲ ପ୍ରଶାସନକୁ ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା।

## ମହିଳା ମହାବିଦ୍ୟାଳୟରେ ସାଂସ୍କୃତିକ ଉତ୍ସବ ଉଦ୍‌ଯାପିତ

ଭଦ୍ରକ, ୧୮/୧୨ (ନି.ପ୍ର): ସ୍ଥାନୀୟ ଭଦ୍ରକ ମହିଳା ମହାବିଦ୍ୟାଳୟରେ ଗତ ୧୩ତାରିଖରୁ ଆୟୋଜିତ ହୋଇଥିବା ସାଂସ୍କୃତିକ ସପ୍ତାହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷା ସୁଚିତ୍ରା ପାଣିଗ୍ରାହୀଙ୍କ ପୌରହିତ୍ୟରେ ଆୟୋଜିତ ଏହି ଉତ୍ସବରେ ଜିଲ୍ଲା ସଂସ୍କୃତି ଅଧିକାରୀ କନୁଜା ସିର୍କା ମହୋଦୟା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଛାତ୍ରୀ ମାନଙ୍କ ମଧ୍ୟରେ ଯେଉଁ ପ୍ରତିଭା ଲୁଚିରହିଛି ସେ ସବୁର ପ୍ରକାଶନ ନିମନ୍ତେ ମହାବିଦ୍ୟାଳୟରେ ଶିକ୍ଷା ସହିତ ଏଭଳି ସମାବେଶର ଆୟୋଜନ ବେଶ୍ ଆବଶ୍ୟକ ବୋଲି ଅଧକ୍ଷା ମତ ଦେଇଥିଲାବେଳେ ଛାତ୍ରୀମାନେ ଏହି ବୟସରେ ଏସବୁ ପ୍ରତିଭାକୁ ଅଧିକରୁ ଅଧିକ ବିକଶିତ କରିବା ଉଚିତ ବୋଲି



ମୁଖ୍ୟ ଅତିଥି କହିଥିଲେ। ଛାତ୍ରୀ ସଂସଦର ଉପଦେଷ୍ଟା ସୁପ୍ରୀତିକର ଓ ଅନ୍ୟତମ ବରିଷ୍ଠ ପ୍ରାଧାପିକା ଅନୀତା ଦଳାଇ ଦୀର୍ଘ ଦୁଇବର୍ଷର ବ୍ୟବଧାନ ପରେ ଏଭଳି ଉତ୍ସବର ଆୟୋଜନକୁ ଛାତ୍ରୀମାନେ ପୂର୍ଣ୍ଣ ପ୍ରାଣରେ ଉପଭୋଗ କରିଛନ୍ତି ବୋଲି ବ୍ୟକ୍ତ କରିଥିଲେ। ସାଂସ୍କୃତିକ ପରିଷଦର ଉପସଭାପତି ଡଃ ଆଭାମୟୀ ମହାପାତ୍ର ସ୍ୱାଗତ ସଂଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସାଂସ୍କୃତିକ ପରିଷଦର ସଦସ୍ୟ ସ୍ନିଗ୍ଧାରାଣୀ ଖୁଂଟିଆ, ଅବନ୍ତୀ ମହାନ୍ତି, ସଂଘମିତ୍ରା ଦାସ, ଗୀତାଞ୍ଜଳି ସାହୁ ପ୍ରମୁଖ ପୁରସ୍କାର ବିତରଣୀ ସମେତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସପ୍ତାହବ୍ୟାପି ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନୃତ୍ୟ, ସଂଗୀତ, ତର୍କ, ପ୍ରବନ୍ଧ, କବିତା ଲିଖନ, ଝୋଟି, ମେହେନ୍ଦି ପରି ବହୁ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ନିଜର ନିପୁଣତା ପ୍ରଦର୍ଶନ କରିଥିଲେ ଓ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ମଧ୍ୟ ହୋଇଥିଲେ।

## ଏବିଭିପି ପକ୍ଷରୁ ନଗର ସମ୍ମିଳନୀ ଓ ନୂତନ କାର୍ଯ୍ୟକାରିଣୀ ଗଠନ

ଭଦ୍ରକ, ୧୮/୧୨ (ନି.ପ୍ର): ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ(ଏବିଭିପି), ଭଦ୍ରକ ପକ୍ଷରୁ ନଗର ସମ୍ମିଳନୀ ଗାନ୍ଧିପଡ଼ିଆ ସ୍ଥିତ ସିତାରାମ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ରାଜ୍ୟ ସହ ସମ୍ପାଦକ ଆନନ୍ଦ ଶଙ୍କର ଦାସ, ମୁଖ୍ୟ ବକ୍ତା ଭାବେ ରାଜ୍ୟ ସହ-ସମ୍ପାଦକ ତଥା ବାଲେଶ୍ୱର ନଗର ସଂଗଠନ ସମ୍ପାଦକ ଅରିଜିତ୍ ପଟ୍ଟନାୟକ ଯୋଗ ଦେଇଥିଲେ କ୍ଷ ଶ୍ରୀମାନ ପଟ୍ଟନାୟକ ଏବିଭିପିର ଲକ୍ଷ୍ୟ, ଆଦର୍ଶ ଓ କାର୍ଯ୍ୟ ବିସ୍ତାର ବିଷୟରେ ନିଜର ଅଭିଭାଷଣ ରଖିଥିଲେ। ପୁରାତନ ନଗର ସମ୍ପାଦକ ଦେବାଶିଷ ଲାହା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଜିଲ୍ଲା ପ୍ରମୁଖ ସ୍ୱାଧୀନ




ସୁନ୍ଦର ଦାସ ପୁରାତନ କାର୍ଯ୍ୟକାରୀଣି ଭଙ୍ଗ କରି, ନୂତନ କାର୍ଯ୍ୟକାରୀଣି ଘୋଷଣା କରିଥିଲେ। ନୂତନ ନଗର ସଭାପତି ରୂପେ ବରିଷ୍ଠ ସାମ୍ବାଦିକ ରାଜେଶ୍ ଦାସ ଓ ନଗର ସମ୍ପାଦକ ରୂପେ ଛାତ୍ରନେତା ବିଶ୍ୱନାଥ ଲାହା ମନୋନୀତ ହୋଇଛନ୍ତି କ୍ଷ ଜିଲ୍ଲା ସଂଯୋଜକ ବଦ୍ରି ମୋହନ ରାଉତ, ଜିଲ୍ଲା ସହ ସଂଯୋଜକ ଜ୍ୟୋତିପ୍ରକାଶ ସାହୁ, ନଗର ସଂଗଠନ ସମ୍ପାଦକ ଗୋପବନ୍ଧୁ ଜେନାଙ୍କ ଉପସ୍ଥିତିରେ ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଥିଲା । ନୂତନ କାର୍ଯ୍ୟକାରିଣୀରେ ଉପ ସଭାପତି ଭାବରେ ସୁନୀତା ମହନ୍ତ, ଦେବାଶିଷ ଲାହା, ଦୀପକ ବେହେରା, ଇନ୍ଦ୍ରଜିତ ଦାସ, ସହ ସମ୍ପାଦକ ଭାବରେ ଶୁଭମ ରାଉତ, ବିଭୁ କିଶୋର ରାଉତ, ରାହୁଲ ଦେବ ସାହୁ, ବାମଦେବ ବାରିକ, ରୋହିତ ପଣ୍ଡା ଏବଂ ବରଦା ପ୍ରସନ୍ନ ନାୟକ, ଛାତ୍ରୀ ପ୍ରମୁଖ ମୋନାଲିସା ସାହୁ, ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ ପ୍ରିୟଙ୍କା ଦାଶ, କ୍ରୀଡା ପ୍ରମୁଖ ପୂର୍ଣ୍ଣିମା ଦାସ, ଏସ.'.ଡି ପ୍ରମୁଖ ମନୋଜ କୁମାର ନାୟକ, ଏସ.ଏ.ଏସ ପ୍ରମୁଖ କିରଣ କୁମାର ନାୟକ, ଟି.ଏସ.ଭି.ପି ପ୍ରମୁଖ ସୌମ୍ୟ ବ୍ରତ ସାହୁ, ଜନ ସମ୍ପର୍କ ପ୍ରମୁଖ ଆଲୋକ ଦାସ, ଛାତ୍ର ସନ୍ଦେଶ ପ୍ରମୁଖ ସିଦ୍ଧାନ୍ତ ସାହୁ, କାର୍ଯ୍ୟ କାରିଣୀ ସଦସ୍ୟ ଭାବରେ ପାର୍ବତୀ ମିଶ୍ର, ଅମିତ ସ୍ୱାଇଁ, ଅଭିରାମ ସାହୁ, କବିତା ଦାସଙ୍କ ନାମ ଘୋଷଣା କରାଯାଇଛି। ନୂତନ ନଗର କାର୍ଯ୍ୟକାରିଣୀ ବୈଠକରେ ଅନୁଗୁଳରେ ଅନୁଷ୍ଠିତ ଆଗାମୀ ରାଜ୍ୟ ଅଧିବେଶନ ଏବଂ ଜିଲ୍ଲାର ସାଂଗଠାନିକ ସ୍ଥିତି ଓ ଶିକ୍ଷା ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଜିଲ୍ଲା ସ୍ତରୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଂଜଦେଓ ଜୟନ୍ତୀ ପାଳିତ

ବାରିପଦା, ୧୮/୧୨ (ନି.ପ୍ର): ଆଜି ମୟୁରଭଂଜ ଜିଲ୍ଲା ସଦର ମହକୁମା ବାରିପଦା ଠାରେ ମୟୁରଭଂଜର ତତ୍‌କାଳୀନ ପ୍ରଜାନୁରଂଜକ ମହାରାଜା ତଥା ଉତ୍କଳର ଅନ୍ୟତମ ବରପୁତ୍ର ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓଙ୍କ ପବିତ୍ର ୧୫୨ତମ ଜୟନ୍ତୀ ଉତ୍ସବ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ବାରିପଦା ପୌରପାଳିକାଙ୍କ ମିଳିତ ଆନୁକୂଲ୍ୟ ରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜଦେଓ ପ୍ରତିମୂର୍ତ୍ତି ସ୍ଥଳରେ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି ଏବଂ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା




ଉପଜିଲ୍ଲାପାଳ ବାରିପଦା ତଥା ପୌରପାଳିକା ନିର୍ବାହୀ ଅଧିକାରୀ, ବସନ୍ତ କୁମାର ସେଠି, ବାରିପଦା ପୌର ପାଳିକା ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼. ଦେବାଶିଷ ମାର୍ଣ୍ଡି ବାରିପଦା ପୌର ପାଳିକାର ବିଭିନ୍ନ ୱାର୍ଡର କାଉନସିଲର, ବିଭିନ୍ନ ପଦାଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ମୁଖ୍ୟ, ବରିଷ୍ଠ ଆଇନ ଜିବୀ, ପ୍ରତିଶ୍ରୁତି ପ୍ରତିଷ୍ଠାନର ସମ୍ପାଦକ ଭାଗବତ ପଣ୍ଡା, ବରିଷ୍ଠ ନାଗରିକ ତଥା ସମାଜସେବୀ ଶରତ ଚନ୍ଦ୍ର ନାୟକ ପ୍ରମୁଖ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇ ମହାରାଜାଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଏହି ଅବସରରେ ଫେସିଲିଟେସନ ସେଂଟରରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ସେଠି, ନଗରପାଳ କୃଷ୍ଣା ନନ୍ଦ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ଡ଼. ଦେବାଶିଷ ମାର୍ଣ୍ଡି ଯୋଗଦେଇ ମହାରାଜା ଙ୍କ ଜୀବନ ଦର୍ଶନ ଉପରେ ଆଲୋକ ପାତ କରିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ମହାରାଜା ଜୟନ୍ତୀ ଉତ୍ସବକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ବିକାଶ ରଞ୍ଜନ ମହାନ୍ତି ପରିଚାଳନା କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001,
Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo